




ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୦ ଜୁନ୍ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 10 June 2024
Vol.No. 35 ■ No.155 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ୩ୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଲେ ନରେନ୍ଦ୍ର ମୋଦୀ

## ପଦ ଓ ଗୋପନୀୟତାର ଶପଥ ପାଠ କରାଇଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୯/୬ : ମୁଁ ନରେନ୍ଦ୍ର ଦାମୋଦରଦାସ ମୋଦି ଈଶ୍ୱରଙ୍କ ଶପଥ ନେଉଛି ଯେ ମୁଁ ବିଧି ଦ୍ୱାରା ସ୍ଥାପିତ ଭାରତର ସମ୍ବିଧାନ ପ୍ରତି ସତ୍ୟ ଶ୍ରଦ୍ଧା ଓ ନିଷ୍ଠା ରଖିବି। ମୁଁ ଭାରତର ସାର୍ବଭୌମତ୍ୱ ଓ ଅଖଣ୍ଡତା ଅକ୍ଷୁଣ୍ଣ ରଖିବି। ମୁଁ ସଂଘର ପ୍ରଧାନମନ୍ତ୍ରୀ ହିସାବରେ ନିଜର କର୍ତ୍ତବ୍ୟକୁ ଶ୍ରଦ୍ଧାପୂର୍ବକ ଓ ନିଷ୍ଠାର ସହ ନିର୍ବାହନ କରିବି। ତଥା ମୁଁ ଭୟ କିମ୍ବା ପକ୍ଷପାତିତା, ଅନୁରାଗ କିମ୍ବା ବିଦ୍ୱେଷ ବିନା ସବୁ ପ୍ରକାରର ଲୋକଙ୍କ ପ୍ରତି ସମ୍ବିଧାନ ଓ ବିଧି ଅନୁସାରେ ନ୍ୟାୟ କରିବି। ମୁଁ ନରେନ୍ଦ୍ର ଦାମୋଦରଦାସ ମୋଦି ଈଶ୍ୱରଙ୍କ ଶପଥ ନେଉଛି ଯେ ଯେଉଁ ବିଷୟ ସଂଘର ପ୍ରଧାନମନ୍ତ୍ରୀ ରୂପେ ମୋ ବିଚାରକୁ ଅଣାଯିବ କିମ୍ବା ମୋତେ ଜ୍ଞାତ ହେବ, ତାକୁ ପ୍ରଧାନମନ୍ତ୍ରୀ ରୂପେ ମୋର କର୍ତ୍ତବ୍ୟର ସମୁଚିତ ନିର୍ବାହ ନିମିତ, ଯେପରି ଆବଶ୍ୟକ ହେବ ତଦଭିନ୍ନ ପ୍ରତ୍ୟେକ୍ଷ କିମ୍ବା ପରୋକ୍ଷ ଭାବେ କୌଣସି ବ୍ୟକ୍ତି କିମ୍ବା ବ୍ୟକ୍ତି ସମୂହଙ୍କୁ ଜଣାଇବି ନାହିଁ କିମ୍ବା ପ୍ରକଟ କରିବି ନାହିଁ। ଆଜି ଏପରି ଢଙ୍ଗରେ ପ୍ରଧାନମନ୍ତ୍ରୀ ପଦର ଶପଥ ନେଇ ଇତିହାସ ରଚିଛନ୍ତି ମୋଦି। ସେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହର ଲାଲ ନେହରୁଙ୍କ ସମକକ୍ଷ ହୋଇଛନ୍ତି। ନେହରୁଙ୍କ ଭଳି ମୋଦି ମଧ୍ୟ କ୍ରମାଗତ ତୃତୀୟ ଥର ପାଇଁ ଦେଶର ପ୍ରଧାନମନ୍ତ୍ରୀ ହୋଇ ହେବାର ଗୌରବ ପାଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ମୋଦି ହିନ୍ଦୀ ଭାଷାରେ ହିଁ ଶପଥ ଗ୍ରହଣ କରିଛନ୍ତି। ଶପଥ ପାଠ ପରେ ଦେଶରେ ମୋଦି ୩.୦ ସରକାର ଆରମ୍ଭ ହୋଇ ଯାଇଛି। ମୋଦିଙ୍କ ସହ ୩୦ ଜଣ କ୍ୟାବିନେଟ ମନ୍ତ୍ରୀ, ୫ ଜଣ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ ଦାୟିତ୍ୱ) ଓ ୩୬ ଜଣ ରାଷ୍ଟ୍ରମନ୍ତ୍ରୀ ଭାବେ ମଧ୍ୟ ଶପଥ ନେଇଛନ୍ତି। ୨୦୧୪ରେ ମୋଦିଙ୍କ ୧୮ ଜଣ ଓ ୨୦୧୯ରେ ମୋଦିଙ୍କ ସହ ୨୫ ଜଣ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଥିଲେ। କିନ୍ତୁ ଏଥର ରେକର୍ଡ ୩୦ ଜଣ କ୍ୟାବିନେଟ ମନ୍ତ୍ରୀ ଭାବେ ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି। ମୋଟ ୭୧ ଜଣ ମନ୍ତ୍ରୀଙ୍କ ମଧ୍ୟରେ ୨୭ ଜଣ ଓବିସି, ୧୦ ଜଣ ଏସସି, ୫ ଜଣ ଏସ୍ ?ଟି ଓ ୫ ଜଣ ସଂଖ୍ୟାଲଘୁ ସଂପ୍ରଦାୟର ସଦସ୍ୟ ରହିଛନ୍ତି। ସେହିପରି ବିଜେପି ନିଜ ପାଖରେ ୬୦ଟି ମନ୍ତ୍ରୀ ପଦ ରଖିଥିବା ବେଳେ ସହଯୋଗୀମାନଙ୍କୁ କେବଳ ୧୧ଟି ଆସନ ଦେଇଛି। ସେହିପରି ୨୪ଟି ରାଜ୍ୟର ପ୍ରତିନିଧିଙ୍କୁ ମୋଦି ୩.୦ ସରକାରରେ ସାମିଲ କରାଯାଇଛି। ୨୦୨୪ ଓ ୨୦୧୯ରେ ମଧ୍ୟ ମୋଦି ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ। କିନ୍ତୁ ୨୦୧୪ ଓ ୨୦୧୯ ଭଳି ସ୍ଥିତି ଏଥର ନାହିଁ। କାରଣ ୨୦୧୪ ଓ ୨୦୧୯ରେ ବିଜେପି ଏକାକୀ ସରକାର ଗଠନ କରିବାକୁ ମ୍ୟାଜିକ ନମ୍ବର ହାସଲ କରିଥିଲା। କିନ୍ତୁ ଦଳ ଏଥର ୨୪୦ଟି ଆସନ ଜିତିଛି। ତେଣୁ ସହଯୋଗୀ ଦଳଗୁଡ଼ିକ ସହାୟତାରେ ମୋଦି ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ବିଜେପି ଓ ତା'ର ସହଯୋଗୀ ଦଳ ମିଳିତ ଭାବେ ୨୯୨ଟି ▶▶ପୃଷ୍ଠା ୭





■ଓଡ଼ିଶାରୁ କ୍ୟାବିନେଟ୍‌ରେ ସ୍ଥାନ ପାଇଲେ ଧର୍ମେନ୍ଦ୍ର, ଜୁଏଲ୍‌ଙ୍କ ସହିତ ଅଶ୍ୱିନୀ

## ମୋଦୀଙ୍କ ରୋଡ୍ ସୋ' ପୁଣି ଦେଖିବେ ଭୁବନେଶ୍ୱରବାସୀ

ଭୁବନେଶ୍ୱର, ୯/୬ (ନି.ପ୍ର): ମାସକ ବ୍ୟବଧାନରେ ରାଜଧାନୀ ଭୁବନେଶ୍ୱରବାସୀ ପୁଣି ଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରୋଡ୍ ସୋ' ଦେଖିବେ। ରାଜ୍ୟରେ ଭାରତୀୟ ଜନତା ପାର୍ଟି (ବିଜେପି) ସରକାର ଆରମ୍ଭ ହେବାର ଅଳ୍ପ ସମୟ ପୂର୍ବରୁ ମୋଦୀ ରୋଡ୍ ସୋ' କରିବେ। ମୋଦୀଙ୍କ ଏହି ରୋଡ୍ ସୋ' ଆସନ୍ତା ୧୨ ତାରିଖ ସନ୍ଧ୍ୟା ସମୟରେ ଆୟୋଜନ କରାଯିବ। ଏକ ସ୍ୱତନ୍ତ୍ର ଏକ ବାହନରେ ନରେନ୍ଦ୍ର ମୋଦୀ ଜୟଦେବ ବିହାର ଠାରୁ ଜନତା ମଇଦାନ ଅଭିମୁଖେ ବାହାରିବେ। ନୂଆ ମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ କରିବା ପୂର୍ବରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସୂଚନାଯୋଗ୍ୟ, ଗତମାସ ୧୦ ତାରିଖରେ ମୋଦୀଙ୍କ ରୋଡ୍ ସୋ' ଭୁବନେଶ୍ୱରରେ ଆୟୋଜନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାଷ୍ଟରକ୍ୟାଣ୍ଟିନ୍ ଦେଇ ବିଜେପି ରାଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ ରାତି ୮ଟା ୪୧ ମିନିଟ୍‌ରେ ପହଞ୍ଚିଥିଲେ। କାରରୁ ଓହ୍ଲାଇ ସ୍ୱତନ୍ତ୍ର ▶▶ପୃଷ୍ଠା ୭

## କଟକ ଏସ୍‌ସିବିରୁ ଡିସ୍‌ଚାର୍ଜ ହେଲେ ପ୍ରଶାନ୍ତ ଜଗଦେବ



ଭୁବନେଶ୍ୱର, ୯/୬ (ନି.ପ୍ର): କଟକ ବଡ଼ ଡାକ୍ତରଖାନାରୁ ଆଜି ଭୋରରେ ଡିସଚାର୍ଜ ହୋଇଛନ୍ତି ଖୋର୍ଦ୍ଧାର ନବନିର୍ବାଚିତ ବିଧାୟକ ପ୍ରଶାନ୍ତ ଜଗଦେବ। ୧୧ ଦିନ ପରେ ତାଙ୍କୁ ଡିସ୍‌ଚାର୍ଜ କରାଯାଇଛି। ଗତ ମେ' ୨୯ ତାରିଖରେ ସେ ଅସୁସ୍ଥ ହୋଇ କଟକ ବଡ଼ ଡାକ୍ତରଖାନାର ମେଡିସିନ ବିଭାଗରେ ଭର୍ତ୍ତି ହୋଇଥିଲେ। ଇଭିଏମ୍ ଭଙ୍ଗାରୁଜା କରିଥିବା ଅଭିଯୋଗରେ ଗତ ମେ' ୨୫ ତାରିଖ ବିଳମ୍ବିତ ରାତିରେ ପ୍ରଶାନ୍ତ ଜଗଦେବଙ୍କୁ ଗିରଫ କରାଯାଇଥିଲା। କୋର୍ଟରେ ହାଜର କରାଯିବା ପରେ ତାଙ୍କୁ ଖୋର୍ଦ୍ଧା ଜେଲ୍‌କୁ ପଠାଇ ଦିଆଯାଇଥିଲା। ଜେଲ୍‌ରେ ଥିବା ବେଳେ ମେ' ୨୮ ତାରିଖରେ ଅସୁସ୍ଥ ହୋଇପଡ଼ିଥିଲେ ପ୍ରଶାନ୍ତ ଜଗଦେବ। ତେଣୁ ମେ' ୨୯ ତାରିଖ ଭୋରରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାର ମେଡିସିନ୍ ବିଭାଗର ▶▶ପୃଷ୍ଠା ୭

## ୧୭ରେ ଖୋଲିବ ସ୍କୁଲ୍

ଭୁବନେଶ୍ୱର, ୯/୬ (ନି.ପ୍ର): ୧୭ରେ ଖୋଲିବ ସ୍କୁଲ୍ । ସପ୍ତାହେ ପୂର୍ବରୁ ହେବ ପ୍ରସ୍ତୁତି। ଶ୍ରେଣୀ ଗୃହରୁ ନେଇ ଶୌଚାଳୟ ପରିଷ୍କାର କରିବାକୁ ସମସ୍ତ ଡିଇଓଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି । ଶ୍ରେଣୀ ଗୃହ, କ୍ୟାମ୍ପସ ସଫା କରିବା ସହ କଟାଯିବ ଅନାବନା ଘାସ। ମଧ୍ୟାହ୍ନ ଭୋଜନ ସାମଗ୍ରୀ ଯାଂଚ କରାଯିବ । ପାନୀୟ ଜଳକୁ ଗୁରୁତ୍ୱ ଦିଆଯାଇଛି । ସ୍କୁଲ୍ ଖୋଲିବାର ଦିନକ ପୂର୍ବରୁ ଆସିବେ ପାଚିକା ଓ ସହାୟିକା ।

## ୧୦ ନୁହେଁ, ୧୨ରେ ଶପଥ ନେବେ ଓଡ଼ିଶାର ନୂଆ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୯/୬ (ନି.ପ୍ର): ଓଡ଼ିଶାର ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ସମାରୋହ ତାରିଖ ବଦଳିଛି। ଜୁନ୍ ୧୦ ପରିବର୍ତ୍ତେ ଜୁନ୍ ୧୨ରେ ହେବ ଶପଥ ଗ୍ରହଣ ସମାରୋହ। ବିଜେପି ରାଜ୍ୟ ମୁଖପାତ୍ର ଯତୀନ ମହାନ୍ତି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ୧୧ ତାରିଖରେ ବିଧାୟକ ଦଳ ବୈଠକ ବସିବ। ସେଠାରେ ମୁଖ୍ୟମନ୍ତ୍ରୀଙ୍କ ନାଁ ଘୋଷଣା କରାଯିବ। ଶ୍ରୀ ମହାନ୍ତି କହିଛନ୍ତି, କିଛିଟା ବ୍ୟସ୍ତବହୁଳତା ତଥା ଦୁଇ ଦୁଇଟି ରାଜ୍ୟରେ ନୂତନ ମୁଖ୍ୟମନ୍ତ୍ରୀମାନେ ଶପଥ ଗ୍ରହଣ କରିବାର କାର୍ଯ୍ୟ ଥିବା ହେତୁ ଦୁଇ ଦିନ ଏହି କାର୍ଯ୍ୟକ୍ରମକୁ ଘୁଞ୍ଚାଇ ଦିଆଯାଇଛି। ପରବର୍ତ୍ତୀ ସମୟରେ ଶପଥ ଗ୍ରହଣ ସମାରୋହର ସମୟ ଓ ସଂପୂର୍ଣ୍ଣ ବିବରଣୀ ସଂପର୍କରେ ସୂଚନା ଦିଆଯିବ। ଶପଥଗ୍ରହଣ ଉତ୍ସବ ପାଇଁ ଜନତା ମୈଦାନରେ ଜୋରଦାର ପ୍ରସ୍ତୁତି ଚାଲିଥିବା ବେଳେ ଏଯାଏଁ ବିଜେପି କାହାକୁ ମୁଖ୍ୟମନ୍ତ୍ରୀ କରିବ, ତାହା ସ୍ପଷ୍ଟ ହୋଇନାହିଁ। ମୁଖ୍ୟମନ୍ତ୍ରୀ ପଦ ପାଇଁ ଯେଉଁମାନଙ୍କ ନାଁ ଆଲୋଚନା ହେଉଛି, ସେମାନଙ୍କ ମଧ୍ୟରେ ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ▶▶ପୃଷ୍ଠା ୭

## ନକଲି ଡାକ୍ତରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି

ଗଞ୍ଜାମ, ୯/୬ (ନି.ପ୍ର): ନକଲି ଡାକ୍ତରଙ୍କୁ ସାବାଡ୍ କରିବା ପାଇଁ ସବୁ ଜିଲ୍ଲାରେ ଆଂଟି କ୍ୱାକେରୀ ସେଲ ସିଡିଏମଓଙ୍କ ଅଧ୍ୟକ୍ଷତାରେ ଗଠନ କରାଯାଇଛି । ଏହି ସେଲ୍ ତାଙ୍କ ଜିଲାରେ ଥିବା ନକଲି ଡାକ୍ତରଙ୍କୁ ଖୋଜି ବାହାର କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ତେବେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ବହୁ ନକଲି ଡାକ୍ତର କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ବିଶେଷ କରି ପିତଳ ଛକ, ପିତଳ ବଜାର ଓ ବଡସାହିରେ କ୍ଲିନିଂ ଖୋଲି ଜଣେ ନକଲି ଡାକ୍ତର ଗରିବ, ଅଶିକ୍ଷିତ ଓ ସରଳ ବ୍ୟକ୍ତିଙ୍କୁ ଚିକିତ୍ସା ବାହନାରେ ହଜାର ହଜାର ଟଙ୍କା ଲୁଟିବା ସହ ରୋଗୀଙ୍କ ଜୀବନ ସହ ଖେଳ ଖେଳୁଥିବା ଅଭିଯୋଗ ହେଉଛି।

## ପରାଜୟ ପରେ ରାଜନୀତି ଛାଡ଼ିଲେ ପାଣ୍ଡିଆନ୍: ବିଜେଡି କର୍ମୀଙ୍କୁ ହାତ ଯୋଡ଼ି ଭୁଲ୍ ମାଗିଲେ

ଭୁବନେଶ୍ୱର, ୯/୬ (ନି.ପ୍ର): ବିଜେଡିର ଶୋଚନୀୟ ପରାଜୟ ପରେ ରାଜନୀତିରୁ ଅବସର ଘୋଷଣା କଲେ ଭି.କେ ପାଣ୍ଡିଆନ୍। ଆଜି ସୋଶାଲ୍ ମିଡ଼ିଆରେ ଭିଡିଓ ବାର୍ତ୍ତା ଜାରି କରି ବିଜେଡିରୁ ଅବସର ନେଉଥିବା ଘୋଷଣା କରିଛନ୍ତି। ଏଥିସହ ହାତ ଯୋଡ଼ି ବିଜେଡି କର୍ମକର୍ତ୍ତାଙ୍କୁ ଭୁଲ୍ ମାଗିଛନ୍ତି ଭିକେ ପାଣ୍ଡିଆନ୍। ଭିଡିଓ ବାର୍ତ୍ତା ଜାରି କରି ଭି.କେ ପାଣ୍ଡିଆନ୍ କହିଛନ୍ତି, ମୁଁ ଗୋଟିଏ ଛୋଟିଆ ଗାଁର ଏକ ବିନମ୍ର ପରିବାରରୁ ଆସିଛି। ଆଇଏଏସ୍ ଅଫିସର



ହୋଇ ଲୋକଙ୍କ ପାଇଁ ସେବା କରିବାକୁ ପିଲା ଦିନରୁ ସ୍ୱପ୍ନ ଦେଖୁଥିଲି। ପ୍ରଭୁ ଜଗନ୍ନାଥଙ୍କ କୃପାରୁ ଏହା ସମ୍ଭବ ହୋଇଛି। ମୋ ପରିବାର କେନ୍ଦ୍ରପଡ଼ାର ହୋଇଥିବାରୁ ମୁଁ ଓଡ଼ିଶା ଆସିବାକୁ ସୁଯୋଗ ପାଇଥିଲି। ଏ ମାଟିରେ ପାଦ ଦେବା ଠାରୁ ଓଡ଼ିଶା ବାସୀଙ୍କଠାରୁ ଭଲ ପାଇବା ଓ ସ୍ନେହ ପାଇଛି। ଧର୍ମଗଡ଼ରୁ ଆରମ୍ଭ କରି ରାଉରକେଲା,ମୟୂରଭଞ୍ଜ, ଗଞ୍ଜାମ ଯାଏ ମୁଁ ଲୋକମାନଙ୍କ ପାଇଁ ବହୁ ପରିଶ୍ରମ ସହ କାମ କରିବାକୁ ଚେଷ୍ଟା କରିଛି। ୧୨ବର୍ଷ ତଳେ ମୁଖ୍ୟମନ୍ତ୍ରୀଙ୍କ ଅଫିସରେ ଯୋଗଦେଇଥିଲି। ନବୀନ ପଟ୍ଟନାୟକଙ୍କ ପାଇଁ କାମ କରିବା ମୋ ପାଇଁ ▶▶ପୃଷ୍ଠା ୭

## ଉନ୍ମୋଚିତ ହେଲା 'ପଦାରବିନ୍ଦେ ଶ୍ରଦ୍ଧାଞ୍ଜଳି' ସ୍ମୃତିଗ୍ରନ୍ଥ: ବିଶିଷ୍ଟ ଆଡ୍‌ଭୋକେଟ୍ ପଦାରବିନ୍ଦ ଦଣ୍ଡପାଟଙ୍କୁ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର, ୯/୬ (ନି.ପ୍ର): ବାଲେଶ୍ୱରର ବରିଷ୍ଠ ଆଡ୍‌ଭୋକେଟ୍ ତଥା ସମାଜସେବୀ ପଦାରବିନ୍ଦ ଦଣ୍ଡପାଟଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀରେ ତାଙ୍କ ଏଡି.ଏମ୍. ଛକ ସନ୍ନିକଟ ବାସଭବନରେ ବହୁବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କର ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ତାଙ୍କ ଉଦ୍ଦେଶ୍ୟରେ ପ୍ରକାଶିତ ସ୍ମୃତିଗ୍ରନ୍ଥ 'ପଦାରବିନ୍ଦେ ଶ୍ରଦ୍ଧାଞ୍ଜଳି' ଉନ୍ମୋଚନ ହୋଇଥିଲା। ବିଶିଷ୍ଟ



ସାହିତ୍ୟିକ ଡ. ରମାକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଧ୍ୱନିପ୍ରତିଧ୍ୱନିର ମୁଖ୍ୟ ସଂପାଦକ ସୃଷ୍ଟିଧର ପରିଡ଼ା, ପ୍ରତିଭାଶ୍ରୀର ମୁଖ୍ୟ କବି ପ୍ରଶାନ୍ତ ଦାସ, ସୁବର୍ଣ୍ଣଶ୍ରୀର ପ୍ରତିଷ୍ଠାତା କବି କାଳୀପଦ ପଣ୍ଡା, ଆଡଭୋକେଟ୍ ଜିତେନ୍ଦ୍ର ଉପାଧ୍ୟାୟ, ଲେଖକ କିଶୋର ମୋହନ ସିଂହ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ହୋଇ ପଦାରବିନ୍ଦ ▶▶ପୃଷ୍ଠା ୭

## ତୀର୍ଥ ଯାତ୍ରୀ ବସ୍ ଉପରେ ଆତଙ୍କୀ ହମ୍‌ଲା: ୧୦ ମୃତ

ନୂଆଦିଲ୍ଲୀ, ୯/୬ : ତୀର୍ଥ ଯାତ୍ରୀ ବସ୍ ଉପରେ ଆତଙ୍କବାଦୀ ଆକ୍ରମଣ ହୋଇଛି। ଏଥିରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୩ ଜଣ ଗୁରୁତର ହୋଇଛନ୍ତି। ଏପରି ଘଟଣା ଜମ୍ମୁ-କଶ୍ମୀର ରାଜ୍ୟର ରିସି ଜିଲ୍ଲାରେ ଘଟିଛି। ତୀର୍ଥ ଯାତ୍ରୀମାନେ ଶିବଖେଡୀ ଗୁମ୍ଫା ଦର୍ଶନ କରି ବସ୍‌ରେ କଟ୍‌ରା ଫେରୁଥିଲେ। ଶୁକ୍ରବାର ସନ୍ଧ୍ୟା ପ୍ରାୟ ୬.୧୦ ମିନିଟ୍ ସମୟରେ ପୋନି ଅଞ୍ଚଳରେ ବସ୍ ଉପରକୁ ଆତଙ୍କବାଦୀମାନେ ଆଖିବୁଜା ଗୁଳି ଚାଳନା କରିଥିଲେ। ଗୁଳି ମାଡ଼ ପରେ ବସ୍ ଚାଳକ ଭୟଭୀତ ହୋଇପଡ଼ିଥିଲେ। ବସ୍ ସନ୍ତୁଳନ ହରାଇ ଘାଟିରେ ଖସି ପଡ଼ିଥିଲା। ଖବର ପାଇ ପୁଲିସ୍ ଟିମ୍ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ଏଥିରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୩ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ଉଦ୍ଧାର କରାଯାଇ ନାରାୟଣ ମେଡ଼ିକାଲ୍ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ରିସି ଏସ୍‌ଏସ୍‌ପି ମୋହିତ ଶର୍ମାଙ୍କ କହିବା ଅନୁସାରେ ଗୁଳି ଚାଳନା ଯୋଗୁ ବସ୍ ଚାଳକ ଭାରସାମ୍ୟ ହରାଇଥିଲେ। ଯେଉଁଥିପାଇଁ ବସ୍‌ଟି ଖସି ପଡ଼ିଥିଲା। ମୃତକ ଓ ଆହତମାନେ ସ୍ଥାନୀୟ ଅଞ୍ଚଳର ନୁହେଁ। ଏମାନଙ୍କ ପରିଚୟ ମିଳିପାରି ନାହିଁ। ଏମାନେ ଉତ୍ତର ପ୍ରଦେଶର ବୋଲି ଅନୁମାନ କରାଯାଉଛି। ଆତଙ୍କୀ ହମ୍‌ଲା ପରେ ସର୍ଚ୍ଚ ଅପରେସନ୍ ଚାଲିଥିବା ଏସ୍‌ଏସ୍‌ପି କହିଛନ୍ତି।

## ଓଡ଼ିଶା ଖଦୀ ବୋର୍ଡ ସଭାପତି ପଦରୁ ସଂଗ୍ରାମ ପାଇକରାୟଙ୍କ ଇସ୍ତଫା

ଭୁବନେଶ୍ୱର, ୯/୬ (ନି.ପ୍ର): ଓଡ଼ିଶା ଖଦି ଓ ଗ୍ରାମ୍ୟ ଉଦ୍ୟୋଗ ବିଭାଗ ବୋର୍ଡର ସଭାପତି ପଦରୁ ରବିବାର ସଂଗ୍ରାମ କେଶରୀ ପାଇକରାୟ ଇସ୍ତଫା ଦେଇଛନ୍ତି । ସେ ପ୍ରଥମେ ଖଦି ଓ ଗ୍ରାମ୍ୟ ଉଦ୍ୟୋଗ ବିଭାଗରେ ୩୧ ଆଗଷ୍ଟ ୨୦୧୯ ରୁ ୫ ଜୁନ ୨୦୨୨ ପର୍ଯ୍ୟନ୍ତ ଇନଚାର୍ଜ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ । ପରବର୍ତ୍ତୀ ସମୟରେ ସେ ୨୧ ଅକ୍ଟୋବର ୨୦୨୨ରୁ ୮ ଜୁନ ୨୦୨୪ ପର୍ଯ୍ୟନ୍ତ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ତାଙ୍କ ସମୟରେ ଖଦି ବୋର୍ଡର ଅନେକ ଜବରଦଖଲ ହୋଇଥିବା ସ୍ଥାନଗୁଡ଼ିକୁ ଜବରଦଖଲ ମୁକ୍ତ କରାଯାଇଥିଲା । ଏଥିସହ ୩ ହଜାରରୁ ଅଧିକ ଯୁବପିଢ଼ିଙ୍କୁ ଗ୍ରାମ୍ୟ ଉଦ୍ୟୋଗ ମାଧ୍ୟମରେ ଋଣ ପ୍ରଦାନ କରିବାରେ ସହାୟତା ପ୍ରଦାନ କରାଯିବା ସହ ମହୁଚାଷୀଙ୍କ ଲାଗି ମହୁ ବାକ୍ସ, ମହୁ ମାଛି ଦଳ ତଥା ଆନୁସଙ୍ଗିକ ଆବଶ୍ୟକୀୟ ଉପକରଣ ଯୋଗାଇ ଦିଆଯାଇଥିଲା।

## ଦେଶି ମଦ ଚାଲାଣ ବେଳେ ଚଢ଼ଉ : ୨ ଗିରଫ

ଜୟପୁର, ୯/୬ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ପକ୍ଷରୁ ଆଜି ଚଢଉ କରାଯାଇ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ଡଙ୍ଗରା ଗ୍ରାମର ଦୁର୍ଯ୍ୟୋଧନ ହରିଜନ (୩୫) ଓ ରତନ ହରିଜନ (୨୫) । ଜୟପୁର ଅବକାରି ଥାନା ସୂଚନା ଅନୁଯାୟୀ, ଦେଶି ମଦ ଚାଲାଣ ହେଉଥିବା ସୂଚନା ପାଇ କୁମୁଲିପୁଟ ରାସ୍ତାରେ ଚଢଉ କରି ରତନ ହରିଜନ ଠାରୁ ୯ ଲିଟର ଦେଶି ମଦ ଜବତ କରିଛି । ସେହିପରି କେବିଡି ରାସ୍ତାରେ ଚଢଉ କରି ଦୁର୍ଯ୍ୟୋଧନ ହରିଜନ ଠାରୁ ୮ ଲିଟର ଦେଶି ମଦ ଜବତ କରିଛି । ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବିଷୟ ଜୟପୁର ଅବକାରି ଥାନା ତରଫରୁ ସୂଚନା ଦିଆଯାଇଛି ।

# ବିଜେପୁର ପଂଚାୟତରେ ପାନୀୟ ଜଳ ସଙ୍କଟ

ଭବାନୀପାଟଣା, ୯/୬ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବିଜେପୁର ପଂଚାୟତ ଅନ୍ତର୍ଗତ ବିଜେପୁର ବଜାରପଡାରେ ଦୀର୍ଘ ବର୍ଷ ହେବ ପାଣି ସମସ୍ୟା ଦେଖା ଦେଇଛି ହେଲେ ଏହି ସମସ୍ୟାକୁ ନେଇ ପଂଚାୟତ ଓ ବ୍ଲକ ପ୍ରଶାସନକୁ ବାରମ୍ବାର ଅଭିଯୋଗ କଲା ପରେ ମଧ୍ୟ ପ୍ରଶାସନ ଏଯାଏଁ କୌଣସି ବ୍ୟବସ୍ଥା ନ କରିବାରୁ ଜଳ କଷ୍ଟ ଭୋଗିବାକୁ ପଡୁଛି ବୋଲି ବିଜେପୁର ବଜାର ପଡା ବାସି ମତ ପ୍ରକାଶ କରିଛନ୍ତି। ଏହି ପଡ଼ାରେ ହାରାହାରି ୩୫ ଘର ଦୀର୍ଘ ବର୍ଷ ଧରି ବସବାସ କରୁଥିବା ବେଳେ ଗୋଟିଏ ମାତ୍ର ନଳକୂପ ଅଛି ହେଲେ ପର୍ଯ୍ୟାପ୍ତ ପରିମାଣରେ ପାଣି ବାହାରୁ ନ ଥିବାରୁ ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଥିବାର ଚିତ୍ର ସାମ୍ନାକୁ ଆସୁଛି। ଉକ୍ତ ପଡ଼ାରେ ବୁଧବାର ବଜାର ବସେ ବଜାରକୁ ଆସୁଥିବା ଲୋକଙ୍କ ପାଇଁ ଛୋଟ ପାଣି ଟାଙ୍କିର ବ୍ୟବସ୍ଥା ମଧ୍ୟ କରାଯାଇଥିଲା ହେଲେ ତାହା ଅଚଳ ହେବାର ୨ ବର୍ଷ ହୋଇ ଗଲାଣି ଏବେ ଯାଏଁ ମରାମତି ହୋଇ ପାରିନାହିଁ। ଯାହାଫଳରେ ବଜାରକୁ ଆସୁଥିବା ଲୋକେ ମଧ୍ୟ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଥିବା ବେଳେ ବିଜେପୁର ବଜାରପଡା ଓ ବଜାରରେ ପାନୀୟ ଜଳ ବ୍ୟବସ୍ଥା କରିବା ପାଇଁ ଗ୍ରାମବାସି ପଂଚାୟତ ଓ ବ୍ଲକ ପ୍ରଶାସନଙ୍କୁ ଗୁହାରି କରିଛନ୍ତି।

# ନିଶା ପାଇଁ ବଢୁଛି କଫ୍ ସିରଫ୍ ଚାହିଦା: ୩ ଗିରଫ

ସମ୍ବଲପୁର, ୯/୬ (ନି.ପ୍ର): ଜିଲ୍ଲା ଅବକାରୀ ବିଭାଗର ସ୍ଥାଣୁତା ସତ୍ତ୍ୱେ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ କ୍ରମାଗତ ଭାବେ ମାଦକ ଦ୍ରବ୍ୟ ଚୋରାଚାଲାଣ ଉପରେ ଚଢାଉ ହେବା ଦ୍ୱାରା ବିଭିନ୍ନ ସମୟରେ ସମ୍ବଲପୁର ସହର ମଧ୍ୟକୁ ଅବାଧ ଚୋରାଚାଲାଣ ହେଉଥିବା ମଦ, ଗଞ୍ଜେଇ, ଅଫିମ, ଚରସ ଓ ବ୍ରାଉନସୁଗର ପ୍ରାୟତଃ ବନ୍ଦ୍ ରହିଥିବା ଦେଖିବାକୁ ମିଳୁଛି । ହେଲେ ବ୍ୟୟବହୁଳ ନିଶା ବଦଳରେ ଶସ୍ତା ନିଶା ପାଇଁ ଏବେ ସହରାଂଚଳରେ ବେଆଇନ ତଥା କଟକଣାଯୁକ୍ତ କଲ୍ ସିରଫର ଚାହିଦା ବେଶ୍ ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଉଛି । ମଳିପଡା ଓ ଫାଟକ ଅଂଚଳର କ୍ରମାଗତ ଭାବେ କଫ୍ ସିରଫ୍ ଚୋରାଚାଲାଣ ହେଉଥିବା ନେଇ ପୋଲିସ ସୁରାକ୍ ପାଇବା ପରେ ଶେଷରେ ଟାଉନ ଥାନା ପୋଲିସକୁ ସଫଳତା ମିଳିଛି । ସୂଚନା ଆଧାରରେ କୋଲକତାରୁ ଛୋଟଛୋଟ ପେଟିରେ ୩୦ରୁ ୫୦ ଟିକିଆ କଫ୍ ସିରଫ୍ ସମ୍ବଲପୁରରେ ପହଂଚିବା ପରେ ସେଗୁଡ଼ିକୁ ନିର୍ଦ୍ଦିଷ୍ଟ ଯୁବଗୋଷ୍ଠୀ ଦ୍ୱାରା ବିକ୍ରି କରାଯାଇଥାଏ । ଟାଉନଥାନା ପୋଲିସ ଅଚାନକ ଚଢ଼ାଉ କରି ୩ଶହରୁ ଉର୍ଦ୍ଧ୍ୱ ବୋତଲ କଫ୍ ସିରଫ ଜବତ୍ କରିବା ସହ ଚାଲାଣରେ ବ୍ୟବହୃତ ହେଉଥିବା ଓଆର ୧୫ ୱାଇ ୩୦୮୬ ନମ୍ବର ବୁଲେଟ ବାଇକ୍ କୁ ମଧ୍ୟ ଜବତ କରିଛି । ଏହି ବେଆଇନ ଚାଲାଣରେ ସଂପୃକ୍ତ ଥିବା କୋଲକତାର ସେକ୍ ଅଲତାବ୍ ଓ କୁରୁୱାନୀ ସହ ମୋତିଝରଣ ଅଂଚଳର ସେକ୍ ଅମ୍ପିଉଦ୍ଦିନକୁ ଟାଉନଥାନା ପୋଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି ।

# ଏମ୍‌ସିଏଲ୍ ପକ୍ଷରୁ ସପ୍ତାହ ବ୍ୟାପି ପରିବେଶ ସଚେତନତା ଅଭିଯାନ

ସମ୍ବଲପୁର, ୯/୬ (ନି.ପ୍ର): ରାଷ୍ଟ୍ରାୟତ୍ତ ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ପକ୍ଷରୁ ସପ୍ତାହବ୍ୟାପୀ ପରିବେଶ ସଚେତନତା ଅଭିଯାନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ପରିବେଶ ସଂରକ୍ଷଣ, ନିରନ୍ତର ବିକାଶ ସଂପର୍କରେ ସଚେତନତା ସୃଷ୍ଟି କରାଯିବା ସହିତ ବ୍ୟାପକ ବୃକ୍ଷରୋପଣ ସାମୂହିକ ସଫେଇ ଅଭିଯାନ, କର୍ମଶାଳା ଏବଂ ବିଭିନ୍ନ ପ୍ରତିଯୋଗିତାରେ କମ୍ପାନୀର କର୍ମଚାରୀ ଓ ସେମାନଙ୍କର ପରିବାର, ସ୍ଥାନୀୟ ଲୋକେ ଅଂଶଗ୍ରହଣ କରିଥିଲେ । ଏହାର ଉଦ୍‌ଯାପନୀ ଉତ୍ସବରେ କମ୍ପାନୀର ସିଏମ୍‌ଡି ଉଦୟ ଏ. ପାୱଲେ ଯୋଗ ଦେଇ କହିଲେ ଯେ, ଜଳବାୟୁ ପରିବର୍ତ୍ତନର ମୁକାବିଲା ଏବଂ ପରିବେଶର ସହନୀୟତା ପାଇଁ ଏମ୍‌ସିଏଲ୍ ଗୁରୁତ୍ୱ ଦେଇ ଆସିଛି । ସବୁଜ ଭବିଷ୍ୟତ ପାଇଁ କମ୍ପାନୀର କାର୍ଯ୍ୟକ୍ରମ ପ୍ରତି ଉତ୍ସାହ ଏବଂ ସମସ୍ତଙ୍କ ସହଭାଗିତା ପ୍ରଭାବଶାଳୀ ହୋଇଛି ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ କମ୍ପାନୀର ସମସ୍ତ ନିର୍ଦ୍ଦେଶକଙ୍କ ସହିତ ସିଭିଓ ଉଦ୍‌ବୋଧନ ଦେଇଥିଲେ । ନିର୍ଦ୍ଦେଶକ କେଶବ ରାଓ, ଏ.କେ. ବେହୁରା, ଏ.ଏସ୍. ବାପଟ୍, ସିଭିଓ ପି.କେ. ପଟେଲ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏ ଅବସରରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରଶଂସାପତ୍ର ବିତରଣ କରାଯାଇଥିଲା ।

# କେଉଟ, କୈବର୍ତ୍ତ୍ୟ, ଧୀବର ହଟାଓ କ୍ରିୟାନୁଷ୍ଠାନ କମିଟିର ରାଜ୍ୟ ଆବାହକ ଡିଙ୍ଗର କୁମ୍ଭାରଙ୍କ ପ୍ରେସ୍ ବିଜ୍ଞପ୍ତି

ବଲାଙ୍ଗୀର, ୯/୬ (ନି.ପ୍ର): ସାଧାରଣ ନିର୍ବାଚନ ଦୀର୍ଘ ୨୫ ବର୍ଷର ବିଜେଡି ସରକାର ବିରୋଧରେ ଏକ ଦୃଢ ଜନମତ। ଏହି ଜନମତ ପଶ୍ଚିମ ଓଡିଶା ପ୍ରତି ସାମଗ୍ରିକ ଅବହେଳା ସହିତ ଦଳିତ ବିରୋଧି କାର୍ଯ୍ୟକଳାପର ଏକ ପ୍ରତିଫଳନ ମାତ୍ର। ହୁଏତ ହେଇପାରେ ଉପକୂଳ ଅଂଚଳରେ ପାଣ୍ଡିଆନ୍ ବାବୁଙ୍କ ଏକଚାଟିଆ କାର୍ଯ୍ୟକଳାପର ବିରୁଦ୍ଧରେ ପୁଞ୍ଜିଭୁତ ଅସନ୍ତୋଷର କାରଣ ଅନ୍ୟତମ ଯାହା ତାଙ୍କ ଅଂଚଳ ପାଇଁ ଏକମାତ୍ର ଇସ୍ୟୁ। ଅମିତ ସାହାଙ୍କ ନକଲି ବା ଅଣସାମ୍ବିଧାନିକ ଅନୁସୂଚିତ ଜାତି, ଜନଜାତି ସଦସ୍ୟଙ୍କୁ ଜାତି ତାଲିକାରୁ ବାଦ ଦେବା ପରି ପ୍ରତିଶୃତି ପ୍ରତି ଦୃଢ ଆସ୍ଥା ରଖି ଓଡିଶାର ଦଳିତ ଓ ଆଦିବାସୀ ଭୋଟର ବିଜେପି ଉପରେ ଆସ୍ଥା ରଖିଥିବା ବର୍ତ୍ତମାନର ରାଜ୍ୟ ଓ କେନ୍ଦ୍ର ସରକାର ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ନକଲି ଆଦିବାସୀ ହଟାଓ ଆନ୍ଦୋଳନ ସହିତ ନକଲି ଅନୁସୂଚିତ ଜାତି ହଠାଅ ଆନ୍ଦୋଳନକୁ ବିଜେଡି ସରକାର ଭୃକ୍ଷେପ ନକରି ଆଦିବାସୀମାନଙ୍କ ତାଲିକାରେ ମାଲି ଓ ରଣାଙ୍କୁ ନେବା ଓ କେଉଁଟ, କୈବର୍ତ୍ତ, ସଂକ୍ଷେପରେ କେକେଡିକୁ ଅହେତୁକ ଅନୁକମ୍ପା ଦେଖାଇ ଅସ୍ପୃଶ୍ୟ ଅନୁସୂଚିତ ଜାତି ତାଲିକାରେ ପଛୁଆ ବର୍ଗର ଏହି ସମୁହକୁ ହାତ ବାରିସି କରି ସଂରକ୍ଷଣ ସୁବିଧାର ପୁରୋଧା ସଜାଇଥିବା, ଦଳିତ ବିରୋଧି ଷଡଯନ୍ତ୍ରର ଏକ ଅଦୃଶ୍ୟ ମାତ୍ର ପ୍ରାୟୋଜିତ ପ୍ରତିଶୋଧ କହିଲେ ଅତ୍ୟୁକ୍ତି ହେବ ନାହିଁ। ଓଡିଶା ସାରା ବିଶେଷ କରି ପଶ୍ଚିମ ଓଡିଶାରେ କେଉଁଟ, କୈବର୍ତ୍ତ, ଧିବରଙ୍କୁ ଅନୁସୂଚିତ ଜାତି ତାଲିକାରୁ ବାହାର କରିବାକୁ ସର୍ବସାଧାରଣରେ ର୍‍ୟାଲି, ଅନଶନ, ଭୁକ ହରତାଲ, ପ୍ରେସ ମିଟ, ଆସେମ୍ବ୍ଲି ଘେରାଓ ଆଦି କରିବା ସଙ୍ଗେ ସଙ୍ଗେ ଅନୁସୂଚିତ ଜାତିର ଆୟୋଗର ନିର୍ଦ୍ଦେଶ କ୍ରମେ ତିନୋଟି ରାଜସ୍ୱ କମିଶନରଙ୍କୁ ୮ ସପ୍ତାହ ମଧ୍ୟରେ ୮ ଜଣ ରାଜନୈତିକ ସଂରକ୍ଷଣର ପୃଷ୍ଟପୋଷକତା ହାସଲ କରିଥିବା ବ୍ୟକ୍ତି ବିଶେଷ ବିରୁଦ୍ଧରେ ଅନୁସନ୍ଧାନ କରି ରିପୋର୍ଟ ଦାଖଲ କରିବାକୁ ମାନ୍ୟବର ଓଡିଶା ଉଚ୍ଚ ନ୍ୟାୟାଳୟ ନୋଟିସ ନଂ. ଡବ୍ଲୁପିସି ୭୩୫୦/୨୦୨୪ କରିଛନ୍ତି, ମାତ୍ର ମୁଷ୍ଟିମେୟ ଦଳିତ ବିରୋଧି ବିଜେଡି ଦଳ ତାହାକୁ ଚପେଇ ରଖି ଏହି ନିର୍ବାଚନରେ କେଉଁଟ, କୈବର୍ତ୍ତ, ଧିବରଙ୍କୁ ସଂରକ୍ଷିତ ଆସନର ଫାଇଦା ନେବାକୁ ରାସ୍ତା ସୁଗମ ଓ ପ୍ରସସ୍ତ କରିଛନ୍ତି। ଏହି ଆନ୍ଦୋଳନର ତଥା କୋସଲ ଆନ୍ଦୋଳନକୁ ପ୍ରତିହତ ତଥା ଚପେଇ ଦେବା ପାଇଁ ଆକ୍ରୋଶମୂଳକ ଭାବରେ କେଉଟ, କୈବର୍ତ୍ତ ଧିବର କ୍ରିୟାନୁଷ୍ଠାନ କମିଟିର ରାଜ୍ୟ ଆବାହକ ଡିଙ୍ଗର କୁମ୍ଭାରଙ୍କ ନାଁରେ ମିଥ୍ୟା ତଥା କପୋଳକଳ୍ପିତ ୧୧୦ ସିଆ ?ପିସି ଓ ୧୧୧ ସିଆର୍‌ପିସିରେ ନୋଟିସ୍ କରି ସ୍ଥାନୀୟ ପୋଲିସ ଓ ପ୍ରଶାସନକୁ ବ୍ୟବହାର କରି ବିଜେଡି ବିରୋଧି ତତ୍ୱକୁ ଚୁପ କରିବା ହିନ ପ୍ରୟାସ କରିଛନ୍ତି। ଯାହାକୁ ପ୍ରତିହତ କରିବାକୁ ହାଇକୋର୍ଟର ଦ୍ୱାରସ୍ଥ ହେବାକୁ ପଡିଛି। ବିଜେଡି ସରକାରରେ ଅନୁସୂଚିତ ଜାତି ୨୫ ବର୍ଷ ଧରି ସାମାଜିକ, ଅର୍ଥନୈତିକ, ଶୈକ୍ଷିକ, ବୈଷୟିକ, କୃଷି ଆଦି ସମସ୍ତ କ୍ଷେତ୍ରରେ ଅଣଦେଖା କରିବା ଅନୁଭୁତି ବଲାଙ୍ଗିର ଜିଲ୍ଲାରେ ବିଜେଡି ଦଳର ଶୋଚନୀୟ ପରାଜୟ ଅନ୍ୟଏକ କାରଣ ଏହି ପ୍ରତାରଣ, ଅଣଦେଖାର ପୁନର୍ବାର ରୁପାୟନ ୮୫ ଲକ୍ଷ ଅନୁସୂଚିତ ଜାତି ଓଡିଶାଙ୍କ ବିରୁଦ୍ଧରେ ନହେଉ ଏବଂ ଭାରତୀୟ ଜନତା ପାର୍ଟି ପାଖରେ ଦୃଢ ଆସ୍ଥା ଓ ବିଶ୍ୱାସ ରଖୁଁ ଯେ, ସାମ୍ବିଧାନିକ ବିଧି ବ୍ୟବସ୍ଥା ପ୍ରତି କେନ୍ଦ୍ରରେ ବିଭୁ ପ୍ରସାଦ ତରାଇ, ଡ. ରବିନ୍ଦ୍ର ନାରାୟଣ ବେହେରା ପରି ନିର୍ବାଚିତ ସାଂସଦଙ୍କୁ ସାମ୍ବିଧାନିକ ପଦ ପଦବିରେ ଅଭିସିକ୍ତ କରା ନ ହେଉ କାରଣ ତାଙ୍କ ବିରୁଦ୍ଧରେ ଜାତି ପ୍ରମାଣପତ୍ର ନେଇ ରାଜସ୍ୱ କମିଶନରଙ୍କ ପାଖରେ ଅନୁସନ୍ଧାନ ସ୍ଥଗିତ ଅଛି। ତାଙ୍କ ଜାତି ପ୍ରମାଣପତ୍ରର ବୈଧତାର ଯାଂଚ ଓଡିଶା ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ମତେ (ଲତିକା ଖମାରି ଭରସେସ ସର୍ବୋଚ୍ଚ ନ୍ୟାୟାଳୟ) ରାଜସ୍ୱ କମିଶନର କଟକଙ୍କ ଦ୍ୱାରା ୮ ସପ୍ତାହ ମଧ୍ୟରେ ଜିଲ୍ଲା ଆରକ୍ଷିକ ଅଧିକାରୀମାନଙ୍କ ଦ୍ୱାରା ବିଗତ ୪୦ ବର୍ଷର ଜାତି ଭିତିକ ଅନୁସନ୍ଧାନ ଚାଲିଛି। ଠିକ୍ ସେହିପରି ଓଡିଶାରେ ଡ. ମୁକେଶ ମହାଲିଙ୍ଗଙ୍କ ବିରୁଦ୍ଧରେ ରାଜସ୍ୱ କମିଶନର ସମ୍ବଲପୁର ମାଧ୍ୟମରେ ଅନୁସନ୍ଧାନ ଚାଲିଛି। ଯେ, ପର୍ଯ୍ୟନ୍ତ ଏହି ଅନୁସନ୍ଧାନ ସମାପ୍ତ ହୋଇନାହିଁ ଏବଂ ଅନୁସୂଚିତ ଜାତି ଆୟୋଗ ପାଖରେ ରିପୋର୍ଟ ହସ୍ତଗତ ହୋଇନାହିଁ ତାଙ୍କୁ ସମ୍ବିଧାନିକ ପଦ ପଦବିରେ ଦୂରେଇ ରଖାଯାଉ । ବିଜେଡି ସରକାରର ପ୍ରିୟାପ୍ରିତି ତୋଷଣ ଯୋଗୁଁ ଏହି ଅନୁସନ୍ଧାନ ପ୍ରକ୍ରିୟା ବାରମ୍ବାର ସ୍ମରଣପତ୍ର ଦେବା ସତ୍ତ୍ୱେ ୨୦୧୮ ମସିହାରୁ ଚପେଇ ରଖାଯାଇଛି। ଆମ୍ଭେ ଓଡିଶାର ପ୍ରକୃତ ୮୫ ଲକ୍ଷ ଅନୁସୂଚିତ ଜାତି ସମୁହ ଏହି ନ୍ୟାୟ ଭିକ୍ଷା ଭାରତୀୟ ବିଜେପି ଦଳ ପାଖରେ କରୁଁ।

## ପୁଣ୍ୟତିଥିରେ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୯/୬ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ୨୧୮ତମ ପୁଣ୍ୟତିଥି ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ମଧୁସୂଦନ ନଗରସ୍ଥିତ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅଭିମନ୍ୟୁ ସ୍ମୃତି ସଂସଦ ସଭାପତି ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, ଗାନ୍ଧୀବାଦୀ ବିଜୟ କୁମାର ତ୍ରିପାଠୀ, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ନାରୀନେତ୍ରୀ ଅନୁପମା ବେହେରା, ଅଧିବକ୍ତା ଅକ୍ଷୟ ଜେଠୀ, ପୂର୍ବତନ କର୍ପୋରେଟର ପୂର୍ଣ୍ଣଚନ୍ଦ୍ର ଜେନା, ନିତ୍ୟାନନ୍ଦ ନାୟକ ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବକ୍ତାମାନେ ନିଜ ବକ୍ତବ୍ୟରେ ବାଲିଆର ଜମିଦାର ଅଭିମନ୍ୟୁ ଙ୍କ ରଚନାରେ ଭକ୍ତିଭାବ ସହ ଅପ୍ରାକୃତ ପ୍ରେମ ଭାବ ଭକ୍ତମାନଙ୍କୁ ମନ୍ତ୍ରମୁଗ୍ଧ କରିଆସିଛି । ଅଭିମନ୍ୟୁଙ୍କ କାଳଜୟୀ କାବ୍ୟ କବିତା ସବୁ ସମୟରେ ପାଠକମାନଙ୍କୁ ଭକ୍ତି ଭାବନା ସହ ଭରପୁର ଆନନ୍ଦ ପ୍ରଦାନ କରିଆସିଛି ବୋଲି ମତ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ଗାନ୍ଧୀବାଦୀ ବିଜୟ କୁମାର ତ୍ରିପାଠୀଙ୍କୁ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା ।

# ରୋଗୀଙ୍କୁ ଧୋକା ଦେଉଛି ଆରଜିଏଚ୍: ଖତ ଖାଉଛି ଦେଢ଼ କୋଟିର ଦୁଇ ମେସିନ୍,ଟେକ୍ନସିଆନ୍ ଆସିଲେ ଚାଲିବ ବୋଲି କହୁଛନ୍ତି ଅଧୀକ୍ଷକ

ରାଉରକେଲା, ୯/୬ (ନି.ପ୍ର): ଅନେକ ସମୟରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଧୋକା ଦେଉଛି ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍)। ନୂଆ ସରକାର ଦାୟିତ୍ୱ ନେବା ପରେ ସମାଧାନର ବାଟ ଫିଟିବ ବୋଲି ଆଶା କରାଯାଉଛି। ଗୋଟିଏ କି ଦୁଇଟି ବିଭାଗରେ ଅନେକ ବିଭାଗରେ ମାସ ମାସ ଧରି ସମସ୍ୟା ଲାଗି ରହୁଛି। କେତେବେଳେ ଡାୟାଲେସିସ୍ ମେସିନ୍ ଚାଲୁନି ତ ଅନ୍ୟ କେତେବେଳେ ଏକ୍ସ-ରେ ମେସିନ୍‌ର ଫିଲ୍ମ ମିଳୁନି।
କେବଳ ଏତିକି ନୁହେଁ ଆରଜିଏଚ୍ ମାତୃଶିଶୁ ହସ୍ପିଟାଲ (ଏମ୍‌ସିଏଚ୍) ୫ମ ମହଲାରେ ଯେତିକି ଏସି ଲାଗିଛି, ତା'ର ଅଧାରୁ ଅଧିକ କାମ କରୁନି। କେବଳ ଏସିର ଖୋଳ କାନ୍ଥରେ ଝୁଲୁଛି। ସେମିତି ବ୍ୟବହାର ଉପଯୋଗୀ ନ ହୋଇ କୋଟି କୋଟି ଟଙ୍କାର ମେସିନ୍ ଖତ ଖାଉଛି। ବର୍ଷ ବର୍ଷ ଧରି ପଡ଼ିଥିଲେ ହେଁ ଚାଲିନି। ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ଏ ସମ୍ପର୍କରେ ସମ୍ପୂର୍ଣ୍ଣ ନୀରବଦ୍ରଷ୍ଟା ସାଜିଛନ୍ତି। ମାତୃଶିଶୁ ହସ୍ପିଟାଲ ଗର୍ଭବତୀ ମହିଳାଙ୍କ ଅସ୍ତ୍ରୋପଚାର ପାଇଁ ଗତ ୨୦୧୩ ମାର୍ଚ୍ଚରେ ଲାପ୍ରୋସ୍କୋପି ସର୍ଜରୀ ମେସିନ୍ କିଣାଯାଇଥିଲା। ପ୍ରାୟ ୭୨ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି। ମେସିନ୍ ଇନ୍‌ଷ୍ଟାଲେସନ୍ ମଧ୍ୟ ସରିଛି। ପରୀକ୍ଷାମୂଳକ ଭାବେ ଥରୁଟିଏ ମାତ୍ର ଚାଲିଛି। ଆଜିକୁ ୧୪ ମାମ ମଧ୍ୟରେ ଦ୍ୱିତୀୟ ଥର ଚାଲିନି। ମେସିନ୍ ଠିକ୍‌ଠାକ୍ ଅଛି କି ନାହିଁ, କାହାରି ପାଖରେ ଉତ୍ତର ନାହିଁ। ଏମ୍‌ସିଏଚ୍ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ମଧ୍ୟ ଏ ସମ୍ପର୍କରେ ଜଣା ନାହିଁ। ଓଲଟା ମେସିନ୍‌ର ଫଟୋ ଉଠାଇ ଯାଇପାରିବ ନାହିଁ ବୋଲି କହୁଛନ୍ତି। ବର୍ଷେ କି ଦୁଇ ବର୍ଷ ନୁହେଁ ପ୍ରାୟ ୭ ବର୍ଷରୁ ଅଧିକ ସମୟ ଧରି ଏମ୍‌ସିଏଚ୍ ମାତୃଶିଶୁ ବିଭାଗ ଛାଡୁ ନଥିବା ଅଧିକାରୀଙ୍କୁ ଏଭଳି ଉତ୍ତର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କେବଳ ଏତିକି ନୁହେଁ ଅଧିକାରୀଙ୍କ ଜଣକ ଅଧିକାଂଶ ଗର୍ଭବତୀ ମହିଳା ଓ ତାଙ୍କ ସମ୍ପର୍କୀୟଙ୍କୁ ଦୁର୍ବ୍ୟବାର ପ୍ରଦର୍ଶନ କରୁଥିବା ମଧ୍ୟ ଅଭିଯୋଗ ହେଉଛି। ଅନ୍ୟ ବିଭାଗକୁ ବଦଳି କରିବାକୁ ବଦଳିକରିବାକୁ ଦାବି କରିଛନ୍ତି। ଅନ୍ୟପଟେ ବର୍ଷ ବର୍ଷ ଧରି ମେସିନ୍ କାମରେ ଆସୁନଥିବାରୁ ଗର୍ଭବତୀ ମହିଳା ଓ ତାଙ୍କ ସମ୍ପର୍କୀୟମାନେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। କେବଳ ମାତୃଶିଶୁ ବିଭାଗ ନୁହେଁ ଅସ୍ତ୍ରୋପଚାର ବିଭାଗରେ ବି ସମାନ ଅବସ୍ଥା। ଏଠି ଅସ୍ତ୍ରୋପଚାର ପାଇଁ ପ୍ରାୟ ୩୦ ଲକ୍ଷରୁ ଅଧିକ ଟଙ୍କାରେ ମିନି ଲାପ୍ରୋସ୍କୋପି ସର୍ଜର ମେସିନ୍ କିଣା ହୋଇପଡିଛି। ପ୍ରାୟ ଦେଢ଼ ବର୍ଷରୁ ଅଧିକ ସମୟ ଧରି ସେମିତି ପଡ଼ିଛି। ଥରୁଟିଏ କାର୍ଯ୍ୟକ୍ଷମ ହୋଇନି। ମେସିନଟି ଠିକ୍ ଅଛି ନାହିଁ, ନାଁ ଖତ ଖାଇଗଲାଣି। ତା' ମଧ୍ୟ କାହାକୁ ଜଣା ନାହିଁ। ଦୁଇଟି ଗୁରୁତ୍ୱପୂର୍ଣ୍ଣ ମେସିନ୍ ନୁହେଁ ଅନେକ ବିଭାଗରେ ଲାଗିଥିବା ଠିକ୍ ଭାବେ ଚାଲୁ ନଥିବା ମଧ୍ୟ ଅନେକ ସମୟରେ ରୋଗୀମାନେ ଅଭିଯୋଗ କରିଛନ୍ତି। ଫଳ କିନ୍ତୁ ଶୂନ।
ଏ ସଂକ୍ରାନ୍ତରେ ଆରଜିଏଚ୍‌ର ଅଧୀକ୍ଷକ ଡାକ୍ତର ଗଣେଶ ପ୍ରସାଦ ଦାସଙ୍କୁ ପଚାରିବାରୁ କହିଛନ୍ତି, ସେ ଡାକ୍ତରଖାନାରେ ଯୋଗଦେବା ପୂର୍ବରୁ ଦୁଇଟି ମେସିନ୍ କିଣାଯାଇଥିଲା। ତାଙ୍କୁ ଏ ସମ୍ପର୍କରେ ଜଣା ନଥିଲା। ଜାଣିବା ପରେ ମେସିନ୍‌କୁ କାର୍ଯ୍ୟକ୍ଷମ ପାଇଁ ଆବଶ୍ୟକ ସ୍ୱତନ୍ତ୍ର ଡାକ୍ତରଙ୍କୁ ତାଲିମ ପାଇଁ ପଠାଯାଇଛି। ତାଲିମ ପାଇ ଆସିବା ପରେ ମେସିନ୍‌ଗୁଡ଼ିକୁ କାର୍ଯ୍ୟକ୍ଷମ କରାଯିବ।

# କୁଶଳେଶ୍ୱର ସଂସ୍କୃତି ପରିଷଦର ପ୍ରଥମ ବାର୍ଷିକ ଉତ୍ସବ



ବାସୁଦେବପୁର, ୯/୬ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଗୁଆଗଡ଼ିଆ ପଞ୍ଚାୟତର ଚିରୋଳ ଗ୍ରାମରେ କୁଶଳେଶ୍ୱର୍ ସଂସ୍କୃତି ପରିଷଦର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । କୁଶଳେଶ୍ୱର୍ ମନ୍ଦିର ପ୍ରାଙ୍ଗଣରେ ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ ପ୍ରଫେସର ଡକ୍ଟର ରାମଚନ୍ଦ୍ର ନାୟକ । ଶାରଳା ପୁରସ୍କାର ପ୍ରାପ୍ତ ବିଶିଷ୍ଟ କବି ନିତ୍ୟାନନ୍ଦ ନାୟକ, ଗାଳ୍ପିକ ବିଷ୍ଣୁ ସାହୁ, ଗାଳ୍ପିକ ପବିତ୍ର ପାଣିଗ୍ରାହୀ, କବି ଡକ୍ଟର ହରିଶ୍ଚନ୍ଦ୍ର ବେହେରା, ସ୍ତମ୍ଭକାର ଅଧ୍ୟାପକ ବିଶ୍ୱ ରଞ୍ଜନ ଦାସ ପ୍ରମୁଖ ଏହି ଉତ୍ସବରେ ଅତିଥି ଓ ବକ୍ତା ଭାବେ ଯୋଗଦେଇ ସାହିତ୍ୟ ଓ ସଂସ୍କୃତିର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଉତ୍ସବରେ ସାହିତ୍ୟ ପତ୍ରିକା କୁଶଳାୟନ ଉନ୍ମୋଚିତ ହୋଇଥିଲା । ବରିଷ୍ଠ ସାହିତ୍ୟିକ ନିତ୍ୟାନନ୍ଦ ନାୟକ, କବୟିତ୍ରୀ ସାବିତ୍ରୀ କବି, କୃପାସିନ୍ଧୁ ନାୟକ, ରଞ୍ଜିତ ଜେନା ପ୍ରମୁଖ ଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା । କବି ସଞ୍ଜୟ ଜେନା କବିତା ସଂଯୋଜନା କରିଥିଲେ । ବିଶିଷ୍ଟ କବି ହୃଦାନନ୍ଦ ପାଣିଗ୍ରାହୀ, କବି ଅଭିମନ୍ୟୁ ବେହେରା, କବି ରତ୍ନାକର ପଣ୍ଡା, ବାସବ ଚନ୍ଦ୍ର ଦାସ, ଶାନ୍ତିଲତା ପଣ୍ଡା, ରତ୍ନାକର ବାରିକ୍, ପି ହୃଷୀକେଶ, ଧନଞ୍ଜୟ ମହାକୁଡ ପ୍ରମୁଖ ଯୋଗ ଦେଇଥିଲେ ଓ କବିତା ପାଠ କରିଥିଲେ । ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ । ପରିଷଦର ସମ୍ପାଦକ ପାର୍ଥ ସାରଥୀ ବାରିକ୍ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲା ବେଳେ ପତ୍ରିକା ସଂପାଦକ ସୁଧାଂଶୁ ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ । ରୋଟାରିଆନ ଅଭିଜିତ ନାୟକ, ସୂର୍ଯ୍ୟ ସାରଥୀ ବାରିକ୍, ପରମେଶ୍ୱର ବାରିକ୍ ଉତ୍ସବ ପରିଚାଳନା କରିବା ରେ ସହଯୋଗ କରିଥିଲେ । କୁନି କଣ୍ଠ ଶିଳ୍ପୀ ସାଇ ବିସ୍ମୟ ପାଢ଼ୀ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରିଥିଲେ । ଶେଷରେ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ଓ ସଙ୍ଗୀତ ପରିବେଷଣ ହୋଇଥିଲା ।

# ଚିରନ୍ତନ ପରମ୍ପରା-ସୃଜନ ପକ୍ଷରୁ ବାର୍ଷିକ ଓଡିଶୀ ନୃତ୍ୟ ପ୍ରଦର୍ଶନୀ ଉପସରଣମ୍

ଭୁବନେଶ୍ୱର, ୯/୬ (ନି.ପ୍ର): ସ୍ଥାନୀୟ ରବୀନ୍ଦ୍ର ମଣ୍ଡପର ପ୍ରେକ୍ଷାଳୟରେ ଶନିବାର ସଂଧ୍ୟାରେ ସୃଜନ-ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟାବାସର ୫୮ ଜଣ ଯୁବ ନୃତ୍ୟଶିଳ୍ପୀଙ୍କୁ ଏକାଠି କରିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ବିଶ୍ୱବିଖ୍ୟାତ ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ସୃଜନ ତାର ଯୁବ ନୃତ୍ୟଶିଳ୍ପୀମାନଙ୍କୁ ନେଇ ଆୟୋଜନ କରିଥିଲା ଉପସରଣମ୍୨୦୨୪ । ସୃଜନର ନିର୍ଦ୍ଦେଶକ ତଥା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ (ଏସଏସୟୁ)ର ଫ୍ୟାକଲ୍ଟି ଅଫ୍ ଆର୍ଟସ୍ କମ୍ୟୁନିକେସନ ଆଣ୍ଡ ଇଣ୍ଡିକ ଷ୍ଟଡିଜ୍ (ଫାକିସ୍)ର ଡିନ୍ ଗୁରୁ ରତିକାନ୍ତ ମହାପାତ୍ର ଏହି ଉତ୍ସବର ଆୟୋଜନ କରିଥିଲେ। ଏହି ଉତ୍ସବଟିକୁ ଶ୍ରୀ ଦେବୀପ୍ରସାଦ ମିଶ୍ର,ରାଜଶ୍ରୀ ପ୍ରହରାଜଓ ପ୍ରୀତିଶା ମହାପାତ୍ରଙ୍କ ଦ୍ୱାରା ମାସ ମାସ ଧରି ସମନ୍ୱୟ, କଠିନ ପରିଶ୍ରମ ଏବଂ ଯୋଜନା ପରେ ନିର୍ବିଘ୍ନରେ କାର୍ଯ୍ୟକାରୀ କରଯାଇଥିଲା । ଓଡ଼ିଶୀ ନୃତ୍ୟର ଭବିଷ୍ୟତ ଚେହେରା ହେବା ପାଇଁ ସୃଜନର ଯୁବ ନୃତ୍ୟଶିଳ୍ପୀମାନଙ୍କ ଆତ୍ମବିଶ୍ୱାସ, ଶକ୍ତି ଓ ଶୃଙ୍ଖଳାର ସହ ନିଜକୁ ପରିଚାଳିତ କରୁଥିବାରୁ, ସେଇ ନୃତ୍ୟଶିଳ୍ପୀମାନଙ୍କୁ ଉପସରଣମ୍ରେ ଅଂଶ ଗ୍ରହଣ କରଯାଇଥିଲା । ସନ୍ଧ୍ୟାର ପ୍ରାରମ୍ଭରେ ଅତିଥି ବିଶିଷ୍ଟ ବେହେଲା ବାଦକ ସୁରମଣି ଶ୍ରୀ ରମେଶ ଚନ୍ଦ୍ର ଦାସ;ନୃତ୍ୟଶାଳାର ନିର୍ଦ୍ଦେଶକତଥା ଜଣାଶୁଣା ଓଡ଼ିଶୀ ନୃତ୍ୟଶିଳ୍ପୀ ଶ୍ରୀ ଅଶୋକ କୁମାର ଘୋଷାଲଏବଂ ସୁରଭିର ନିର୍ଦ୍ଦେଶକତଥା ବିଶିଷ୍ଟ ଓଡ଼ିଶୀ ଗୁରୁ ଡକ୍ଟର ପୀତାମ୍ବର ବିଶ୍ୱାଳଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମଟିକୁ ଉଦ୍ଘାଟନ କରଯାଇଥିଲା ଏବଂ ପରେ ଗୁରୁ ରତିକାନ୍ତ ମହାପାତ୍ର ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।
ଏହାପରେ ସନ୍ଧ୍ୟାର ଅତିଥି ପଦ୍ମଶ୍ରୀ ତଥା ଓଡ଼ିଶାର ବିଶିଷ୍ଟ ପଟ୍ଟଚିତ୍ର ଶିଳ୍ପୀ ଶ୍ରୀଯୁକ୍ତ ବିନୋଦ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚିତ୍ରକର ପରିବାରରୁ ଆସିଥିବା ଶ୍ରୀ ମହାରଣା ଓଡ଼ିଶାର ପ୍ରଥମ ପଟ୍ଟଚିତ୍ର ଶିଳ୍ପୀ ଭାବେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ । ସେ ଜାତୀୟ ପୁରସ୍କାର ୧୯୭୪ (ଅଖିଳ ଭାରତୀୟ ହସ୍ତଶିଳ୍ପ ବୋର୍ଡ, ନୂଆଦିଲ୍ଲୀ), ବିଶ୍ୱକର୍ମା ପ୍ରଶସ୍ତିପତ୍ର ୧୯୮୩, ଓଡ଼ିଶା ଲଳିତ କଳା ଏକାଡେମୀ ପୁରସ୍କାର ୧୯୮୩, ଏବଂ ଧର୍ମପଦ ପୁରସ୍କାର ୨୦୧୯ ସମେତ ଅସଙ୍ଖ୍ୟ ପୁରସ୍କାର ଲାଭ କରିଛନ୍ତି। ସେ ଭୁବନେଶ୍ୱର ଷ୍ଟେଟ ଇନଷ୍ଟିଚ୍ୟୁଟ୍ ଅଫ୍ ହ୍ୟାଣ୍ଡିକ୍ରାଫ୍ଟ ଟ୍ରେନିଂରେ ଖଜୁରୀ ପତ୍ର ଖୋଦନ ଏବଂ ପଟ୍ଟଚିତ୍ର ଶିଳ୍ପୀ ଭାବରେ ୩୦୦ରୁ ଅଧିକ ଛାତ୍ରଓ ଛାତ୍ରୀଙ୍କୁ ତାଲିମ ଦେଇଛନ୍ତି ଏବଂ ଚିତ୍ରକଳାରେ ପିଲାମାନଙ୍କୁ ତାଲିମ ଦେବା ପାଇଁ ୨୫ବର୍ଷରୁ ଅଧିକ ସମୟ ଧରି ଏକ "ରବିବାର ସ୍କୁଲ" ଚଳାଉଛନ୍ତି। ତାଙ୍କର ଉପସ୍ଥିତି ସୃଜନ ଛାତ୍ର ତଥା ସଦସ୍ୟମାନଙ୍କ ପାଇଁ ଏକ ମହତ୍ୱପୂର୍ଣ୍ଣ ଘଟଣା ଥିଲା।
ବାଧାବିଘ୍ନର ଚିରସ୍ଥାୟୀ ଅପସାରଣ ଭଗବାନ ଗଣେଶଙ୍କୁ ପ୍ରଣାମ କରି ଉପସରଣମ୍‌ର କାର୍ଯ୍ୟକ୍ରମ ବିନାୟକସ୍ମରଣେରୁ ଆରମ୍ଭ ହୋଇଥିଲା। ଗୁରୁ ରତିକାନ୍ତ ମହାପାତ୍ରଙ୍କ ଏହି ସ୍ମରଣୀୟ ତଥା ପ୍ରଭାବଶାଳୀ ନୃତ୍ୟ ସଂରଚନା ତଥା ସୃଜନର ବରିଷ୍ଠ ଅଧ୍ୟାପକ ତଥା ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଶିଳ୍ପୀରାଜଶ୍ରୀ ପ୍ରହରାଜଙ୍କ ଦ୍ୱାରା ଦଳଗତ ସଂଯୋଜନାକୁ ନୃତ୍ୟରେ ବଖାଣିଥିଲେ ଅମୃତା, ଅନୁଷ୍କା, ଦୀପନୱିତା, ମାୟନାତା, ଶିଳ୍ପାଏବଂ ଶ୍ରେୟା । ଭଗବାନ ଗଣେଶଙ୍କର ୧୨ ଟି ଚମତ୍କାର ନାମ ଏବଂ ଗୁଣକୁ ଓଡିଶୀ ନୃତ୍ୟ ମଧ୍ୟମରେ ସଜାଡି ଥିଲେ ଶିଳ୍ପୀମାନେ । ଏହା ପରେ ଗୁରୁ ଶ୍ରୀ କେଳୁଚରଣ ମହାପାତ୍ରଙ୍କ ଏକ କାଳଜୟୀ ରଚନା ବସନ୍ତ ପଲ୍ଲବୀ ପରିବେଷିତ ହୋଇଥିଲା । ସୃଜନର ବରିଷ୍ଠ ସଦସ୍ୟା ଐଶ୍ୱର୍ଯ୍ୟା ସିଂଦେବଙ୍କ ସଂଯୋଜନାରେ ଏହି ନୃତ୍ୟଟିକୁ ଦୃତି, ଆୟୁଷୀ, ଶ୍ରେୟାଙ୍ଗଶ୍ରୀ, ସାନଭି, ଚିନ୍ମୟ, ରୋଶନୀ, ଦୀପାନୱିତା, ନତାଶା, ସୁସମ୍ପନା, ସୁମେରାଏବଂତ୍ରିଷ୍ଠାଙ୍କ ଦ୍ୱାରା ସୁନ୍ଦର ପଦଚାଳନା ଏବଂ ସ୍ୱଚ୍ଛ ଗତିବିଧି ସହିତ କରାଯାଇଥିଲା । । ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ଦେବୀ ମାତାଙ୍ଗୀଙ୍କ ପ୍ରତି ଏକ ପ୍ରଣାମମାତଙ୍ଗୀ ଧାନମ ଯାହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ରତିକାନ୍ତ ମହାପାତ୍ର ଏବଂ ଦଳଗତ ନୃତ୍ୟ ସଂଯୋଜନା କରିଥିଲେ ଜି ସଞ୍ଜୟ । ଆଦ୍ୟାଶ୍ରୀ, ଆୟଶା,ଆକାଂକ୍ଷା, ଅକ୍ଷିତା, ଅନୁଷ୍କା, ବିସାଖା, କବୟା, ପୁଷ୍ପାଞ୍ଜଳି, ରିତିଶା, ସାନଭି, ସୁବ୍ରଜିତା, ସାଇ ସ୍ମୃରୁତି, ଶୁଭାଙ୍ଗି, ଶ୍ରେୟାସୀ,ଶ୍ୱେତଲିନ ଏବଂ ତେଜସ୍ୱିନି ଏହି ନୃତ୍ୟଟିକୁ ସୁନ୍ଦର ଭାବରେ ପରିବେଷଣ କରିଥିଲେ ।

# ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିବାକୁ ସି.ପି.ଆଇ.(ଏମ୍)ର ଆହ୍ୱାନ

ଭୁବନେଶ୍ୱର, ୯/୬ (ନି.ପ୍ର): ଓଡିଶାରେ ସରକାର ବିରୋଧୀ ମାନସିକତା ଏବଂ ବିଜୁ ଜନତା ଦଳର ବିଜେପି ସହ ସାଲିସ୍‌ବାଦୀ ରାଜନୀତିରୁ ଫାଇଦା ଉଠାଇବା ସହ ସାଂପ୍ରଦାୟିକ ପ୍ରଚାର ଓ କଳାଧନର ପର୍ଯ୍ୟାପ୍ତ ବିନିଯୋଗରେ ବି.ଜେ.ପି. ଜୟଲାଭ କରିଛି । ଓଡିଶାରେ ବିଜେପି ପରି ଉଗ୍ର ସାଂପ୍ରଦାୟିକତାବାଦୀ, ଉଚ୍ଚ ଧନୀକ ବର୍ଗର ପ୍ରତିନିଧି ଭାବେ ପରିଚିତ ଦଳର ବିଜୟ ଘୋର ଉଦ୍‌ବେଗଜନକ । ଏହାଦ୍ୱାରା ରାଜ୍ୟରେ କର୍ପୋରେଟମାନଙ୍କୁ ପାଣି, ଖଣି, ଜଙ୍ଗଲର ଅବାଧ ଲୁଟ ପାଇଁ ବାଟ ପରିଷ୍କାର ହେବ । ଏହି ଅପ୍ରତ୍ୟାଶିତ ବିଜୟରେ ଉତ୍‌ଫୁଲ୍ଲିତ ହୋଇ ନିଜର ଭାରସାମ୍ୟ ହରାଇ ବି.ଜେ.ପି. ନେତାମାନେ ଯେଉଁ ଦାୟିତ୍ୱହୀନ ବିବୃତିମାନ ଦେଉଛନ୍ତି, ତାହା ରାଜ୍ୟରେ ପ୍ରଚଳିତ ଜନକଲ୍ୟାଣ କାର୍ଯ୍ୟକ୍ରମ ଗୁଡିକର ସ୍ଥିତିକ ନେଇ ଆଶଙ୍କା ସୃଷ୍ଟି କରୁଛି । ପ୍ରଚଳିତ କୌଣସି ଜନକଲ୍ୟାଣ କାର୍ଯ୍ୟକ୍ରମକୁ ଯଦି ବନ୍ଦ କରିଦିଆଯାଏ, ତେବେ ଜନସ୍ୱାର୍ଥର ଜାଗ୍ରତ ପ୍ରହରୀ ଭାବେ ସି.ପି.ଆଇ.(ଏମ୍) ନିଜସ୍ୱ ମଞ୍ଚରୁ ଏବଂ ବାମପନ୍ଥୀ, ଧର୍ମନିରପେକ୍ଷ ଓ ଗଣତାନ୍ତ୍ରିକ ଦଳ ବ୍ୟକ୍ତିମାନଙ୍କ ସହ ମିଳିତ ଭାବେ ବିଧାନସଭା ଭିତରେ ଓ ବାହାରେଏହାର ଦୃଢବିରୋଧ କରିବ । ନିର୍ବାଚନ ସମୟରେ ବି.ଜେ.ପି. ପକ୍ଷରୁ ଘୋଷଣା କରାଯାଇଥିବା ପ୍ରତିଶ୍ରୁତି ଓ ଗ୍ୟାରେଣ୍ଟି ତୁରନ୍ତ ବିଶେଷତଃ ଧାନ କ୍ୱିଂଟାଲ ପ୍ରତି ୩୧୦୦ଟଙ୍କା ସହାୟକ ମୂଲ୍ୟ, ୩୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି, ପ୍ରତି ମହିଳାଙ୍କୁ ୨ବର୍ଷରେ ୫୦ହଜାର ଟଙ୍କାର ଭାଉଚର, ଚିଟ୍‌ଫଣ୍ଡ ଦୁର୍ନୀତିରେ ସମସ୍ତ ଟଙ୍କା ଫେରସ୍ତ, ରାଜ୍ୟରେ ୫ଲକ୍ଷ ଯୁବକ ଯୁବତୀଙ୍କୁ ନିଯୁକ୍ତି, ରାଜ୍ୟରେ ୧.୫୦ଲକ୍ଷ ସରକାରୀ ନିଯୁକ୍ତି ଓ ପ୍ରତିଘରକୁ ପିଇବା ପାଣିଯୋଗାଇ ପ୍ରତିଶ୍ରୁତିକୁ ତୁରନ୍ତ କାର୍ଯ୍ୟକାରୀ କରିବା ଦରକାର । ଓଡିଶାବିଧାନସଭା ନିର୍ବାଚନରେବଣେଇ ଆସନରୁ ସି.ପି.ଆଇ.(ଏମ୍) ପ୍ରାର୍ଥୀ ଲକ୍ଷ୍ମଣ ମୁଣ୍ଡାଙ୍କୁ ୨୩ ହଜାରରୁ ଉର୍ଦ୍ଧ୍ୱ ଭୋଟରେ ଚତୁର୍ଥ ଥର ପାଇଁ ଜୟଯୁକ୍ତ କରାଇଥିବାରୁ ମତଦାତାମାନଙ୍କୁ ଦଳ କୃତଜ୍ଞତା ଜଣାଇଛି ।

# ସୀମା ଭିତରେ ଏହି ୫ ଫଳ ନଖାଇଲେ ରକ୍ତରେ ବଢ଼ିଯିବ ଶର୍କରାର ପରିମାଣ






ଫଳ ଖାଇବା ଏକ ଭଲ ଅଭ୍ୟାସ ଏବଂ ଏହା ମଧୁମେହକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ ମଧ୍ୟ। କିନ୍ତୁ ରୋଗ ନିୟନ୍ତ୍ରଣ ଏବଂ ପ୍ରତିରୋଧ କେନ୍ଦ୍ର ଅନୁଯାୟୀ, ଆପଣ କି ଫଳ ଏବଂ କେତେ ଖାଉଛନ୍ତି ତାହା ଉପରେ ସର୍ବଦା ଧ୍ୟାନ ଦେବା ଉଚିତ୍। ଫଳ ଏକ ସୁସ୍ଥକର ଖାଦ୍ୟ, ହେଲେ ଯଦି ଅଧିକ ଖାଆନ୍ତି ତେବେ ଶରୀରରେ ସୁଗାର ବଢ଼ିପାରେ। କେତେକ ଫଳର ଅଧିକ ମିଠା ଅଂଶ ଥାଏ। ମଧୁମେହରେ ରୋଗୀମାନେ ଏହାକୁ ଅଧିକ ଖାଇଲେ ଚିନି ଅପେକ୍ଷା ଅଧିକ ବିପଜ୍ଜନକ ହୋଇପାରେ।

କଦଳୀ ହେଉଛି ଏକ ଲୋକପ୍ରିୟ ଫଳ, ଯାହା ପେଟରୁ ନେଇ ହୃଦୟ ପର୍ଯ୍ୟନ୍ତ ଉପକାରୀ ବୋଲି ବିବେଚନା କରାଯାଏ। ଏହାକୁ ଖାଇବା ଦ୍ୱାରା ଫାଇବର, ପ୍ରୋଟିନ୍, ଭିଟାମିନ୍, ମାଙ୍ଗାନିଜ୍, ପୋଟାସିୟମ୍ ଭଳି ଅନେକ ପୋଷକ ତତ୍ତ୍ୱ ମିଳିଥାଏ। ଏକ ଅଧ୍ୟୟନ ଅନୁଯାୟୀ, ପାଚିଲା କଦଳୀ ଖାଇବା ଦ୍ୱାରା ରକ୍ତରେ ଶର୍କରାର ପରିମାଣ ବଢ଼ିପାରେ। କାରଣ ଏଥିରେ କାର୍ବସ୍ ଅଧିକ ଥାଏ।

ଗ୍ରୀଷ୍ମ ଋତୁରେ ତରଭୁଜ ଖାଇବା ଉଚିତ୍। କିନ୍ତୁ ଆପଣ ଏହାକୁ ଅଧିକ ଖାଇବା ଉଚିତ୍ ନୁହେଁ। ମଧୁମେହ ରୋଗୀଙ୍କ ପାଇଁ ଅତ୍ୟନ୍ତ ବିପଜ୍ଜନକ ବୋଲି ପ୍ରମାଣିତ ହୋଇପାରେ। ମଧୁମେହ ରୋଗୀମାନେ ସପୁରୀ ମଧ୍ୟ ସୀମା ଭିତରେ ଖାଇବା ଉଚିତ୍। ଭିଟାମିନ୍ ସି'ରେ ଭରପୂର ଏହି ସୁସ୍ୱାଦୁ ଫଳ ଖାଇବା ଦ୍ୱାରା ରକ୍ତରେ ଶର୍କରା ଦ୍ରୁତ ଗତିରେ ବଢ଼ିଯାଏ। ଏଥିରେ ପ୍ରଚୁର ପରିମାଣର କାର୍ବସ୍ ଥାଏ, ଯାହା ଶୀଘ୍ର ରକ୍ତରେ ଗ୍ଲୁକୋଜ ବଢ଼ାଇଥାଏ।

ସେହିପରି ଖଜୁରୀରେ ଅଧିକ ସୁଗାର ଥାଏ। ଏହ ଏତେ ମିଠା ଯେ ଏଥିରେ ଥିବା ଭିଟାମିନ୍ ଏବଂ ମିନେରାଲ୍ସ ମଧ୍ୟ ତା ସାମ୍ନାରେ ଛୋଟ ହୋଇଯାଆନ୍ତି। ଏହା ମଧୁମେହ ରୋଗୀଙ୍କ ପାଇଁ କ୍ଷତିକାରକ।



ମଧୁମେହ ରୋଗୀଙ୍କ ପାଇଁ ଫଳର ରାଜା ଆମ୍ବ ମଧ୍ୟ ସର୍ବୋତ୍ତମ ଫଳ ନୁହେଁ। ଏଥିରେ ପ୍ରଚୁର ପରିମାଣର ପ୍ରାକୃତିକ ସୁଗାର ଅଛି, ତେଣୁ ଏହାକୁ ଅତି ସତର୍କତାର ସହିତ ଖାଇବା ଉଚିତ।

# ଘରେ ତିଆରି କରନ୍ତୁ ସ୍ୱାଦିଷ୍ଟ ଜହ୍ନି ଚିଙ୍ଗୁଡ଼ି ବେସର



ଆବଶ୍ୟକ ସାମଗ୍ରୀ: ଚିଙ୍ଗୁଡ଼ି, ଜହ୍ନି, ଟମାଟୋ, ପିଆଜ, ଅଦା ପେଷ୍ଟ, ରସୁଣ ପେଷ୍ଟ, ଗୋଟା ଜିରା, ସୋରିଷ,ଶୁଖିଲା ଲଙ୍କା,ଜିରା ପାଉଡର, ଧନିଆ ପାଉଡର, ହଳଦୀ, ଲଙ୍କା ଗୁଣ୍ଡ, ଲୁଣ, ସୋରିଷ ତେଲ, ଗରମ ମସଲା,ଧନିଆ ପତ୍ର।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିଙ୍ଗୁଡ଼ିରୁ ଚୋପା ଛଡ଼ାଇ ଏହାକୁ ଭଲ ଭାବେ ଧୋଇ ଦିଅନ୍ତୁ। ଏବେ ସେଥିରେ ଲୁଣ ଓ ହଳଦୀ ପକାଇ ଗୋଳାଇ ଦିଅନ୍ତୁ। ତା'ପରେ ଜହ୍ନିର ଚୋପା ଛଡ଼ାଇ ଏହାକୁ କାଟି ଭଲ ଭାବେ ଧୋଇ ଦିଅନ୍ତୁ। ପରେ ଗ୍ୟାସ୍‌ରେ କଡ଼େଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ଏଥିରେ ଚିଙ୍ଗୁଡ଼ିକୁ ପକାଇ ଭାଜନ୍ତୁ। ଚିଙ୍ଗୁଡ଼ି ଭାଜି ହୋଇଗଲା ପରେ ଏହାକୁ କଡ଼େଇରୁ କାଢ଼ି ଆଣନ୍ତୁ। ତା'ପରେ କଡ଼େଇରେ ତେଲ ପକାନ୍ତୁ ଓ ଏହା ଗରମ ହେବା ପରେ ଗୋଟା ଜିରା, ସୋରିଷ ଓ ଶୁଖିଲା ଲଙ୍କା ପକାନ୍ତୁ। ପରେ କଟା ପିଆଜ ପକାଇ ୨ ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ। ପିଆଜ ଭାଜି ହୋଇଗଲା ପରେ ସେଥିରେ ଅଦା ପେଷ୍ଟ, ରସୁଣ ପେଷ୍ଟ, ପିଆଜ ବଟା, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡା ଓ ଲୁଣ ପକାଇ ମସଲାକୁ ଭଲ ଭାବେ କଷନ୍ତୁ। ମଝିରେ ମଝିରେ ଆବଶ୍ୟକତା ଅନୁଯାୟୀ ପାଣି ଦିଅନ୍ତୁ। ମସଲା କଷି ହୋଇଗଲେ ସେଥିରେ କଟା ଟମାଟୋ, ଜିରାଗୁଣ୍ଡା ଏବଂ ଧନିଆ ଗୁଣ୍ଡା ପକାଇ ପୁଣି ୫ ମିନିଟ୍ ଯାଏ ଅଳ୍ପ ଆଞ୍ଚରେ କଷନ୍ତୁ। ମସଲା ଭଲ ଭାବେ କଷି ହୋଇଯିବା ପରେ ଏଥିରେ ଜହ୍ନି ପକାଇ ୨ ଚାମଚ ଗରମ ମସଲା ପକାନ୍ତୁ। ଏହାକୁ ଭଲ ଭାବେ ଗୋଳାଇ ଦେଇ ଏକ ଢାଙ୍କୁଣୀ ଦେଇ ଘୋଡ଼ାଇ ଦିଅନ୍ତୁ। ପ୍ରାୟ ୫ ମିନିଟ୍ ପରେ ଢାଙ୍କୁଣୀ କାଢ଼ି ଏଥିରେ ପୂର୍ବରୁ ଭଜା ହୋଇଥିବା ଚିଙ୍ଗୁଡ଼ି ପକାଇ ଗୋଟେ କପ୍ ଉଷୁମ ପାଣି ଦିଅନ୍ତୁ। ଏଥିରେ କଟା ଧନିଆ ପତ୍ର ଏବଂ ଗରମ ମସଲା ପକାଇ ୧୦ ମିନିଟ୍ କମ୍ ଆଞ୍ଚରେ ଘୋଡ଼ାଇ ରଖନ୍ତୁ। ୧୦ ମିନିଟ୍ ପରେ କଡ଼େଇକୁ ଗ୍ୟାସ୍‌ରୁ ଓହ୍ଲାଇ ଆଣନ୍ତୁ। ପ୍ରସ୍ତୁତ ହୋଇଗଲା ଜହ୍ନି-ଚିଙ୍ଗୁଡ଼ି ବେସର। ଏହା ଉପରେ ଆପଣ ପୁଣି ଥର ଧନିଆ ପତ୍ର ପକାଇ ପାରିବେ ଓ ଗରମ ଗରମ ପରଷି ପାରିବେ। ଏହାକୁ ଆପଣ ଭାତ ଓ ରୁଟି ସହିତ ଖାଇଲେ ଭଲ ଲାଗେ।

# ଘଞ୍ଚ କେଶ ପାଇଁ...

ବର୍ତ୍ତମାନ ଖାଦ୍ୟପେୟର ଅନିୟମିତତା ଏବଂ ବ୍ୟସ୍ତବହୁଳ ଜୀବନଶୈଳୀ ଦ୍ୱାରା ବର୍ତ୍ତମାନ କେଶ ଉପୁଡ଼ିବା ଏବଂ ଅସମୟରେ ପାଚିବା ଭଳି ସମସ୍ୟା ବେଶି ଦେଖିବାକୁ ମିଳୁଛି ତେଣୁ ଏଥିପାଇଁ କିଛି ଉପାୟକୁ ଅବଲମ୍ବନ କରନ୍ତୁ- ଯାହା ଫଳରେ ଏଥିରୁ କେଶ ଉପୁଡ଼ିବା ସହିତ ଅସମୟରେ ପାଚିବାକୁ ରୋକାଯାଇପାରିବ।

- କଞ୍ଚା ବିରିକୁ ଚୂରି ତା' ସହିତ ସିମ ପରିମାଣରେ ମେଥି ଚୂରା ମିଶାଇ ସପ୍ତାହରେ ଥରେ ମୁଣ୍ଡରେ ଘଷିଲେ କେଶ ବଢ଼େ।
- ସପ୍ତାହରେ ଥରେ ଘିକୁଆଁରୀ ରସ ମୁଣ୍ଡରେ ଲଗାଇବା ଦ୍ୱାରା ମଧ୍ୟ କେଶ ଉପୁଡ଼ିବା ବନ୍ଦ ହୋଇଥାଏ।
- ଜଡ଼ାତେଲ, ଖସାତେଲ, ନଡ଼ିଆତେଲ ମିଶାଇ ଗରମ କରି କେଶର ମୂଳରେ ବ୍ୟବହାର କରିବା ଦ୍ୱାରା କେଶ ଝଡ଼ିବା ବି ବନ୍ଦ ହେବ।
- ଅଁଳାରସ ଅଧକପ ସହ ନର୍ମଳ ଚୂନପାଣି ଅଧକପ ମିଶାଇ ମୁଣ୍ଡରେ ଲଗାଇଲେ। ଏବଂ ହରଡ଼ ବା ମସୁର ଡାଲିକୁ ବାଟି ମୁଣ୍ଡରେ ଲଗାଇଲେ ମଧ୍ୟ କେଶ ବଢ଼େ। କଞ୍ଚା ଅଁଳା ରସକୁ କେଶରେ ଲେପନ କଲେ କେଶ ସହଜରେ ପାଚେନାହିଁ।
- ଚା' ସିଝା ପାଣି, ଲେମ୍ବୁରସ, ଅଁଳା, ମେହେନ୍ଦି ଗୁଣ୍ଡ, କଫିଗୁଣ୍ଡ ମିଶାଇ ଲଗାଇବା ଦ୍ୱାରା ମଧ୍ୟ କେଶ ନମନୀୟ ହୋଇଥଶଏ। ତ୍ରିଫଳା ଚଦୂର୍ଣ୍ଣକୁ ପୁରୁଣା ଗୁଡ଼ରେ ମିଶାଇ ବଟଣିକା କରି ପ୍ରତିଦିନ ଗୋଟିଏ କରି ଏକ ମାସଯାଏ ଖାଇବା ଦ୍ୱାରା କେଶ ଏତେ ମାତ୍ରାରେ ପାଚେନାହିଁ କମ୍ବା ଝଡ଼େନାହିଁ।

# ଚିକ୍କଣ ତ୍ୱଚା ପାଇଁ



- ସନ୍ତୁଳିତ ଭୋଜନ ତ୍ୱଚା ବା ଚର୍ମର ସୁସ୍ଥତା ପାଇଁ ମୁଖ୍ୟତଃ ଦାୟୀ। ମାଛ, ନଟ୍ସ, ବ୍ରୋକୋଲି, ଟମାଟୋ, ବିଟ୍ ଆଦି ଚର୍ମ ପାଇଁ ଉପକାରୀ ହୋଇଥାଏ। ଏସବୁକୁ ନିୟମିତ ଖାଦ୍ୟରେ ସାମିଲ କରନ୍ତୁ।
- ଯଥେଷ୍ଟ ମାତ୍ରାରେ ପାଣି ପିଇବା ଦ୍ୱାରା ଶରୀରରୁ ବିଷାକ୍ତ ଅଂଶ ବାହାରି ଯାଇଥାଏ। ପାଣି ସହିତ ଜୁସ୍ ବି ପିଇ ପାରିବେ। ଦିନକୁ ଅତି କମରେ ୨ ଲିଟର ପାଣି ପିଇବା ଆବଶ୍ୟକ।

ଖରାରୁ ଦୂରରେ ରୁହନ୍ତୁନି । ସକାଳୁଆ ଖରାରୁ ଭିଟାମିନ ଡି ମିଳିଥାଏ। କିନ୍ତୁ ଖରା ଟାଣ ହେବା ପରେ ଏହାକୁ ଯଥାସମ୍ଭବ ଏଡ଼ାଇ ଯାଆନ୍ତୁ। କାରଣ ସୂର୍ଯ୍ୟ କିରଣରେ ଥିବା ଅତି ବାଇଗଣୀ ରଶ୍ମି ତ୍ୱଚା ପାଇଁ କ୍ଷତିକାରକ ହୋଇଥାଏ।

- ମୁହଁକୁ ଦିନକୁ ଦୁଇତିନିଥର ଧୁଅନ୍ତୁ। ଏହାଦ୍ୱାରା ମଇଳା ଅଂଶ ବାହାରି ଯାଇଥାଏ। ଦିନକୁ ଥରେ ଫେସୱାଶ ନିଶ୍ଚୟ ଲଗାନ୍ତୁ। ବିଶେଷ କରି ବାହାରୁ ଆସିବା ପରେ ଫେଶୱାଶ ଲଗାଇ ମୁହଁକୁ ସଫା କରିନିଅନ୍ତୁ। ସପ୍ତାହକୁ ଥରେ ସ୍କ୍ରବିଂ କରନ୍ତୁ। ମୁହଁକୁ ସଫା କରିବା ପରେ ଟୋନର ଓ ମଶ୍ଚରାଇଜର ଲଗାଇବାକୁ ଭୁଲିବେ ନାହିଁ।

# ପିଲାଙ୍କୁ ଦିଅନ୍ତୁ ମାଣ୍ଡିଆ ମାଲ୍ଟ



ଆମ ରାଜ୍ୟରେ ମାଣ୍ଡିଆ ଚାଷ ଅନେକ ଅଂଚଳରେ ହୁଏ। ମାଣ୍ଡିଆରେ ଥିବା ଖାଦ୍ୟ ଉପାଦାନ ଶରୀର ପାଇଁ ବହୁତ ଉପଯୋଗୀ। ଏଥିରେ ଥିବା ପୁଷ୍ଟିସାର, ଶ୍ୱେତସାର, ସ୍ନେହାରର ଗୁଣବତ୍ତା ରକ୍ତଚାପ ରୋଗୀଙ୍କ ପାଇଁ ଉପାଦେୟ। ଏଥିରେ ପ୍ରଚୁର ପରିମଶଣରେ ଖଣିଜଲବଣ ଯଥା-କ୍ୟାଲସିୟମ, ଫସଫରସ ଓ ଆଇରନ ରହିଛି। ପରୀକ୍ଷାରୁ ଜଣାପଡ଼ିଛି ଯେ, ମାଣ୍ଡିଆରୁ ସହଜ ଉପାୟରେ ପୁଷ୍ଟିସାର ଜାତୀୟ ପାନୀୟ ପ୍ରସ୍ତୁତ କରାଯାଇପାରିବ। ଏହି ପାନୀୟ ଗଜା ମାଣ୍ଡିଆରୁ ପ୍ରସ୍ତୁତ ହେଉଥିବାରୁ ଏହାକୁ ମାଲ୍ଟ ବୋଲି କୁହାଯାଏ। ପିଲାଙ୍କୁ ଜଙ୍କଫୁଡ୍ (ତେଲଭାଜି) ଦେବା ଅପେକ୍ଷଡ଼ା ଏହି ମାଣ୍ଡିଆ ମାଲ୍ଟ ଜଳଖିଆ ଭାବେ ଖାଇବାକୁ ଗୃହିଣୀମାନେ ଦେଇପାରିବେ।

ମାଲ୍ଟର ପ୍ରସ୍ତୁତି ପ୍ରଣାଳୀ: ମାଣ୍ଡିଆ ସହିତ ୨୦ ରୁ ୩୦ ଭାଗ ଡାଲିଜାତୀୟ ଶସ୍ୟ ମିଶ୍ରଣ କଲେ ପୁଷ୍ଟିସାର ମାତ୍ରା ବଢ଼ିଥାଏ। ଏଥିପାଇଁ ମୁଗ ବା ବୁଟ ମିଶାଯାଇପାରେ। ପ୍ରଥମେ ଗୋଟା ମାଣ୍ଡିଆ ଓ ଗୋଟା ମୁଗକୁ ସଫା କରି ବାରଘଣ୍ଟା ପର୍ଯ୍ୟନ୍ତ ବତୁରାନ୍ତୁ। ବତୁରା ଶସ୍ୟକୁ ଛାଣି ଓଦା କପଡ଼ାରେ ବାନ୍ଧନ୍ତୁ। ସାଧାରଣତଃ ମୁଗ ୬ ରୁ ୭ଘଣ୍ଟାରେ ଗଜା ବାହାରେ। ଗଜାର ଲମ୍ବ ୧ରୁ ୨ ମିଲି ହୋଇଯିବାର ପରେ ସେଗୁଡ଼ିକୁ ଭଲ ଭାବରେ ଶୁଖେଇ ଦିଅନ୍ତୁ। ସୁବିଧା ଓ ପରିମାଣ ଅନୁସାରେ ହାତରେ ବା ଯନ୍ତ୍ର ସାହାଯ୍ୟରେ ଗଜା ଶସ୍ୟର ଚୋପା ବାହାର କରନ୍ତୁ ଓ ଶସ୍ୟ ଗୁଣ୍ଡ କରନ୍ତୁ। ୭୦ ଭାଗ ମାଣ୍ଡିଆ ଓ ୩୦ ଭାଗ ମୁଗ ଗୁଣ୍ଡର ମିଶ୍ରଣରେ ରୁଚି ଅନୁଯାୟୀ ଚିନି ଓ କ୍ଷୀର ଗୁଣ୍ଡ ମଧ୍ୟ ମିଶାଇ ପାରିବେ। ଏହି ଶୁଖିଲା ଗୁଣ୍ଡର ମିଶ୍ରଣକୁ ଡବା କିମ୍ବା ପଲିଥିନ ପ୍ୟାକେଟରେ ସାଇତି ରଖି ଆବଶ୍ୟକ ସମୟରେ ପାନୀୟ ପ୍ରସ୍ତୁତ କରିପାରିବେ। ଏହି ମାଲଟ ପାଉଡ଼ରରୁ ପାନୀୟ ପ୍ରସ୍ତୁତି ପାଇଁ ପ୍ରାୟ ୧୦୦ ମିଲି ପାଣିରେ ୧୦ ଗ୍ରାମ ମାଲଟ୍ ପାଉଡ଼ର ଓ ୧୦ ଗ୍ରାମ ପାଇଁ ପ୍ରାୟ ୧୦୦ ମିଲି ପାଣିରେ ୧୦ ଗ୍ରାମ ମାଲଟ ପାରଡ଼ର ଓ ୧୯୦ଗ୍ରାମ ଚିନି ଦରକାର ହୁଏ। ଏହା କ୍ଷୀର ସହ ମଧ୍ୟ ପ୍ରସ୍ତୁତ ହୋଇପାରିବ। ପ୍ରଥମେ ପାଣି ବା କ୍ଷୀରକୁ ଫୁଟିବାକୁ ଦନିଆଯାଏ ଓ ସେଥିରେ ଚିନି ମିଶାଯାଏ। ମପାପ ହୋଇଥିବା ମାଲଟ୍ ପାଉଡ଼ରକୁ ଥଣ୍ଡା ପାଣିରେ ଗୋଳାଇ ଦିଅନ୍ତୁ। ଏହାକୁ ଫୁଟୁଥିବା ପାଣି ବା କ୍ଷୀରରେ ଏକ ମିନିଟ୍ ପର୍ଯ୍ୟନ୍ତ ଫୁଟାଇଲେ ମାଲଟ ପିଇବା ପାଇଁ ପ୍ରସ୍ତୁତ ହୋଇଯାଏ।

ମାଲଟ୍ ପୁଷ୍ଟିକର ଓ ସ୍ୱାସ୍ଥ୍ୟପଯୋଗୀ ହେବା ସହ କମ୍ ଖର୍ଚ୍ଚରେ ପ୍ରସ୍ତୁତ ହୋଇଥାଏ। ଏହାକୁ ଯେକୌଣସି ବୟସର ଲୋକ ପିଇପାରିବେ। ଏହାର ପ୍ରସ୍ତୁତି ପ୍ରଣାଳୀ ସହଜ ହୋଇଥିବରୁ ଏହାକୁ ମା'ମାନେ ଘରେ ପ୍ରସ୍ତୁତ କରି ସାଇତି ରଖିପାରିବେ। ପିଲାଙ୍କ ପାଇଁ ଜଳଖିଆ ତିଆରି କରିଦେଇପାରୁ ନଥିଲେ, ଏହି ମାଲ୍ଟ ଦେଇ ସ୍କୁଲ ପଠାଇପାରିବେ। ଯାହା ପିଲାର ସ୍ୱାସ୍ଥ୍ୟ ପାଇଁ ଖୁବ୍ ହିତକାରୀ ହୋଇପାରିବ। ଏହାକୁ ବ୍ୟବସାୟିକ ଭିତ୍ତିକ ମଧ୍ୟ ପ୍ରସ୍ତୁତ କରାଯାଇ ପଲିଥିନ ବା ଡବାରେ ପ୍ୟାକିଂ କରି ବିକ୍ରି କରି ମହିଳାମାନେ ରୋଜଗାରକ୍ଷମ ହୋଇପାରିବେ।

# ଆତ୍ମହତ୍ୟା ପୂର୍ବରୁ ଦିଆଯାଏ ଶିକ୍ଷା



ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ଉପଭୋଗ କରିବା ନିମନ୍ତେ ଅନେକ ବିଜ୍ଞ ବ୍ୟକ୍ତି ଉପଦେଶ ଦେଉଥିଲା ବେଳେ ସଂଖ୍ୟାଧିକ ଲୋକେ କିନ୍ତୁ ଦୈନନ୍ଦିନ ଜୀବନଯାତ୍ରାରେ ବୀତସ୍ପୃହ ହୋଇପଡ଼ିଲେଣି। ସେଥିପାଇଁ ଏହି ବର୍ଗର ଲୋକେ ଚଲାପଥରେ ହାରିଯାଇ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥାନ୍ତି। ତେବେ ଏମାନଙ୍କୁ ଉଚିତ ପଥକୁ ଆଣିବା ନିମନ୍ତେ ଜାପାନର ଜନୈକ ମହିଳା ଏକ ଦୃଢ଼ ପଦକ୍ଷେପ ନେଇ ଚର୍ଚ୍ଚା ପରିସରରେ। ୩୭ ବର୍ଷୀୟା ମହିଳା ଜିୟୁ ଲିନିଓ ଟୋକିଓରେ ମୃତ୍ୟୁ ପରର ପ୍ରଶିକ୍ଷଣ ଦେବାକୁ ଆରମ୍ଭ କରିଛନ୍ତି। କିଛିବର୍ଷ ତଳେ ତାଙ୍କ ସ୍ୱାମୀ ଲିଉଙ୍କୁ ତ୍ୟାଗ କରି ଅନ୍ୟତ୍ର ବିବାହ କରିଥିଲେ। ମହିଳାଜଣକ ସ୍ୱାମୀଙ୍କ ଏଭଳି ପଦକ୍ଷେପରେ ଖୁବ୍ ଆଘାତ ପାଇଥିଲେ। ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଲେ। ପରେ ବିଭିନ୍ନ ଚିନ୍ତାଧାରା ତାଙ୍କ ମନରେ ଗଭୀର ରେଖାପାତ କଲା। ଅନ୍ୟ ପାଇଁ କାହିଁକି ଜୀବନ ହାରିବେ, ଏହି କଥା ବାରମ୍ବାର ଚିନ୍ତା କଲେ ଲିଉ। ଏହିଠାରୁ ତାଙ୍କ ଜୀବନର ଗତିପଥ ପରିବର୍ତ୍ତନ ହୋଇଥିଲା। ଲିଉ ବିଭିନ୍ନ ଅନୁସନ୍ଧାନରୁ ଜାଣିପାରିଥିଲେ ଯେ ଜାପାନରେ ପୁରୁଷଙ୍କ ତୁଳନାରେ ମହିଳାମାନେ ଅଧିକ ଆତ୍ମହତ୍ୟା କରୁଛନ୍ତି। ଏହାର ଏକମାତ୍ର କାରଣ ହେଲା ସେମାନଙ୍କୁ ତାଙ୍କ ସାଥୀ ଠକିବା। ଲିଉ ସୋସିଆଲ ସାଇଟ୍ ଜରିଆରେ ମୃତ୍ୟୁ ପରର ପ୍ରଶିକ୍ଷଣ ଦେବାକୁ ଯୋଜନା କଲେ। ସଂଖ୍ୟାଧିକ ମହିଳା ତାଙ୍କ ନିକଟକୁ ଏବେ ଆସୁଛନ୍ତି। ସେମାନଙ୍କୁ ଜୀବନର ଉଚିତ ମୂଲ୍ୟବୋଧ ବୁଝାଇବା ସହ ମୃତ୍ୟୁର ଅନୁଭବ ହେବା ପାଇଁ ମାଟିରେ ବଡ଼ ଗାତ ଖୋଳାଯାଇ ମହିଳାଙ୍କୁ ସେଠାରେ କିଛି ସମୟ ଶୋଇବାକୁ କୁହାଯାଏ। ଏହାପରେ ମାଟିରେ ସେମାନଙ୍କ ଶରୀରକୁ ଆବୃତ୍ତ କରାଯାଇଥାଏ। କେବଳ ଏହି ପ୍ରକ୍ରିୟାରେ ହିଁ ଅଧିକାଂଶ ମହିଳା ଭୟଭୀତ ହୋଇ ଆତ୍ମହତ୍ୟା ଜିଦରୁ ଓହରିଯାନ୍ତି।। ଟୋକିଓରେ ଏହି ମୃତ୍ୟୁ ପରର ପ୍ରଶିକ୍ଷଣକୁ 'ଗ୍ରେଭୟାଲଡ଼ର୍ଯ୍ୟ କ୍ଲାସରୁମ' କୁହାଯାଏ।

# ହୃଦ୍‌ରୋଗୀଙ୍କ ପାଇଁ ଭଲ ଖବର



ବୈଜ୍ଞାନିକମାନେ ଏକ ଏଭଳି ଔଷଧ ଖୋଜି ବାହାର କରିଛନ୍ତି, ଯେଉଁଥିରେ ଖରାପ କୋଲେଷ୍ଟାରେଲକୁ କମ କରାଯାଇ ରୋଗୀକୁ ହୃଦଘାତରୁ ରକ୍ଷା କରାଯାଇ ପାରିବ। ୨୭,୦୦୦ ରୋଗୀଙ୍କ ଉପରେ ଏହି ଔଷଧର ପରୀକ୍ଷଣ କରାଯାଇଛି। ଏବେ ଏହାକୁ ବ୍ୟବହାର କରାଯାଇ ପାରିବ ବୋଲି ଜଣାପଡ଼ିଛି। ବ୍ରିଟିଶ ହାର୍ଟ ଫାଉଣ୍ଡେସନ ପକ୍ଷରୁ କୁହାଯାଇଛି ଏହି ରିସର୍ଚ୍ଚ ବିଶ୍ୱର ସବୁଠାରୁ ବଡ଼ ହତ୍ୟାକାରୀ (ହୃଦଘାତ) ସହ ଲଢ଼େ଼ି କରିବା ଦିଗରେ ଏକ ବଡ଼ ପଦକ୍ଷେପ। ପ୍ରତିବର୍ଷ ଦେଢ଼ କୋଟି ଲୋକ ହୃଦରୋଗରେ ପ୍ରାଣ ହରାଇଥାନ୍ତି। ବ୍ୟାଡ଼ କୋଲେଷ୍ଟୋରେଲ ଏଥିରେ ଖଳନାୟକ ଭୂମିକାରେ ରହିଥାଏ। ଏହି ଖରାପ କୋଲେଷ୍ଟୋରେଲ ରକ୍ତକୋଷିକାରେ ବ୍ଲକେଜ ସୃଷ୍ଟି କରିଥଶଏ। ତେଣୁ ହୃଦୟ ଓ ମସ୍ତିଷ୍କକୁ ଅକ୍ସିଜେନ ପହଞ୍ଚିପାରି ନଥାଏ। ନୂଆ ଔଷଧର ନାମ ଇଭୋଲେକ୍ୟୁମେଚ। ଏହା ଲିଭରର କାମ କରିବା ପ୍ରଣାଳୀରେ ଭିନ୍ନତା ଆଣିବା ସହ ଖରାପ କୋଲେଷ୍ଟୋରେଲକୁ କମ କରିଥାଏ। ପୂର୍ବରୁ ରୋଗୀଙ୍କୁ ଦିଆଯାଉଥିବା ଔଷଧ ଷ୍ଟେଟିନ୍ସ ତୁଳନାରେ ଇଭୋଲୋକ୍ୟୁମେବ୍ ଅଧିକ ପ୍ରଭାବଶାଳୀ। ଇଂଲଣ୍ଡ ଜର୍ଣ୍ଣାଲ ଅଫ ମେଡ଼ିସିନରେ ଏ ସମ୍ବନ୍ଧୀୟ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଛି।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
୧୦ ଜୁନ୍ ୨୦୨୪, ସୋମବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଏକାଙ୍ଗରୁ ଏକାଠି ଦିଗରେ...

ଜୁନ୍ ୩ ତାରିଖରେ ଭାରତବର୍ଷର ଜନସାଧାରଣ ଯେତେବେଳେ ରାତିରେ ଖାଇ ସାରିବା ପରେ ଶୋଇବାକୁ ଗଲେ, ସେତେବେଳେ ସେମାନେ ଜାଣି ନଥିଲେ ଯେ ସେଇ ରାତି 'ଏକାଙ୍ଗ ଚକ୍ରବର୍ତ୍ତୀ' ଦ୍ୱାରା ପରିଚିହ୍ନିତ ଦଶନ୍ଧିର ଶେଷ ରାତି ହେବାକୁ ଯାଉଛି । ଜଣେ ନେତା, ତାଙ୍କର ଭାବମୂର୍ତ୍ତି, ତାଙ୍କର ପ୍ରତ୍ୟେକଟି ଶବ୍ଦ ଏବଂ ତାଙ୍କର ସଂଗଠନିକ ଶକ୍ତି ଏଇ ବିଗତ ଦଶନ୍ଧି ଭିତରେ ଏକ ବହୁ-ଦଳୀୟ ସଂସଦୀୟ ଗଣତନ୍ତ୍ରକୁ ଆବୋରି ବସିବାରେ ସକ୍ଷମ ହୋଇଥିଲା, ଆଉ ଏହା ସମ୍ଭବ ହୋଇଥିଲା ସଂସଦର ନିମ୍ନ ସଦନ ଲୋକସଭାରେ ତାଙ୍କ ଦଳର ଏକକ ସଂଖ୍ୟାଗରିଷ୍ଠତା ଯୋଗୁଁ। ଜୁନ୍ ୪ ତାରିଖରେ ଯେତେବେଳେ ଭାରତବାସୀ ନିଦରୁ ଉଠିଲେ, ସେମାନଙ୍କୁ ଅପେକ୍ଷା କରି ରହିଥିଲା ଏକ ନୂଆ ଯୁଗ । ୬୫୦ ମିଲିଅନ୍ ପାଖାପାଖି ଲୋକଙ୍କ ସ୍ୱର ସ୍ପଷ୍ଟ ଭାବରେ ସେଇ ତତ୍ତ୍ୱକୁ ପ୍ରତ୍ୟାଖ୍ୟାନ କରିଥିଲା- ସମଗ୍ର ଦେଶ ଆଉ ଏଣିକି କେବଳ ଜଣେ ବ୍ୟକ୍ତି ଜଣେ ନେତା, ଯିଏକି ନିଜକୁ ଏତେ ଉଚ୍ଚ ଭାବିବେ ଯେ ତାଙ୍କ ସାମ୍ନାରେ ଆଉ କେହି ଦେଖା ଯାଉ ନଥିବେ- ତାଙ୍କ ଉପରେ ଆସ୍ଥା ରଖିବ ନାହିଁ । ବର୍ତ୍ତମାନ ସମଗ୍ର ଦେଶବାସୀ ପୁଣି ସେଇ ମେଣ୍ଟ ସରକାର ଦ୍ୱାରା ଦେଶ ପରିଚାଳିତ ହେବାର ପରିଚିତି ଦୃଶ୍ୟପଟକୁ ଫେରି ଆସିଛନ୍ତି ଯାହା ଦେଶରେ କାମ କରିଥିଲା ୧୯୯୦ ଏବଂ ୨୦୦୦ ଦଶକରେ, ଯେଉଁ ସମୟରେ ସ୍ୱାଧୀନତା ସ୍ଥାନରେ ରହିଥିଲା ପରସ୍ପର ଉପରେ ନିର୍ଭରଶୀଳତା, ଏବଂ ପ୍ରତ୍ୟେକ ଦଳ ଏହାର ମେଣ୍ଟରେ ଥିବା ମିତ୍ର ଦଳମାନଙ୍କ ସହିତ, ଏମିତିକି ବିରୋଧୀ ଦଳମାନଙ୍କ ସହିତ ପରାମର୍ଶ କରି ଯେ କୌଣସି ନିଷ୍ପତ୍ତି ନେଉଥିଲା । ହଠାତ୍ ଏକାକୀ ନିଷ୍ପତ୍ତି ନେବାର ଏକ ଯୁଗର ଆବିର୍ଭାବ ଘଟିଥିଲା, ସିଧାସଳଖ ନାଗରିକମାନଙ୍କ ସାମ୍ନାରେ ଅପ୍ରତ୍ୟାଶିତ ଭାବରେ କିଛି ଘୋଷଣା କରିବାର ଯୁଗ ଭାବରେ । ଆଉ ଏବେ ସେ ଯୁଗ ପଛକୁ ଚାଲି ଯାଇଛି । ତା' ପରିବର୍ତ୍ତେ ଦୁଇଜଣ ବରିଷ୍ଠ ଖେଳାଳିଙ୍କର ଜାତୀୟ ଦୃଶ୍ୟପଟରେ ଆବିର୍ଭାବ ଘଟିଛି, ଯେଉଁମାନେ କି ସେମାନଙ୍କ ଖେଳରେ ଓସ୍ତାଦ୍ । ସେମାନେ ହେଉଛନ୍ତି ବିହାରର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ଖୁବ୍ ଶୀଘ୍ର ଆନ୍ଧ୍ରପ୍ରଦେଶର ଚତୁର୍ଥ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବାକୁ ଯାଉଥିବା ଏନ୍ ଚନ୍ଦ୍ରବାବୁ ନାଇଡୁ । ସେମାନେ ଏବେ ରାଜନୀତିର ଖେଳରେ ବୁଝାମଣାର ଦିଗକୁ ଫେରାଇ ଆଣିଛନ୍ତି, ଯାହା ଏଣିକି ପ୍ରତ୍ୟେକଟି ନିଷ୍ପତ୍ତି ବେଳେ ଦିଆନିଆର ଦୁନିଆକୁ ପ୍ରତ୍ୟକ୍ଷ କରିବାକୁ ଯାଉଛି- କିଛି ଦିଅ, ଆମ ସମର୍ଥନ ନିଅ । ବୁଲ୍‌ଡୋଜରରେ ବର୍ତ୍ତମାନ ବ୍ରେକ୍ ଲାଗି ସାରିଛି । ନିହାତି କମ୍‌ରେ ସେଗୁଡ଼ିକ ମଧ୍ୟରୁ ଦୁଇଟିରେ । ପରନ୍ତୁ ଅନେକଗୁଡ଼ିଏରେ ମଧ୍ୟ ହୋଇପାରେ । ଆଉ ଥରେ ବୁଲ୍‌ଡୋଜରରେ ବ୍ରେକ୍ ଲାଗିଗଲେ, ତାହା କଣ ହୁଏ ସମସ୍ତେ ଜାଣନ୍ତି; ତାହା କେବଳ ପରିଣତ ହୁଏ ଘାସ ପଡ଼ିଆରୁ ଘାସ କାଟିବା ମେସିନ୍‌ରେ ନୁହେଁ କି ? ଏଣିକି ଶାସନର ଶୀର୍ଷରେ ରହିଥିବା ଦୁଇଜଣ ଶୀର୍ଷସ୍ଥାନୀୟ ବ୍ୟକ୍ତିଙ୍କ କ୍ଷେତ୍ରରେ ଏହାର ସାମର୍ଥ୍ୟର ପ୍ରଭାବ ଓ ଘନତ୍ୱ ବେଶ୍ ଅନୁଭୂତ ହେବ- ଯେଉଁମାନେ କି ସେମାନଙ୍କ ପରିସ୍ଥିତି ସହିତ ଖାପ ଖୁଆଇ ଚଳିବାକୁ କିଛି ସମୟ ନେବେ- କାରଣ ବିଜେପି ଏଣିକି ଏକ ମେଣ୍ଟ ସରକାରରେ ଏହାର ନୂଆ ଅବସ୍ଥା ସହିତ ମିଳିମିଶି ଚଳିବା ପାଇଁ ଚେଷ୍ଟା କରିବାକୁ ବାଧ ହେବ । ଏମିତି ଏକ ସରକାର ସର୍ବାଧିକ ଲାଭବାନ୍ ହିତାଧିକାରୀ କେବଳ ମେଣ୍ଟ ସହଯୋଗୀ ବା ଆନ୍ଧ୍ରପ୍ରଦେଶ ଓ ବିହାର ହେବେ ନାହିଁ, ଯେଉଁମାନେ ସେମାନଙ୍କ ନିଜ ନିଜ ରାଜ୍ୟ ପାଇଁ ଦୀର୍ଘ ଦିନ ଧରି ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇବାକୁ ଆତୁର ନୟନରେ ଅପେକ୍ଷା କରି ଆସୁଛନ୍ତି, ବରଂ ସେମାନଙ୍କ ସହିତ ବିରୋଧୀ ଦଳମାନେ ମଧ୍ୟ ହେବେ, ଯେଉଁମାନେ ଆଗ ଅପେକ୍ଷା ଶକ୍ତିଶାଳୀ ହୋଇଛନ୍ତି, ଏବଂ ସେମାନଙ୍କ ସଙ୍ଗେ ସଙ୍ଗେ ଲାଭବାନ୍ ହେବେ ବିଭିନ୍ନ ଅନୁଷ୍ଠାନ, ସଂସ୍ଥା ଓ ଗଣତନ୍ତ୍ରର ସ୍ତମ୍ଭଗୁଡ଼ିକ- ଯେଉଁମାନେ ସମସ୍ତେ ଜଣେ ଶୀର୍ଷ ସ୍ଥାନୀୟ ନେତାଙ୍କ ଉଜ୍ଜ୍ୱଳ ଆଲୋକର ଯୁଗରେ ମ୍ଳାନ ପଡ଼ି ଯାଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବ୍ୟକ୍ତିତ୍ୱର ଏକ ବିଶେଷତ୍ୱ ହେଉଛି ସାହସିକ ନିଷ୍ପତ୍ତି ନେବା ଏବଂ ସମସ୍ତଙ୍କୁ ଚକିତ କରିଦେଇ ଏକ ବିସ୍ମୟାଭିଭୂତ କରିଦେବା ଭଳି ସମୟରେ ତାକୁ ସର୍ବ ସମ୍ମୁଖରେ ଘୋଷଣା କରିବା । ପରନ୍ତୁ, ଏବେ ମେଣ୍ଟ ସରକାରର ସମୟ ସେହି ଆଶ୍ଚର୍ଯ୍ୟାନ୍ୱିତ କରିଦେବା ଭଳି ପଞ୍ଝାକୁ ହଟାଇ ଦେବ। ଯେଉଁସବୁ ଧାରଣା ଓ ପ୍ରସ୍ତାବ ସମ୍ପର୍କରେ ଆଲୋଚନା ହେବ, ସେସବୁ ଆଗରୁ ବାହାରେ ପ୍ରକାଶିତ ହୋଇଯିବ, ଏବଂ କୌଣସି ନିଷ୍ପତ୍ତି ନିଆଯିବା ପୂର୍ବରୁ ଜନସାଧାରଣଙ୍କ ମଧ୍ୟରେ ସେ ସମ୍ପର୍କରେ ତର୍କ ବିତର୍କ, ଏମିତିକି ଅସନ୍ତୋଷ ମଧ୍ୟ ହାଜିରା ପକାଇବ । କହିବା ବାହୁଲ୍ୟ ଗଣତନ୍ତ୍ର ଏଣିକି ତା'ର ଉତ୍ତମ ସ୍ୱାସ୍ଥ୍ୟ ଫେରି ପାଇବ, ଆରାମରେ ଟିକେ ସକାଳେ ଏବଂ ସନ୍ଧ୍ୟାରେ ବଗିଚାରେ ବୁଲାଚଲା କରି ପାରିବ, ସ୍ୱାଧୀନତାର ଝରଣାରେ ଜଳବିନ୍ଦୁର ସୌନ୍ଦର୍ଯ୍ୟକୁ ଉପଭୋଗ କରି ପାରିବ, ଯେତେବେଳେ କି ସୁପରମ୍ୟାନ୍ କ୍ଷତିଗ୍ରସ୍ତ ହୋଇଥିବା ପତିମୂର୍ତ୍ତିର କାନ୍ଧ କେବଳ ଚଢ଼େଇମାନଙ୍କର ଉପବେଶନକୁ ସାଥୀ ଭାବରେ ପାଉ ନଥିବ, ବରଂ ସେଇ ପକ୍ଷୀମାନେ ଗାଉଥିବେ ବିଦାୟୀ ଦଶନ୍ଧିର ଏକାଙ୍ଗ ଆଧିପତ୍ୟାର ବିରହ ବିଧୁରା ସଙ୍ଗୀତ ।

# ବିରଳ ରୋଗ ସମ୍ପର୍କରେ ?

**ଡାକ୍ତର ଉମେଶ ଚନ୍ଦ୍ର ପାତ**

> ସାଧାରଣରେ ସମସ୍ତଙ୍କ ଭିତରେ ଏକ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, ଏହି ବିରଳ ବା ଦୁର୍ଲଭରୋଗଟି କ'ଣ ? ଯାହାକି ଏହି ରୋଗୀମାନଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଦୁନିଆରେ ହେଉଥିବା ଅନ୍ୟ ରୋଗପରି ଏହି ରୋଗ ପାଇଁ କୌଣସି ନୀତି ନଥାଏ। ପ୍ରତ୍ୟେକ ଦେଶ ଏହାକୁ ନିଜର ସ୍ୱତନ୍ତ୍ର ଦୃଷ୍ଟିକୋଣ ଜରିଆରେ ଦେଖନ୍ତି। ତେଣୁ ଯେଉଁ ରୋଗକୁ ଗୋଟେ ଦେଶରେ ଦୁର୍ଲଭ ବୋଲି କହନ୍ତି, ତାକୁ ଅନ୍ୟ ଦେଶରେ ବିରଳ ବୋଲି ମାନିବା ଜରୁରୀ ନୁହେଁ ବୋଲି ଭାବନ୍ତି।



ଓଡ଼ିଶା ସମେତ ଭାରତର କିଛି ରାଜ୍ୟରେ ରେଇ ସିଣ୍ଡ୍ରୋମ୍ ଭଳି ଏକ ବିରଳ ରୋଗ ଅନେକଙ୍କ ଭିତରେ ଆତଙ୍କ, ଉତ୍କଣ୍ଠତା ଓ ଚର୍ଚ୍ଚା ଖେଳାଇ ଦେଲା। ଏହା ପୂର୍ବରୁ ହିନ୍ଦୀ ଚଳଚ୍ଚିତ୍ରର ଜନୈକ ଅଭିନେତ୍ରୀ ତିନିମାସ ତଳେ ଡରମାଟାମୋୟୋସିଟିସ୍ ଭଳି ଏକ ବିରଳ ରୋଗରେ ପ୍ରାଣ ହରାଇଥିଲେ। ଏଯାବତ୍ ଭାରତରେ ଚିହ୍ନଟ ହୋଇଥିବା ୪୫୦ଟି ବିରଳ ରୋଗ ଭିତରୁ ଏହିପରି କିଛି ହାତଗଣତି ରୋଗର ଘଟଣା ସାମ୍ନାକୁ ଆସିଥାଏ। ବିରଳ ରୋଗକୁ ନେଇ ଆମ ଦେଶରେ ସେପରି ସଚେତନତା ପ୍ରାୟତଃ ଦେଖିବାକୁ ମିଳିନଥାଏ। ଅନେକ ସ୍ୱାସ୍ଥ୍ୟକର୍ମୀ ମଧ୍ୟ ଏହାର ଉତ୍ପତ୍ତି, ଲକ୍ଷଣ, ନିଦାନ ଓ ଚିକିତ୍ସା ସମ୍ପର୍କରେ ସେପରି ଅଭିଜ୍ଞ ନୁହଁନ୍ତି। ଓଡ଼ିଶାରେ ଅଧିକାଂଶ ବିରଳ ରୋଗର ନିଦାନ ବା ପରୀକ୍ଷା ହେବାର ବ୍ୟବସ୍ଥା ହୋଇନାହିଁ। କେବଳ ସିକଲସେଲ ଓ ଥାଲାସେମିଆ ପରି ବିରଳ ପର୍ଯ୍ୟାୟ ରୋଗର ପରୀକ୍ଷା ବ୍ୟବସ୍ଥା ଏଠାରେ ରହିଛି। ଅନେକ ହୁଏତ ଜାଣିନଥିବେ ପୃଥିବୀର ଏକ ତୃତୀୟାଂଶ ବିରଳ ପର୍ଯ୍ୟାୟର ରୋଗ କେବଳ ଭାରତରେ ସେମାନଙ୍କ ପ୍ରାଦୁର୍ଭାବ ଦେଖାଇଥାନ୍ତି। ଅନ୍ୟୁନ୍ୟ ପାଖାପାଖି ୧୦କୋଟିରୁ ଉର୍ଦ୍ଧ୍ୱ ପୀଡ଼ିତ ଏହି ରୋଗର ସହଜ ଶିକାର ହୋଇଥାନ୍ତି। ବର୍ତ୍ତମାନ ସମୟରେ ଡ୍ୟୁସେନ୍ ମସ୍କୁଲାର ଡିଷ୍ଟ୍ରୋଫି, ମସ୍କୁଲାର ଡିଷ୍ଟ୍ରୋଫି, ସ୍ପାଇନାଲ ମସ୍କୁଲାର ଆଟ୍ରୋଫି, ଗୌସେର ଭଳି ଅନେକ ରୋଗକୁ ସାଧାରଣରେ ଅଣଦେଖା କରାଯାଇଥାଏ। ଏହାର ବାସ୍ତବିକ କାରଣ ହେଉଛି ଏହି ରୋଗକୁ ସଠିକ ସମୟରେ ଚିହ୍ନଟ କରିବା ସହ ସଚେତନତା ନେଇ ସାଧାରଣରେ ସେପରି ଉତ୍ସୁକତା ନାହିଁ। କେନ୍ଦ୍ର ସରକାର ୨୦୧୭ ମସିହାରେ ଜାତୀୟ ବିରଳ ରୋଗ ନୀତି ପ୍ରଣୟନ କରିଥିଲେ ମଧ୍ୟ ବୈଷୟିକ କାରଣ ଓ ସମସ୍ୟା ଦର୍ଶାଇ ୨୦୦୧୮ରେ ଏହାକୁ ପ୍ରତ୍ୟାହାର କରିଥିଲେ। ତେବେ ଏହାର ଏକ ସଂଶୋଧିତ ନୀତି କେନ୍ଦ୍ର ସରକାର ୨୦୨୧ ମସିହାରେ ପ୍ରଣୟନ କରିଛନ୍ତି।

ଏଠାରେ ସୂଚନାଥାଉକି ଜଣେ ଛୋଟ ଶିଶୁଠାରେ ବିରଳ ରୋଗ ଦେଖାଯିବା ପାଇଁ ସାତ ବର୍ଷ ଲାଗିଥାଏ। ତେଣୁ ଏ କ୍ଷେତ୍ରରେ ପିଲାଟି ଗର୍ଭାବସ୍ଥାରେ ଥିବା ସମୟରୁ ଭ୍ରୂଣର ସ୍କ୍ରିନିଂ ଓ ପରେ ଏହାର ଡାଇଗ୍ନୋସିସ ଉପରେ ଗୁରୁତ୍ୱ ଗବେଷଣା ଓ ତତ୍ତ୍ୱାବଧାନର ଆବଶ୍ୟକତା ରହିଥାଏ। ଆମ ଦେଶରେ ୪୫୦ ପାଖାପାଖି ବିରଳ ରୋଗ ଭିତରୁ ଅର୍ଦ୍ଧାଧିକ ରୋଗର ଚିକିତ୍ସା ବ୍ୟବସ୍ଥା ରହିଛି। ଭାରତୀୟ ଭେଷଜ ନିୟନ୍ତ୍ରକଙ୍କ ତଥ୍ୟ ଅନୁଯାୟୀ ୨୦ ପ୍ରକାର ବିରଳ ରୋଗର ଚିକିତ୍ସା ପ୍ରଦାନ କରାଯାଉଛି। ୨୦୨୩-୨୪ ମସିହା ପାଇଁ ଏହି ରୋଗର ନିଦାନ, ଥେରାପି ଓ ଚିକିତ୍ସା ପାଇଁ ୯୩ କୋଟି ଟଙ୍କାର ବ୍ୟୟ ରାଶି ରହିଛି। ଜଣେ ଆକ୍ରାନ୍ତ ୫୦ ଲକ୍ଷ ଟଙ୍କାର ସୁବିଧା ଏନପିଆରଡିର ନିୟମ ଅନୁସାରେ ପାଇପାରିବେ। ଜଣଙ୍କ ଜୀବନବ୍ୟାପୀ ଚିକିତ୍ସା ପାଇଁ ଏହା ଯଥେଷ୍ଟ ନହୋଇଥିଲେ ବି ଅନ୍ତତଃ ଚିକିତ୍ସା ପାଇଁ ଆଶ୍ୱାସନାର ବିଷୟ। ପୃଥିବୀରେ ଯେତେ ସଂଖ୍ୟକ ବିରଳ ରୋଗ ରହିଛି ତାହା ଭିତରୁ ସିକିଲସେଲ ଓ ଥାଲାସେମିଆ ସଂଖ୍ୟା ସବୁଠାରୁ ଅଧିକ। ସେହିଭଳି ଡିଏମଡ଼ି ଓ ଅନ୍ୟ ମସ୍କୁଲାର ଡିଷ୍ଟ୍ରୋଫି ରୋଗ ଅତ୍ୟନ୍ତ ବିରଳ।

ସାଧାରଣରେ ସମସ୍ତଙ୍କ ଭିତରେ ଏକ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, ଏହି ବିରଳ ବା ଦୁର୍ଲଭରୋଗଟି କ'ଣ ? ଯାହାକି ଏହି ରୋଗୀମାନଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଦୁନିଆରେ ହେଉଥିବା ଅନ୍ୟ ରୋଗପରି ଏହି ରୋଗ ପାଇଁ କୌଣସି ନୀତି ନଥାଏ। ପ୍ରତ୍ୟେକ ଦେଶ ଏହାକୁ ନିଜର ସ୍ୱତନ୍ତ୍ର ଦୃଷ୍ଟିକୋଣ ଜରିଆରେ ଦେଖନ୍ତି। ତେଣୁ ଯେଉଁ ରୋଗକୁ ଗୋଟେ ଦେଶରେ ଦୁର୍ଲଭ ବୋଲି କହନ୍ତି, ତାକୁ ଅନ୍ୟ ଦେଶରେ ବିରଳ ବୋଲି ମାନିବା ଜରୁରୀ ନୁହେଁ ବୋଲି ଭାବନ୍ତି। ଉଦାହରଣ ସ୍ୱରୂପ ୟୁରୋପରେ ଦୁଇ ହଜାର ଲୋକଙ୍କ ମଧ୍ୟରେ ଯଦି ଜଣକୁ କୌଣସି ରୋଗ ହୁଏ ତେବେ ତାହାକୁ ବିରଳ ରୋଗରେ ଗଣାଯାଏ। ସେହିପରି ଆମେରିକାରେ ୧୫୦୦ ଲୋକଙ୍କ ମଧ୍ୟରୁ ଜଣକୁ ନିଆଯାଏ। ବିଶେଷଜ୍ଞମାନଙ୍କ ମତରେ ୮୦ ପ୍ରତିଶତ ଦୁର୍ଲଭ ରୋଗୀ ଆନୁବଂଶିକ ଅଟନ୍ତି। ବାକି ବିରଳ ରୋଗର କାରଣ ବ୍ୟାକ୍ଟେରିଆ, ଭାଇରାଲ ଇନ୍‌ଫେକ୍ସନ ଓ ଆଲର୍ଜି ଅଟେ। ସେମାନଙ୍କ ମତରେ ୫୦ ପ୍ରତିଶତ ବିରଳ ରୋଗ ପିଲା ମାନଙ୍କ ମଧ୍ୟରେ ଦେଖାଯାଏ। ଜଣେ ରୋଗୀକୁ ହୋଇଥିବା ବିରଳ ରୋଗର ସବୁ ଲକ୍ଷଣ ଅନ୍ୟ ଏକ ରୋଗୀ ଠାରୁ ଭିନ୍ନ। କିଛି ଲକ୍ଷଣ ଏତେ ସାଧାରଣ ହୋଇଥାଏ ଯେ ଏହା ଜାଣିବା ସହଜ ହୁଏ ନାହିଁ। ତେଣୁ ତାର ଚିକିତ୍ସାରେ ସମସ୍ୟା ଦେଖାଦେଇଥାଏ। ବିରଳ ରୋଗ ପୁରା ଜୀବନକୁ ପ୍ରଭାବିତ କରିଥାଏ ଓ ରୋଗୀକୁ ଦୁର୍ବଳ କରିଦିଏ। ଧୀରେ ଧୀରେ ତାର କ୍ଷମତାକୁ ନଷ୍ଟ କରିଦିଏ। ବିରଳ ରୋଗର କୌଣସି ଉପଯୁକ୍ତ ଚିକିତ୍ସା ନଥିବାରୁ ଏହା ରୋଗୀକୁ ଅଧିକ ଯନ୍ତ୍ରଣା ଦେଇଥାଏ। ବର୍ତ୍ତମାନ ଦୁନିଆରେ ୭୦୦୦ ଏପରି ରୋଗ ରହିଛି ଯାହାକୁ ବିରଳ ରୋଗ ବୋଲି କୁହାଯାଏ। ସେଥିରୁ କେତୋଟି ଜଣାଶୁଣା ନାମ ହେଲା ସିଷ୍ଟିକ ଫାଇବ୍ରୋସିସ୍, ଯାହା ଶ୍ୱସନ ତନ୍ତ୍ର ଓ ପାଚନ ତନ୍ତ୍ରକୁ ପ୍ରଭାବିତ କରିଥାଏ, ମସ୍‌କୁଲାର ଡିଷ୍ଟ୍ରୋଫି ଓ ଯାହା ମାଂସପେଶୀକୁ ପ୍ରଭାବିତ କରିଥାଏ। ଯେହେତୁ ଏହି ରୋଗ ସମ୍ବନ୍ଧରେ ଲୋକମାନେ ବିଶେଷ ଜାଣିନଥାନ୍ତି ସେଥିପାଇଁ ରୋଗୀମାନଙ୍କୁ ସାମାଜିକ ଭେଦଭାବ ସହିତ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏହି ବିରଳ ରୋଗ ସମ୍ପର୍କରେ ଚିକିତ୍ସା ବିଜ୍ଞାନର ସୀମିତ ତଥ୍ୟ ଓ ରିସର୍ଚ୍ଚର ଅଭାବ ଯୋଗୁ ସମାଜରେ ଲୋକମାନେ ମଧ୍ୟ ଏହାକୁ ଭିନ୍ନ ଦୃଷ୍ଟିରେ ଦେଖିଥାନ୍ତି।

ଚାରିମାସ ତଳେ କେନ୍ଦ୍ର ସରକାର ଜାତୀୟ ବିରଳ ରୋଗ ସମ୍ପର୍କରେ ସରକାରୀ ନୀତି ଘୋଷଣା କରିବାକୁ ନେଇ କେତେକ ମହଲରେ ସ୍ୱାଗତ ଓ ଆଉ କେତେକ ମହଲରେ ବିତର୍କ ଓ ଆଲୋଚନା ଆରମ୍ଭ ହୋଇଯାଇଛି। ଭାରତରେ ୭ ହଜାର ଶ୍ରେଣୀକୃତ ବିରଳ ରୋଗ ରହିଛି। ସେଥିରୁ ମାତ୍ର ୫ ପ୍ରତିଶତରୁ କମ ରୋଗ ସମ୍ପର୍କରେ କିଛି ଧାରଣା ରହିଛି ଓ ତାହା ଉପରେ ଚିକିତ୍ସା ବ୍ୟବସ୍ଥା ଅଛି। ଏପରିକି ସେ ସବୁ ରୋଗର ସଂଜ୍ଞା ଅଲଗା ଅଲଗା ଦେଶରେ ଭିନ୍ନ ଭିନ୍ନ। ଅଟକଳ କରାଯାଇଛି ଯେ ପ୍ରତି ୧୦ ହଜାର ଲୋକଙ୍କ ମଧ୍ୟରୁ ୬ ଜଣ କିଛି ନା କିଛି ବିରଳ ରୋଗରେ ଆକ୍ରାନ୍ତ। ଭାରତରେ ବିରଳ ରୋଗ ସମ୍ପର୍କରେ କୌଣସି ତଥ୍ୟ ନାହିଁ। ଏଣୁ କେତେକ ଜଣାଶୁଣା ରୋଗକୁ ବିରଳ ବୋଲି ବର୍ଗୀକୃତ କରାଯାଇଛି। ଅଧିକାଂଶ ବିରଳ ରୋଗ ଜେନେଟିକ୍ସ। ଏଣୁ ସେ ସବୁର ଚିକିତ୍ସା କଷ୍ଟକର। ଯେଉଁଠାରେ ଚିକିତ୍ସା ସୁବିଧା ରହିଛି ତାହା ବ୍ୟୟବହୁଳ। ଏଣୁ ସାଧାରଣ ଲୋକେ ସେପରି ରୋଗର ଚିକିତ୍ସା ଖର୍ଚ୍ଚ ବହନ କରିପାରନ୍ତି ନାହିଁ। ବିରଳ ରୋଗରେ ସ୍ୱତନ୍ତ୍ର ସମସ୍ୟା ଦେଖାଦିଏ, ଯେଉଁସବୁ ରୋଗର ଜଣାଶୁଣା ଚିକିତ୍ସା ସୁବିଧା ରହିଛି ସେ ସବୁରେ ବିରଳ ରୋଗର ସମସ୍ୟା ନଥାଏ। ଏହି ସ୍ଥିତିରେ ଭାରତ ସରକାର ଯେଉଁ ନୀତି ପ୍ରଣୟନ କରିଛନ୍ତି ତାହା ବିରଳ ରୋଗଗୁଡ଼ିକର ଚିକିତ୍ସାରେ ସାହାଯ୍ୟ କରିବ। ଏପରି ରୋଗୀ ଓ ସେମାନଙ୍କ ପରିବାରବର୍ଗ ତଥା ସେମାନଙ୍କର ଯତ୍ନ ନେଉଥିବା ଲୋକେ ଯେଉଁସବୁ ଚାଲେଞ୍ଜକୁ ସାମ୍ନା କରୁଛନ୍ତି ସେ ସବୁର ସମାଧାନ ପାଇଁ କେନ୍ଦ୍ରର ଘୋଷିତ ନୀତିରେ ଧ୍ୟାନ ଦିଆଯାଇଛି। ଘୋଷିତ ନୀତିରେ ବିରଳ ରୋଗ ଚିକିତ୍ସା ପାଇଁ ସରକାରଙ୍କ ସାହାଯ୍ୟ ପରିମାଣ ୧୫ ଲକ୍ଷ ଟଙ୍କାରୁ ୨୦ ଲକ୍ଷ ଟଙ୍କାକୁ ବଢ଼ାଯିବା ପାଇଁ ନୂଆ ନୀତିରେ ସୁପାରିଶ କରାଯାଇଛି। ରୋଗଗୁଡ଼ିକୁ ତିନୋଟି ଗୋଷ୍ଠୀରେ ଶ୍ରେଣୀଭୁକ୍ତ କରାଯାଇଛି। ଏ ସବୁର ଚିକିତ୍ସା ପାଇଁ ସର୍ତ୍ତାବଳୀ ଯୋଡ଼ାଯାଇଛି। ନୂଆ ନୀତି ଅନୁସାରେ ସରକାର ଏ ସବୁର ଚିକିତ୍ସା ପାଇଁ ଉତ୍କର୍ଷ କେନ୍ଦ୍ର ସବୁ ସ୍ଥାପନ କରିବେ। ସେ ସବୁ ସ୍ଥାନରେ ଭିତ୍ତିଭୂମି ସୃଷ୍ଟି କରାଯିବ ବା ଭିତ୍ତିଭୂମିର ଉନ୍ନତି ଅଣାଯିବ। ଏସବୁ କେନ୍ଦ୍ର ଗୁଡ଼ିକରେ ରୋଗୀଙ୍କର ପରୀକ୍ଷା, ଯାଞ୍ଚ ଓ ଚିକିତ୍ସା ଲାଗି ଆବଶ୍ୟକ ସୁବିଧା ସୃଷ୍ଟି କରାଯିବ। କିନ୍ତୁ ଘୋଷିତ ନୀତିର ବିଭିନ୍ନ ଦିଗ ଉପରେ ଅଭିଯୋଗ ଉଠୁଛି। ଅର୍ଥ ବରାଦ ଓ ସାହାଯ୍ୟ, ଚିକିତ୍ସା ପାଇଁ ଯୋଗ୍ୟତା, ସରକାର ଯେଉଁମାନଙ୍କୁ ଚିକିତ୍ସା ସାହାଯ୍ୟ ଦେବେ ସେମାନଙ୍କର ରୋଗ ଚିହ୍ନଟ ଆଦି ନେଇ ଅନେକ ପ୍ରଶ୍ନ ଉଠୁଛି। ଚିକିତ୍ସା ଖର୍ଚ୍ଚ କେନ୍ଦ୍ର ଓ ରାଜ୍ୟ ଗୁଡ଼ିକ ନିଜ ମଧ୍ୟରେ ବାଣ୍ଟି କରି ବହନ କରିବା ଉଚିତ। କିନ୍ତୁ ଏ କ୍ଷେତ୍ରରେ ରାଜ୍ୟ ଗୁଡ଼ିକର ଦକ୍ଷତା ନେଇ ସନ୍ଦେହ ରହୁଛି। କେବଳ ଦକ୍ଷିଣ ଭାରତର ତିନୋଟି ରାଜ୍ୟ କର୍ଣ୍ଣାଟକ, ତାମିଲନାଡୁ ଓ କେରଳ ଏ କ୍ଷେତ୍ରରେ ବିଶେଷ ଆଗ୍ରହ ଦେଖାଇ ଅର୍ଥ ଖର୍ଚ୍ଚ କରୁଥିବା କୁହାଯାଉଛି।

ଓଡ଼ିଶାରେ ଏହି ବିରଳ ବା ଡ୍ୟୁସେନ୍ ମସ୍କୁଲାର ଡିଷ୍ଟ୍ରୋଫି, ରୋଗ ପାଇଁ ସରକାର ୧୦ଲକ୍ଷ ଟଙ୍କାର ସହାୟତା ପ୍ରଦାନ ବ୍ୟବସ୍ଥା କରିଛନ୍ତି। ଏନେଇ ଗତବର୍ଷ ମେ ମାସରୁ ସରକାରଙ୍କ ଏକ ନିର୍ଦ୍ଦେଶାବଳୀ ମଧ୍ୟ ଜାରି ହୋଇଛି। ସିଡିଏମଓ ସ୍ତରରେ ବ୍ୟାପକ ତଥ୍ୟ ସଂଗ୍ରହ ଓ ଡାକ୍ତରୀ କାଗଜପତ୍ର ଯାଞ୍ଚପରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହଯୋଗ ରାଶିର ବ୍ୟବସ୍ଥା ରହିଛି। ସରକାରଙ୍କ ଏହି ବିରଳ ରୋଗର ମୁକାବିଲା ତଥା ଆବଶ୍ୟକୀୟ ପରାମର୍ଶ ଦେବା ପାଇ ବିଧିବଦ୍ଧ ଭାବେ ଏକ ନଅଜଣିଆ ବୈଷୟିକ କମିଟି ତିଆରି ହୋଇଛି। ଯେଉଁଥିରେ ରାଜ୍ୟ ଭେଷଜ ନିର୍ଦ୍ଦେଶକ, ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ଆଇଏଲଏସ୍ ଓ ଆରଏମଆରସିର ନିର୍ଦ୍ଦେଶକ, ଭୁବନେଶ୍ୱର ଏମ୍ସର ଶିଶୁରୋଗ ଓ ମାଇକ୍ରୋବାୟୋଲୋଜି ବିଭାଗର ମୁଖ୍ୟ, ଏସଭିନିରତାର ଅଧୀକ୍ଷକ ପରାମର୍ଶଦାତା ସଭ୍ୟ ଭାବେ ରହିଛନ୍ତି।

ନୂଆନୀତି ବିରଳ ରୋଗ ଓ ତଜ୍ଜନିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ଓ ପରାମର୍ଶ ଲାଗି ସୁଯୋଗ ସୃଷ୍ଟି କରିଛି, ଏହା ଉପରେ ଅଧିକ ସଚେତନତା ସୃଷ୍ଟି ଆବଶ୍ୟକ। ଏପରି ରୋଗରେ ଆକ୍ରାନ୍ତ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଉଦ୍ୟମ ହେବା ଉଚିତ। ଘୋଷିତ ନୀତିରେ ସବୁ ବିରଳ ରୋଗକୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ଏସବୁ ରୋଗରେ ଯେଉଁମାନେ ଆକ୍ରାନ୍ତ ସେମାନଙ୍କ ଚିକିତ୍ସା ସକାଶେ ଅଧିକ ସୁବିଧା ହେବା ଦରକାର। ନୀତି ସବୁ ରୋଗକୁ ସାମିଲ କରିନଥିବାରୁ ଅଧିକାଂଶ ରୋଗ ପାଇଁ ବୀମା ସୁବିଧା ନାହିଁ। ଏପରି ଅଧିକାଂଶ ରୋଗ ସକାଶେ ଦୀର୍ଘମିଆଦୀ ତଥା ଆଜୀବନ ଚିକିତ୍ସା ଲୋଡ଼ା। ଏସବୁ ରୋଗ ଉପରେ ଘରୋଇ କମ୍ପାନୀ ଗୁଡ଼ିକ ଗବେଷଣା କରିବାକୁ ଆଗ୍ରହୀ ନୁହଁନ୍ତି। ସେମାନେ ଔଷଧ ବାହାର ନକଲେ ରୋଗୀଙ୍କର ଚିକିତ୍ସା ହୋଇପାରିବନାହିଁ ଯଦିଓ ଏପରି ରୋଗର ଔଷଧ ଲାଗି ବଡ଼ ବଜାର ରହିଛି। ସବୁ ସରକାର ଜନସ୍ୱାସ୍ଥ୍ୟ ଚାଲେଞ୍ଜର ସମ୍ମୁଖୀନ। କରୋନା ସ୍ୱାସ୍ଥ୍ୟ ସମସ୍ୟାକୁ ସମ୍ପୂର୍ଣ୍ଣ ଭାବେ ଓଲଟପାଲଟ କରିଦେଲା। ସେଥିରେ ସାଧାରଣ ରୋଗକୁ ପଛକୁ ଠେଲି ଦିଆଗଲା। ସେ ଯାହାହେଉ ସରକାର ବିରଳ ରୋଗ ସମ୍ପର୍କରେ ପଦକ୍ଷେପ ନେଉଛନ୍ତି। ତେବେ ବଡ଼କଥା ହେଉଛି ଏ ନେଇ ବ୍ୟାପକ ସଚେତନତା ମଧ୍ୟ ବଢ଼ିବା ଜରୁରୀ ଏବଂ ବିରଳ ରୋଗର ଶିକାର ହୋଇଥିବା ପୀଡ଼ିତର ପରିବାର ଓ ନିକଟ ସମ୍ପର୍କୀୟମାନେ ଏ ନେଇ କୌଣସି ଆତଙ୍କିତ ନହେବା ସହ କୌଣସି ଗୁଜବକୁ ଗ୍ରହଣ କରିବା କଥା ନୁହେଁ। ସେହିପରି କୌଣସି ଦେଶୀୟ ତୁଟୁକାତୁଟୁକି ଚିକିତ୍ସା ବା ଗୁଣିଗାରେଡ଼ିର ସାହାଯ୍ୟ ମଧ୍ୟ ଗ୍ରହଣ କରାଯିବା ସମ୍ପୂର୍ଣ୍ଣ ରୂପେ ଅନୁଚିତ। ଡାକ୍ତରୀ ପରାମର୍ଶ ନେଇ ସରକାରଙ୍କ ସହାୟତାରେ ଜଣେ ନିରୋଗ ହେବା ସହ ଏକ ସ୍ୱାଭାବିକ ଜୀବନ ମଧ୍ୟ ବିତାଇ ପାରିବ।

ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ଜନତା ରଖିଲେ ତାଙ୍କ କଥା, ଏବେ ଆପଣମାନଙ୍କ ପାଳି



**ସୁବ୍ରତ କର**

ଏହା ଖାଲି ଆମ ବାଲେଶ୍ୱର ଜିଲ୍ଲା ପାଇଁ ଲାଗୁ ନହଁ ଏହା ମଧ୍ୟ ରାଜ୍ୟ ପାଇଁ ଲାଗୁ। କେହି କେବେ ଆଶା କରିନଥିଲେ ଆପଣମାନେ ରାଜ୍ୟରେ ସରକାର ଗଢ଼ିବେ। ପରିସ୍ଥିତିକୁ ଆସିବେ ଅନ୍ୟ କାହାରି ସାହାଯ୍ୟ ବିନା । ବହୁବର୍ଷ ପରେ ଆପଣମାନଙ୍କ ନେତା ମୁଖ୍ୟମନ୍ତ୍ରୀ ହେବେ ଏବଂ ରାଜ୍ୟ ଚଳେଇବେ । ଚାହିଁଥିଲେ ଡବଲ ଇଂଜିନର ସରକାର ପାଇଲେ ମଧ୍ୟ । ଏବେ ଦେଖିବା ସାଧାରଣ ଜନତାଙ୍କ ଆଶା କେତେ ଦୂର ଆପଣମାନେ ପୂରଣ କରି ପାରିବେ ?

ଆମେ ଏବେ ଆମ ଜିଲ୍ଲା ଭିତରେ ରହିବା । ଜିଲ୍ଲାରେ ଆପଣଙ୍କ ପ୍ରତିନିଧି ଦିଲ୍ଲୀରେ ପହଞ୍ଚିଲେ ଏବଂ ଅଧା ଅଧି ପ୍ରତିନିଧି ରାଜ୍ୟରେ ରାଜତ୍ୱ କରିବେ ।

ଏବେ ଦେଖିବା ଆପଣଙ୍କ ଦଳର ନେତା ଜନସାଧାରଣଙ୍କୁ କଣ ସଂକଳ୍ପ ପତ୍ରରେ ଲେଖିକି ଦେଇଛନ୍ତି ।

(୧) ଇଷ୍ଟକୋଷ୍ଟ କେନାଲ ପୁନରୁଦ୍ଧାର (୨) ଜିଲ୍ଲାର ପ୍ରତି ବ୍ଲକରେ ଶୀତଳ ଭଣ୍ଡାରର ପ୍ରତିଷ୍ଠା (୩) କୃଷି ମହାବିଦ୍ୟାଳୟ ଗବେଷଣା କେନ୍ଦ୍ର ସ୍ଥାପନ (୪) ମଧୁରଜଳ ମତ୍ସ୍ୟଚାଷର ଗବେଷଣା କେନ୍ଦ୍ର ସ୍ଥାପନା (୫) ବାଙ୍କତିରା ଜଳସେଚନ ପ୍ରକଳ୍ପକୁ ସଂପୂର୍ଣ୍ଣ କରିବା ୬) ଯୁବପିଢ଼ିଙ୍କ ପାଇଁ ମେଗା ସ୍ପୋର୍ଟସ କମ୍ପ୍ଲେକ୍ସ ପ୍ରତିଷ୍ଠା କରିବା (୭) ପ୍ରତି ବ୍ଲକରେ ଅତ୍ୟାଧୁନିକ କଲ୍ୟାଣମଣ୍ଡପ ଏବଂ ସ୍ୱିମିଂପୁଲ ନିର୍ମାଣ କରିବା ତା ସହିତ ପାଠାଗାର ମଧ (୮) ଯୁବପିଢ଼ିଙ୍କ ପାଇଁ ଫୁଟବଲ ଷ୍ଟାଡିୟମ ସହିତ ଫୁଟବଲ ଏକାଡେମି, କ୍ରିକେଟ୍ ଏକାଡେମୀ ଏବଂ ଇନ୍‌ଡୋର ଷ୍ଟାଡିୟମ୍ (୯) ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ଯଥା- ଚାନ୍ଦିପୁର, ତାଳସେରି, ଭୂଷଣ୍ଡେଶ୍ୱର, ପାଣ୍ଡବଘେରା ସ୍ଥାନ ମାନଙ୍କର (୧୦) ଏହା ସହିତ ସମୁଦ୍ରକୂଳ (ବେଳାଭୂମି)ର ବିକାଶ ପାଇଁ ବିଶ୍ୱସ୍ତରୀୟ ହୋଟେଲ ଶିଳ୍ପ ପ୍ରତିଷ୍ଠା କରିବା (୧୧) ଆୟୁଷ ଡାକ୍ତରଖାନାର ସମ୍ପୂର୍ଣ୍ଣକରଣ (୧୨) ଏମ୍‌ସ ଓ ପି.ଡିର ନିୟମିତ କରଣ (୧୩) ଜିଲ୍ଲାରେ ଖାଲିଥିବା ସବୁ ପ୍ରକାରର ଡାକ୍ତର ପଦବୀ ପୂରଣ ସହିତ ଶିକ୍ଷକ ପଦବୀ ପୂରଣ କରିବା (୧୪) ବାଲେଶ୍ୱର ଷ୍ଟେସନକୁ ଇଷ୍ଟକୋଷ୍ଟ ଡିଭିଜନ୍‌କୁ ଅର୍ପଣ (୧୫) ବାଲେଶ୍ୱର ମ୍ୟୁନିସିପାଲଟିକୁ କରପୋରେସନ କରିବା (୧୬) ବାଲେଶ୍ୱର ମେଡିକାଲ କଲେଜରେ ଆଙ୍କଲୋଜି, କାର୍ଡିଓଲୋଜି, ଇଉରୋଲୋଜି ଏବଂ ନିଉରୋଲୋଜି ବିଭାଗ ଖୋଲିବା (୧୭) ବାଲେଶ୍ୱର ଠାରେ ଥିବା ୨ଟି ମୂଳ ଶ୍ମଶାନରେ ଇଲେକ୍ଟ୍ରିକ୍ ଚୁଲାର ନିର୍ମାଣ କରିବା (୧୮) ସହରର ମଧ ସ୍ଥଳରେ ୧୦୦୦ରୁ ଉର୍ଦ୍ଧ୍ୱ ଲୋକ ବସି ପାରୁଥିବା ଏକ ଆଧୁନିକ ସଭାଗୃହ ତିଆରି କରିବା (୧୯) ବାଲେଶ୍ୱର ସହରର ଚାରିପଟେ ରାସ୍ତା ତିଆରି କରି (ରିଙ୍ଗ ବନ୍ଧ) ଗମନାଗମନର ସୁବିଧା କରିବା (୨୦) ଟାଉନ ଥାନା ଛକରୁ ଫାଣ୍ଡିଛକ ପର୍ଯ୍ୟନ୍ତ ଫ୍ଲାଏ ଓଭରବ୍ରିଜର ନିର୍ମାଣ ।

ଆହୁରି ଅନେକ କିଛି କରିବାର ଅଛି କିନ୍ତୁ ଉପରୋକ୍ତ ସୁବିଧା ଜନତାଙ୍କ ପାଇଁ କରିପାରିଲେ ନିଶ୍ଚିତ ଭାବରେ ୨୦୧୯ରେ ମଧ ଆପଣମାନେ ପ୍ରତିନିଧିତ୍ୱ କରିବାର ନିଶ୍ଚୟ ସୁଯୋଗ ପାଇବେ । ଏହା ବାଲେଶ୍ୱର ଜନସାଧାରଣଙ୍କ ନିଷ୍ପତ୍ତି । ଏବେଠୁ ଲାଗିବା ଉଚିତ ଏବଂ ଫଳପ୍ରଦ ହେବା ଉଚିତ।




## ପ୍ରେମରେ ପଡିବା

**ଓଟେରି ସେଲଭା କୁମାର**



ପ୍ରେମରେ ପଡ଼ିବେ
ଆକାଶ ଓ ପୂର୍ବ
ପୃଥିବୀ ଉପରକୁ
ଲାଗୁଛି ଯେମିତି ଅଛି
ଆଃ ହାଁ।।
ପ୍ରେମରେ ପଡ଼ିବେ
ଏପରିକି ଦିନରେ ଦୃଶ୍ୟମାନ
ହେଉଥିବା ସୂର୍ଯ୍ୟ ମଧ୍ୟ ଚନ୍ଦ୍ର ରୂପରେ
ଦୃଶ୍ୟମାନ ହେଉଛି...
ଦେଖନ୍ତୁ ଆପଣ ପ୍ରକୃତରେ ଭଲ
ପାଆନ୍ତି କି ନାହିଁ
ତୁମ ଚାରିପାଖରେ
ସବୁ ଗଛ
ଏକ ଯୁଗଳ ଗୀତ ଗାଉଛନ୍ତି...
ହଁ, ଆପଣ ପ୍ରେମରେ ପଡ଼ିବେ।
ଆପଣ ନିଜକୁ ଜାଣନ୍ତି ନାହିଁ
ଖାଲି ସେତିକି ନୁହେଁ. . .
ଭଲ ପାଉଥିଲେ ମଧ୍ୟ
ସେ ଜାଣନ୍ତି ନାହିଁ

୨୫/୨୩, ସାନ୍ଥିଆପ୍ପା ସାହି,
ଚେନ୍ନାଇ- ୬୦୦୦୧୨
ମୋ: ୯୧ ୯୮୪୦୩୨୬୮୪୮

## ଜଗନ୍ନାଥଙ୍କ ଷୋଳକଳା

**ଶୁଭେନ୍ଦୁ ମେହେର**

ନିବୃତ୍ତି କଳାରେ ସଂସାର ସାଗରୁ
ମୁକତିର ବାର୍ତ୍ତା ବହେ ।
ପ୍ରତିଷ୍ଠା କଳାଟି ମାର୍ଗ, ଯଶ ତୋ'ର
ସତସଙ୍ଗ ପଥେ ନିଏ ।

ବିଦ୍ୟା ଅଟେ ବାବୁ ଜାଣିବୁ ଜିଣିବୁ
ଜନହିତର ମାଧ୍ୟମ ।
ଶାନ୍ତି ଯେ' ଅଟଇ ମସ୍ତିଷ୍କ ଓ ମନ
ନିତ୍ୟ ରଖଇ ସଂଯମ ।

ଇନ୍ଦିକା ଅଟଇ ନିଜର ଜ୍ଞାନକୁ
ବର୍ଦ୍ଧନ କରିବା କଳା ।
ଦୀପିକା ଅଟଇ ଶକ୍ତି'କୁ ତୋହର
ଅସତ୍ୟ ପଥେ ନ ବଳା ।

ରେଚିକା କଳାଟି ନିଜର ଦୁର୍ଗୁଣ
ସ୍ୱୀକାର ଓ ପରିହାର ।
ମୋଚିକା କଳାଟି ମୁକୁଳିତ କର
ମାୟା ଓ ମୋହ ସାଗର ।

ପରା ଅଟେ ବାବୁ ନୂତନ ସର୍ଜନା
ନୂତନ ଚେତନା ଲକ୍ଷ୍ୟ ।
ସୁକ୍ଷ୍ମଟି ଅଟଇ ବିଚାର ଶକ୍ତିର
ଦକ୍ଷତାର ପଥ ମୋକ୍ଷ ।

ସୁକ୍ଷ୍ମ ଅମୃତ ଯେ' ଅମୃତ ପୟୋଧି
ବିସ୍ତାରିତ କର ତାକୁ ।
ଜ୍ଞାନଟି ଅଟଇ ଭଲ ଓ ଭେଲର
ପ୍ରଭେଦଟି ବୁଝିବାକୁ ।

ଜ୍ଞାନ ଅମୃତଟି ପରସିବା ପାଇଁ
ଅର୍ଜିତ ଜ୍ଞାନ କୌଶଳ ।
ଅପ୍ୟାୟିନୀ ଅଟେ ସମାଜ ସେବାଟି
ମନୁଷ୍ୟ ଜନ୍ମର ମୂଳ ।

ବ୍ୟାପିନୀ ଅଟଇ ସତ୍ୟ ଚେତନାର
କର ତୁ' ସର୍ବ ବ୍ୟାପକ ।
ବ୍ୟୋମରୂପା ଅଟେ ଆକାଶ ପରିକା
ବ୍ୟକ୍ତିତ୍ୱର ପ୍ରଦର୍ଶକ ।

ଯାଲୋଏ, ସୁବର୍ଣ୍ଣପୁର

## ସମୟଚକ

**ବିନୟାନନ୍ଦ ବସ୍ତ୍ୟସ୍ୟ**

ସମୟର ଚକ ଘୁରି ଯାଉଚି ଲୋ
ସମାନ ନ ଥାଏ କେବେ,
କେବେ ଆସେ ଦୁଃଖ କେବେ ପୁଣି
ସୁଖ
ମଣିଷ ଯିଏ ସେ ଭାବେ,
ଭାବ ରହିଥାଏ ସଦା,
କେବେ ଝାଳ ନାଳ କେବେ ଶ୍ରାନ୍ତ
କ୍ଳାନ୍ତ
କେବେ ଶୁଷ୍କ କେବେ ଓଦା।

ଜୀବନ ଦାଣ୍ଡରେ ଭିକାରୀ ସାଜି
ଏ ମଣିଷ ମାଗୁଛି ଭିକ,
ମିଳୁ କି ନ ମିଳୁ ସବୁଥିରେ ଖୁସୀ
ତିଳେ ରଖେ ନାହିଁ ଦୁଃଖ,
ସବୁଥିରେ ଶାନ୍ତ ରହି,
କା ମନରେ କଷ୍ଟ ଦୁଃଖ ନ ଦେବାଟା
ମଣିଷ ସିନା ବୋଲାଇ।

ସଙ୍ଗେ ନେଇକରି କିଏ ସେ ଜୀବନେ
କିଛି ହେଲେ ଆଣି ନାହିଁ,
ଗଲାବେଳେ କୁହ କିଏ ବା ନେଲାଣି
ସବୁ ଯିବ ଏଠି ଥୋଇ,
ମୋର ମୋର ସବୁ କହି,
ବୃଥାରେ ବାଡେଇ ଛାତି ହେଉଥିଲେ
କେହି ପା ଶୁଣନ୍ତି ନାହିଁ।

ଅଢେଇ ଦିନିଆ ସଂସାରେ ଆସିଛେ
ଅଯଥାରେ ମାଡ଼ ଗୋଳ,
ପର ନିଜ ଭାବ ନିଜ ହୃଦୟରେ
ସବୁ କରେ ଗୋଳମାଳ,
ସମ୍ପର୍କ ଏଇଠି ହୁଏ,
ଜନମ ମରଣ ଆଗରୁ ସମ୍ପର୍କ
କେଉଁଠି କାହାର ଥାଏ ?

କେଉଁ ଜନମର ଆସକ୍ତି ଥିବାରୁ
ଆମେ ବନ୍ଧା ସମ୍ପର୍କରେ,
ବାପା ଭାଇ ପୁତ୍ର କନ୍ୟା ସ୍ତିରୀ ହୋଇ
ଚାଲୁଛୁ ଏହି ସଂସାରେ,
ନିଃଶ୍ୱାସ ତୁଟିଲେ ଗଲା,
ବିଶ୍ୱାସ ଭିତରେ ସମ୍ପର୍କର ଡୋରି
ବାନ୍ଧିଥିଲେ ସବୁ ହେଲା।

ଖୋର୍ଦ୍ଧା

# ବଡ଼ କଳାକାର

ସିଦ୍ଧେଶ୍ୱର ତ୍ରିପାଠୀ



ସତରେ ଜେନା ବାବୁ ଜଣେ କଳାକାର ଖାଲି କଳାକାର ନୁହଁ ଭଲ କଳାକାର ଖାଲି ଭଲ କାହିଁକି ? ବଡ଼ କଳାକାର । ମାଆ ସରସ୍ୱତୀଙ୍କ ଆଶୀର୍ବାଦ ତାଙ୍କ ଉପରେ ଅଜାଡି ହୋଇପଡିଛି ଯେମିତି । ପିଲାଦିନେ ଗାଁ ଡ୍ରାମାରେ ଅଭିନୟ କରୁଥିଲେ । ତାପରଠୁ ଗ୍ରାଜୁଏସନ ପରେ ଭୁବନେଶ୍ୱର ସଙ୍ଗୀତ ମହାବିଦ୍ୟାଳୟ ତାପରେ ବମ୍ବେ (ମୁମ୍ବାଇ)ରେ କେତେ ପାଠ ପଢି ଓଡିଶା ଆସିଲେ ।

ବହୁ ଘାତ ପ୍ରତିଘାତ ଦେଇ ସେ ଓଡ଼ିଆ ଧାରାବାହିକ ଆଉ ଚଳଚ୍ଚିତ୍ରରେ ସୁଯୋଗ ପାଇଲେ । ପ୍ରଥମେ ଅଭିନେତା ତାପରେ ସହ ନିର୍ଦ୍ଦେଶକ ଆଉ ଶେଷରେ ସେ ନିର୍ଦ୍ଦେଶକ ବି ହେଲେ । ତାଙ୍କ ନିର୍ଦ୍ଦେଶିତ କେତେ କେତେ ସିନେମା ଆଜିବି ଓଡ଼ିଆ ଦର୍ଶକଙ୍କ ଛାତିରେ ଘର କରି ରହିଛି । ଏବେ ତ ଜେନା ବାବୁ କାହାଣୀ ଲେଖିଲେଣି ଗୀତ ଲେଖିଲେଣି ସଙ୍ଗୀତ ନିର୍ଦ୍ଦେଶନା ସହିତ ସିନେମାର ପ୍ରଯୋଜକବି ସାଜିଲେଣି ।

ଜେନା ବାବୁଙ୍କ ବୟସ ଏବେ ଷାଠିଏ ଡେଇଁଲାଣି । ଓଡ଼ିଆ ବ୍ୟତିତ ଅନ୍ୟ କେତୋଟି ଭାଷା ଭିତ୍ତିକ ସିନେମାରେ ସେ ମଧ କାମ କରିଛନ୍ତି । ଗାଁ ଚାଳ ଘର ଆଉ ପଖାଳରୁ ଆରମ୍ଭ ହୋଇଥିବା ଜେନା ବାବୁଙ୍କ ଜୀବନ ଆଜି ରାଜଧାନୀର ରାଜ ଉଆସ ଦିଚାରିଟା କାର ଚାକର ପୂଜାରୀ ନିଜର ପ୍ରଯୋଜନା କାର୍ଯ୍ୟାଳୟ ସହିତ କେତେ ସୁବିଧା ବ୍ୟବସ୍ଥାରେ ପହଞ୍ଚିଲାଣି ।

କେତେ ନୂଆ ନୂଆ କଳାକାର ନିଜର ଅଭିନୟ ଗୀତ ରଚନା କାହାଣୀ ରଚନା ସଙ୍ଗୀତ ସୃଷ୍ଟି କ୍ୟାମେରା ଚାଳନା କାର୍ଯ୍ୟର କଳାକୁ ବିକଶିତ କରିବା ପାଇଁ ସୁଯୋଗ ଆଶାରେ ଆସନ୍ତି । ହଁ ଜେନାବାବୁବି ତାଙ୍କର ଏଇ ତିରିଶ ବର୍ଷର କ୍ୟାରିଅର ଭିତରେ ଅନେକ ନୂଆ ମୁହଁକୁ ସୁଯୋଗ ଦେଇଛନ୍ତି । ଯେଉଁମାନଙ୍କ ଭିତରୁ ଅନେକ ଆଜି ଆଗ ଧାଡ଼ିର ନାୟକ ନାୟିକା ଓ ଅନ୍ୟ କ୍ଷେତ୍ରରେ ନିଜର ସୁନାମ ଅର୍ଜନ କରିପାରିଛନ୍ତି ।

ଜେନା ବାବୁ ତାଙ୍କର ଏତେସବୁ କୃତି ପାଇଁ ଅନେକ ସରକାରୀ ବେସରକାରୀ ଅନୁଷ୍ଠାନରୁ ସମ୍ମାନିତ ହୋଇଛନ୍ତି । ଘର ସାରା ମାନପତ୍ର ଭର୍ତ୍ତି । ଟିଭି ରେଡ଼ିଓ ଖବର କାଗଜରେ ତାଙ୍କର କେତେ ସାକ୍ଷାତକାର ପ୍ରଚାରିତ ପ୍ରକାଶିତ ହୋଇଛି । କେତେ ସଭା ସମିତିର ଲୋକେ ତାଙ୍କୁ ଅତିଥି ରୂପରେ ଦେଖିବାକୁ ଚାହାନ୍ତି । କାର୍ଯ୍ୟ ବ୍ୟସ୍ତତା ହେତୁ ଜେନା ବାବୁ ସବୁ ଜାଗାକୁ ଯାଇ ପାରନ୍ତି ନାହିଁ ।

ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି ଜୀବନରେ ଦୁଃଖ ସୁଖ ଲାଗି ରହିଛି । ମଣିଷର ଭଲ ମନ୍ଦ ଗୁଣବି ରହିଛି । ଦୋଳି ଯେତିକି ଆଗକୁ ଯାଏ ସେତିକି ପଛକୁ ବି ଆସେ । ଜୀବନରେ ଫଗୁଣ ପରେ ନିଦାଘ ବି ଆସେ ଠିକ୍ ସେମିତି ଜେନା ବାବୁଙ୍କ ସୁଖ ସମ୍ମାନ ଜୀବନରେ ଶନି ଦଶା ପଡିଗଲା ବୋଧେ । ଆଗାମୀ ନୂଆ ସିନେମାରେ ଜଣେ ସୁନ୍ଦରୀ ତରୁଣୀଙ୍କୁ ନାୟିକା ହେବାର ସୁଯୋଗ ଦେବା ବଦଳରେ ସେ ଟିକିଏ ଦେହ ସୁଖ ଚାହୁଁଥିଲେ । ଦିନେ ସେ ଯୁବତୀଙ୍କୁ ଅଫିସକୁ ଡାକି ଅସଦାଚାରଣ କରୁଥିବା ଘଟଣା ଆଜି ଦାଣ୍ଡରେ ପଡି ହାଟରେ ଗଡ଼ ଗଡୁଛି । ଏଭଳି ବାର୍ତ୍ତାଳପର କଲ ରେକର୍ଡ଼ିଂଗ ଏବେ ପୁରା ଭାଇରାଲ । ଉକ୍ତ ଯୁବତୀଙ୍କ ଏତେଲା ପାଇଁ ଜେନା ବାବୁ ଏବେ ଗିରଫ ହୋଇ ହାଜତରେ । ଜାମିନ ନାମଞ୍ଜୁର ହେବାରୁ ସେ ଏବେ ବିଚାର ବିଭାଗୀୟ ଜେଲକୁ ଗଲେଣି ।

ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିଲା ଭଳି ଏବେ ତାଙ୍କର କେତେ କଳା କାରନାମା ପଦାକୁ ଆସିବାରେ ଲାଗିଛି । ପ୍ରତିଦିନ ଗଣମାଧ୍ୟମରେ ତାଙ୍କରି କଥା । ସାରା ଓଡିଶା ବାସି ତାଙ୍କର ଗୁଣ ଗାରିମା ଜାଣି ଗଲେଣି । ଜେନା ବାବୁଙ୍କ ନାଁରେ ଏବେ ଓଡ଼ିଶାର ପୃଥକ ପୃଥକ ଥାନାରେ ତିରିଶରୁ ଅଧିକ ଅଭିଯୋଗ ଏତେଲା । କାରଣ ଏଇଆ ଯେ ସେ ଆଗରୁ ଅନେକ ଝିଅଙ୍କୁ ଅସଦ ଆଚାରଣ କରିଛନ୍ତି । ଅନେକଙ୍କୁ ସିନେମା ଆଉ ଧାରାବାହିକରେ ସୁଯୋଗ ଦେବାକୁ କହି ମୋଟା ଅଙ୍କର ଟଙ୍କା ନେଇ ଠକିଛନ୍ତି । କାହାର ଜମି ବାଡ଼ି ନାଁରେ କରେଇ ନେଇଛନ୍ତି ଏମିତି କେତେ କଣ । କାହା ରଚିତ କାହାଣୀ ଗୀତକୁ ଆଣି ନିଜ ନାଁରେ ପ୍ରଚାରିତ କରିଛନ୍ତି । ଏତେ ବଡ଼ ଲୋକ ଏଯାଏଁ ସମସ୍ତେ ନୀରବ ଥିଲେ ଗୋଟିଏ ଅଭିଯୋଗ ପରେ ଜେନା ବାବୁ ଗିରଫ ହେବା ପରଠୁ ଅନେକ ଲୋକ ସାହସ ଜୁଟାଇ ତାଙ୍କ ବିରୁଦ୍ଧରେ ଏତେଲା ଦେଇଛନ୍ତି ।

ଏବେ ଚାରିଆଡେ ଲୋକ ଟୁପୁର ଟାପର ହେଉଛନ୍ତି ଟିଭି ରେଡ଼ିଓ ସବୁଥିରେ ବାଜୁଛି ଜେନା ବାବୁ ଲେଖିଥିବା ସବୁ କାହାଣୀ ଆଉ ଗୀତ ଗୁଡିକ କୁଆଡେ ଦକ୍ଷିଣ ଭାରତୀୟ ସିନେମାର ଅବିକଳ ନକଲ । ସେକଥା ଛାଡ଼ ହୋ ଗୀତର ସ୍ୱର ଗୁଡିକ ବି ତେଲୁଗୁ ତାମିଲ ଭାଷାର ସ୍ୱରରୁ ସଂଗୃହିତ । ଏତେ ବଡ଼ କଳାକାରକୁ ଲୋକେ ଏବେ ଛି ଛି କରୁଛନ୍ତି । ତାଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି । ସବୁଠୁ ଆଶ୍ଚର୍ଯ୍ୟ କର କଥା ଜଣେ ପଞ୍ଚାବନ ବର୍ଷର ମହିଳା ତାଙ୍କ ତେଇଶି ବର୍ଷର ପୁଅକୁ ଆଣି ଜେନା ବାବୁଙ୍କୁ ନିଜର ସ୍ୱାମୀ ଆଉ ନିଜକୁ ତାଙ୍କ ସ୍ତ୍ରୀ ବୋଲି ପରିଚୟ ଦେଇ ସ୍ୱୀକୃତି ଆଉ ଅଧିକାର ମାଗୁଛନ୍ତି । ଏପଟେ ଦୁନିଆ ଜାଣିଥିବା ଜେନା ବାବୁଙ୍କ ସ୍ତ୍ରୀ ଆଉ ତାଙ୍କ ଦୁଇଝିଅ ପୁରା ନୀରବ ।

ଲବି କରୁଥିବା ଜେନା ବାବୁ ଏବେ ଏ ଅପମାନ କାରାଗାର ରୂପକ ପଙ୍କରୁ ଉଧାର ପାଇବାକୁ ଡହଳ ବିକଳ ହଉଛନ୍ତି ।


କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା
ମୋ: ୭୦୦୮୩୧୫୦୪୦


# ଜୀଅନ୍ତା ଭଗବାନ

ଘନଶ୍ୟାମ ପଲେଇ



ବେଳେବେଳେ ମନରେ ବିରକ୍ତି ବି ଆସେ । ଯେତେବେଳେ ଗପିବ ପନ୍ଦର କୋଡିଏ ମିନିଟରୁ କମ ନୁହଁ ବରଂ ଅଧିକ ହେବ ପଛେ । ପୁଣି ସେଇ ସେଇ କଥା । ---- କେମିତି ଅଛୁ ବାବୁ । ----ଦିହ ପା ଭଲ ଅଛିତ । ---ବାହାର ଜାଗା ଦେଖି ଚାହିଁ ଚଳୁଥିବୁ । ଇମିତି ଇମିତି --- ଆହୁରି ଅନେକ କଥା । ମା' ଉପରେ ବେଳେ ବେଳେ ବିରକ୍ତ ବି ଲାଗେ । ମୁଁ କ'ଣ ଆଉ ଛୋଟ ପିଲାଟେ ହେଇଛି ଯେ ଜୀବନର ବୋର୍ଣ୍ଣବୋଧ ପଢିବି । ପାଠସାଠ ପଢି କଲିଣି ଚାକିରୀ । ଏଣିକି ବାଙ୍ଗାଲୋର ଭଳି ଜାଗାରେ ଭଲ ପ୍ୟାକେଜରେ ଜଣେ ସଫ୍ଟୱେର ଇଞ୍ଜିନିୟର । ଆଉ କ'ଣ ସମୟ ଅଛି ଗପିବାକୁ । ଯୁଗ



ଯାଇ କୋଉଠି ପହଞ୍ଚିଲାଣି । କମ୍ପିଟିସନ ଯୁଗ । କାହା ପାଖରେ ନାଇଁ ଫୁରୁସତ ।

ଇଛା ହୁଏ ଫୋନ ନ ଉଠେଇବାକୁ । ହେଲେ ମୁଁ ପାରେନି । ମା'ର ସେଇ ଉଦାସିଆ ମୁହଁଟା ମୋ ଆଖି ଆଗରେ ନାଚି ଉଠେ । ବର୍ତ୍ତମାନ ପରିବାର କହିଲେ ମୁଁ ଓ ମାଆ । ବାପା ଗଲା ପରେ ସେ ପୁରାପୁରି ଭାଙ୍ଗି ପଡିଛି ଜାଣ । ବେଶି ଟିକିଏ ଡରି ବି ଯାଇଛି କ'ଣ ? ଘରୁ ମୁଁ କୁଆଡେ ଗୋଡ କାଢିଲେ ଦାଣ୍ଡ କବାଟ ଯାଏଁ ଦୌଉଡି ଆସେ ମୋ ମା' । ଆଉ ଉପରକୁ ହାତ ଦି'ଟା ଟେକି ମୁଣ୍ଡରେ ମାରୁଥିବ ବାରବାର । ଉପରବାଲା ଉଦେଶ୍ୟରେ ।

ମୁଁ ବାଙ୍ଗାଲୋରକୁ ଚାକିରି ପାଇଁ ଆସିଲା ପରେ ମା' ଏବେ ଗାଁରେ ଏକୁଟିଆ । ବୁଢି ହେଲାଣି ହେଲେ ବି ଭାରି ଚଳ ଚଞ୍ଚଳ । ସବୁ କାମ ନିଜେ କରିପକାଏ । ମାଆ ସହ କଥା ହେବା ପାଇଁ ଯାହା ନାମକୁ ମାତ୍ର ଚାକାରାଣୀଟେ ଖଞ୍ଜି ଦେଇଛି ମୁଁ । ମାଆକୁ ଅନେକ ଥର କହିଲିଣି ମୋ ସହ ଆସି ରହିବାକୁ । ହେଲେ ସବୁବେଳେ ଗୋଟାଏ କଥା କହି ମୋତେ ଭୁଲାଇବାକୁ କରେ ଚେଷ୍ଟା --- ନାଇଁରେ ବାବୁ । ମୁଁ ତ ଏବେକୁ କରିପାରୁଛି ସବୁକାମ । ବଳବୟସ ଗଲେ ଦେଖିବା । ତା' ଛଡା ତୋ ବାପାର ସ୍ମୃତି ପରା ବାନ୍ଧି ରଖିଚି ମୋତେ ଏଇଠି । ପରେ ସମୟ ସୁବିଧା ଦେଖି ଯିବି । ମନ ଉଣା କରନା ଜମାରୁ ବି ।

ମୁଁ ବି ବେଶି ବାଧ କରିପାରେ ନାହିଁ । ଗାଁରେ ଖୋଲା ମେଲା ଘର । ବାଡି ବଗିଚାଟିଏ ବି ଅଛି । ସବୁ ଆଡେ କିଛି ନା କିଛି ଜିନିଷ ପଡିଥିବ । କୋଉଠି ଗାଇପାଇଁ କୁଣ୍ଡଟାଏ, ତ ପୁଣି କେଉଁଠି ପେଜ ତୋରାଣି ଦିଆ ଯାଇଥିବା ବାଲଟିଟାଏ ଗଡୁଥିବ ଅନାଥ ପରି । ଚୋରି ଭୟ ନ ଥାଏ ଗାଁ ଭୁଇଁରେ । ଖୋଲାମେଲା ସାଧାସିଧା ମୁକ୍ତ ଜୀବନ । ତା'କୁ ଛାଡି ସେ ସହରର ଛୋଟିଆ କୋଠା ଭିତରେ ବନ୍ଦି ହେବାକୁ ଚାହେଁ ନାଇଁ କେବେବି ।

ଆଜି ମୋ ମନଟା କାହିଁକି ଟିକିଏ ଭାରାକ୍ରାନ୍ତ ଲାଗୁଥିଲା । ମୁଣ୍ଡ ହାଲ୍କା ହାଲ୍କା ବିନ୍ଧୁଥିଲା । ଡ୍ୟୁଟିରୁ ବାହାରି ସିଧା ସିଧେଶ୍ୱର କାଫେ ଚାଲିଲି । ସବୁଥର ପରି ମସାଲା ଦୋସାଟେ ଅର୍ଡର ଦେଇ ବସିଗଲି ନିର୍ଦ୍ଧାରିତ ସ୍ଥାନରେ । ଠିକ୍ ସମୟରେ ଆସିଗଲା ଦୋସା । ଖାଇବାକୁ ଆରମ୍ଭ କରିଛି କି ନା ରିଙ୍ଗ୍ ହେଲା ମୋବାଇଲ । ଦେଖିଲି କରିଛି ମାଆ । ଭାବିଲି ନ ଉଠେଇ ଖାଇ ସାରି କରିବି ଫୋନ । ହେଲେ ମନଟା ମାନିଲା ନି । ମା' ମୋର ବ୍ୟସ୍ତ ମଣିଷ । ଟିକିଏ ଛାଡି ପୁଣି କରିବ । ତା' ଛଡା ମା' ବି ତ ଏକୁଟିଆ ରହୁଛି ନା, କାଳେ କ'ଣ ଦରକାର ଥିବ । କାଫେର ସେ ଭିଡ ଭିତରେ ଠିକ ସେ ଶୁଣା ଯିବ ନି ବୋଲି ଫୋନ ଉଠେଇବା ସହ ଦୋସା ପ୍ଲେଟଟିକୁ ଧରିଲି ହାତରେ । ଦଶ-ପନ୍ଦର ମିଟର ଦୂରରେ ଥିବ ଏକ ଶାନ୍ତ ସ୍ଥାନକୁ ଯାଇ ଖାଇ ଖାଇ ଗପିଲି ।

କିଛି ସମୟ ଫୋନରେ କଥା ହେଲା ଭିତରେ ଢୋ କଲା ଜୋରରେ । ମୁଁ ଡରିଗଲି ।--- ମା ! ତୋତେ ମୁଁ ପରେ ଫୋନ କରୁଛି କହି କାଟିଦେଲି ଫୋନଟି ।

ଅନେଇ ଦେଖିଲି । ଘଟିଛି ବଡ ଧରଣର ବିସ୍ଫୋରଣ । ଟିକିଏ ଆଗରୁ ପଡିଥିବା ସିଟ ଗୁଡିକ ଆଉ ନାହିଁ । ସବୁ ଛିଟିକି ପଡିଛି ଟିକିଟିକି ହେଇ ଖଣ୍ଡେ ଦୂରକୁ ।ଖେଳି ଯାଇଛି ହୋ ହାଲା,ପାଟିତୁଣ୍ଡ, କାନ୍ଦବୋବାଳି । ପାଖାପାଖି ଦଶ ବାର ଜଣ ଲଦା ହେଲେଣି ଆମ୍ବୁଲାନ୍ସରେ ।

ମୁଣ୍ଡରେ ହାତ ଦେଇ ବସିପଡିଲି । ମାଆର ଛୋଟିଆ ଫୋନ କଲଟେ ଆଜି ମୋତେ ଦେଲା ବଞ୍ଚେଇ । ମାଆ ସହ କଥା ହେବାକୁ ନିରୋଳା ସ୍ଥାନକୁ ଉଠି ଯାଇ ନ ଥିଲେ ମୋର ଅବସ୍ଥା ଯେ କ'ଣ ହେଇଥାନ୍ତା-- ଭାବିଲା ବେଳେକୁ ଥରି ଉଠୁଥିଲା ଛାତି । ଆଜି ଅଙ୍ଗେ ଅଙ୍ଗେ ଅନୁଭବ କରି ପାରୁଥିଲି ବାପା ମା' ଜୀଅନ୍ତା ଭଗବାନ ବୋଲି । ବପାମା' ଯେ ନିଜର ଅଜାଣତରେ ମଧ ସନ୍ତାନ ଉପରେ ଆଶୀର୍ବାଦର ବଳୟ ଘେରାଇ ରଖିପାରନ୍ତି ଆଜିର ଘଟଣାରୁ ବୁଝିବାକୁ କରୁଥିଲି ଚେଷ୍ଟା । ସେମାନଙ୍କ ଟିକିଏ ଟିକିଏ ଅଦୃଶ୍ୟ ଆଶୀର୍ବାଦରେ ବି ଟଳିଯାଇପାରେ ମହା ମେରୁ ଭଳି ବଡ ବଡ ବିପଦ ।


+ଟେନସା, ସୁନ୍ଦରଗଡ-୭୭୦୦୪୨
ମୋ- ୯୪୩୭୭୧୮୫୦୦


# ଗଳାମାଳ



ପ୍ରଫୁଲ୍ଲ ବାରିକ

ସଞ୍ଜବେଳ ଗଡି ଗଲାଣି । କାଳିଅନ୍ଧାର କାଳି ବିଲେଇପରି ନସର ପସର ଗାଁ ଦାଣ୍ଡରେ । ଦୁଆର ଆଗରେ ଟୁଲଖଣ୍ଡିଏରେ ବସି ନରିସାଆନ୍ତେ ନିଘା ରଖିଛନ୍ତି ଦାଣ୍ଡକୁ । ଘଣ୍ଟେ ବସିବାପରେ ଅନ୍ଧାରରେ ଯେବେ ଅଦୃଶ୍ୟ ହେବ ଦୃଶ୍ୟ, ସେଠୁ ଟୁଲ ଉଠିବ ଘରକୁ ।

ନାତି ଲାଗିବେ ଦି'ଚାରିଜଣ ପିଲା ମୋବାଇଲ ଧରି ଆସି କହିଲେ, ସାଆନ୍ତେ ଦେଖିଲଣି ନା, ନୂଆଉ କିମିତି ମୋବାଇଲରେ ଘୁରୁଛନ୍ତି ସାରାଦେଶ ? ବୁଢ଼ା ନବୁଝିପାରି କହିଲେ, କୋଉ ନୂଆଉ, କୋଉଠି ଘୁରୁଚି ? ମୋବାଇଲ ଭିତରକୁ ସିଏ ଆସିଲା କିମିତି ? ଜଣେ ପିଲା ଫଟୋକାଢି ଫେସବୁକରୁ ଦେଖେଇ କହିଲା, ଦେଖ, ଆମ ନୂଆଉ, ମାନେ ତମ ବୋହୂ କିମିତି ହାର ପିନ୍ଧଉଛନ୍ତି ନେତାଙ୍କୁ । ବୁଢ଼ା ବୋହୂକଥା ଶୁଣି କହିଲେ, ଦେଖାତ ଭଲକି । ପିଲାଜଣକ ଫଟୋକୁ ବଡ଼କରି ଦେଖେଇଲା । ବୁଢ଼ା ଦେଖିଲେ, ତାଙ୍କରି ବୋହୂ ହାର ପିନ୍ଧଉଛି ନେତାଙ୍କୁ । ଫୁଲ ଅରୁଆ ଚାଉଳ ପକେଇ ଦୀପରେ କରୁଛି ବନ୍ଦାପନା । ବୁଢ଼ାର ମୁଣ୍ଡ ଗରମ ହେଇଗଲା । ପିଲାମାନଙ୍କୁ ପଠେଇ ଦେଇ ଡାକିଲେ ବୋହୂକୁ । ଶ୍ରୀୟା ଆସି କହିଲା ମୋତେ ଡାକିଲେ ବାପା ?

--- ତମେ କାହାର ବୋହୂ ? କିଏ ତମ ସ୍ୱାମୀ ?

ବୁଢ଼ାର ସିଧା ଆକ୍ରମଣ ବୋହୂକୁ ।

ଶ୍ରୀୟା ନବୁଝିପାରି କହିଲା, କ'ଣ କହୁଛନ୍ତି ବାପା, ମୁଁ ବୁଝି ପାରୁନି । ଖୋଲିକି କୁହନ୍ତୁ ।

-- ମୋବାଇଲରେ ଦେଖିଲି ତମେ ଫୁଲମାଳ ପିନ୍ଧଉଛ ନେତାଙ୍କୁ ନିଜ ହାତରେ । ଜାଣ, ଜଣେ ନାରୀ ଅନ୍ୟଜଣେ ପୁରୁଷ ଗଳାରେ ମାଳ ପିନ୍ଧେଇବାର ଅର୍ଥ ? ଅର୍ଥ,ତାକୁ ବରଣ କରିବା । ମୋ ପୁଅର ସ୍ତ୍ରୀ'ହେଇ ତମେ ଆଉଜଣେ ପୁରୁଷ ଗଳାରେ ମାଳପିନ୍ଧେଇବା ଠିକକି ? ଇଏ ମହାପାପ । ପୁଅ ଜାଣିଲେ ସହିବତ ?

ଶ୍ରୀୟା ବୁଝିଗଲା କଥାର ରହସ୍ୟକୁ । କହିଲା, ବାପା, ମନକୁ ଏସବୁ କରିନି ମୁଁ । କରିଛି ତମ ପୁଅଙ୍କ ନିର୍ଦ୍ଦେଶରେ । ତମେ ବରଂ ତାଙ୍କୁ ପଚାର । ସିଏ ଦେବେ ଉତ୍ତର । ହଁ, ଫୁଲମାଳ ପିନ୍ଧେଇଦେଲେ କେହି କାହାର ସ୍ୱାମୀ ହେଇ ଯାଏନା । ଇଏ ତମର ଭୁଲ ଧାରଣା ।

--- ହଉ, ତମେ ଯା'.. । ସେ ଟୋକା ଆସୁ, ତା ସହ କଥା... ।

ଶ୍ରୀୟାର ମନଟା ଝାଉଁଳି ପଡିଲା ଶଶୁରଙ୍କ ଆକ୍ଷେପରେ । ଚୁପଚାପ ବସିଲା ଆସି ମନମାରି ରମେଶ ଆସିବା ଯାକେ ।

ରମେଶ ଗାଁ ପାଖ କଲେଜରେ ବିଏ ପଢ଼ିଛି । ଚାକିରୀ ପଛରେ ଦୌଡ଼ିଦୌଡ଼ି ନହେବାରୁ ଶେଷକୁ ପସିଚି ରାଜନୀତିରେ । ଶିକ୍ଷିତହେତୁ ନେତାଙ୍କ ପାଖଲୋକ । ତାଙ୍କ ଗାଁ'ର ସିଏ ପାର୍ଟି ପ୍ରତିନିଧି । ଗାଁ'ର ଯାହା ହୁଏ, ସବୁ ତା ମାଧ୍ୟମରେ ।

ରାତି ଏଗାରକୁ ଫେରିଲା ରମେଶ । ବାପା ଅପେକ୍ଷାରେ ଥାଆନ୍ତି । ଡାକି ପଚାରିଲେ, ତୁ ବୋହୂଙ୍କୁ କହିଥିଲୁ ନେତାଙ୍କ ବେକରେ ଫୁଲମାଳ ପିନ୍ଧେଇବାକୁ ?

--- ହଁ କହିଥିଲି, କଣ ହେଲା ସେଠୁ ?

---- ଜାଣୁ, ସ୍ତ୍ରୀ ଲୋକଟିଏ ପୁରୁଷ ବେକରେ ମାଳ ପିନ୍ଧେଇବାର ଅର୍ଥ ? ତାକୁ ବରିନିଏ ସ୍ୱାମୀ ରୂପରେ ଫ ବରୁ ନବରୁ, ଶାସ୍ତ୍ରକହେ ଏଇଆ ଫ ତୁ ଦେଖିଲୁ କିମିତି ତୋ ସ୍ତ୍ରୀ ଆଉ ଜଣଙ୍କୁ ମାଳ ପିନ୍ଧଉ ଥିବାର ? ତୁ ପୁରୁଷଟି ?

ରମେଶ ଜାଣିଗଲା କଥା । ବାପାଙ୍କର ହଜମ ହେଇନି ବୋହୂର ନେତାଙ୍କୁ ମାଳପିନ୍ଧା । କହିଲା, ଦେଖବାପା, ଆଜିଥିଲା ପ୍ରଚାରର ଶୁଭଆରମ୍ଭ । ସିଏପୁଣି ଯୋଗକୁ ଆମ ଗାଁ'ରୁ । ମହିଳାମାନଙ୍କୁ ଧରି ବନ୍ଦାପନାସହ ଫୁଲହାର ପିନ୍ଧେଇବାର ଦାୟିତ୍ୱ ଥିଲା ମୋ ଉପରେ । ମୁଁ କହିଥିଲି ଯେ କାମ କରିବାକୁ ତମ ବୋହୂକୁ । ପଂଚାୟତସାରା ବୁଲିବା ଅବସରରେ କେତେ ମାଳ ପଡିଛି ତାଙ୍କ ଗଳାରେ ମହିଳାମାନଙ୍କ ହାତରୁ । ସିଏ କ'ଣ ତେବେ ସଭିଙ୍କ ସ୍ୱାମୀ ? ସେ ଶାସ୍ତ୍ର ପୁରାଣ ସହ ପୁରୁଣା କାଳିଆ ରୀତି ରିୱାଜ ଛାଡ଼ନ୍ତୁ । ସମୟ ସହ ଚାଲନ୍ତୁ । ଜାଣ, କାଲିକୁ ଆସିବ ମୋଟାଅଙ୍କ ମୋ ହାତକୁ ବାଣ୍ଟିବାକୁ ଗାଁ'ରେ । ସବୁ ବାଣ୍ଟିବିକି ? ସିଂହଭାଗ ହେବ ମୋ'ର । ସେଥିପାଇଁ ଦର୍କାର ନେତାଙ୍କ ବିଶ୍ୱାସଭାଜନ । ଏସବୁ ଅଭିନୟ ନକଲେ ହବ କିମିତି ? ତମେ କ'ଣ ଚାହୁଁନା ଦି'ପଇସା ମୁଁ କମାଏ ? କାଇଁ ବାଧା ଦଉଚ ?



ପୁଅ କଥାରେ ଚୁପ ହେଇଗଲେ ନରିସାଆନ୍ତେ । ଆଗକୁ କହିବାକୁ ଆଉ ଭାଷା ଆସିଲାନି ପାଟିକୁ । ଖାଲି ଏତିକି କହିଲେ, ହଉ, ମୋ ଆଖିରେ ନଯିବାରୁ କହିଲି । ତମର ଯଦି ଇଏ ଅଭିନୟ,ମୋର କିଛି କହିବାର ନାଇଁ ।

ରମେଶ ବିଲିବିଲେଇ ହେଇ ଚାଲିଗଲା । ଗଲାବେଳେ ବୁଢ଼ାକୁ ଶୁଭିଲା କହୁଥିବାର, କିଛି କରିବେନି, କି କରିବାକୁ ଦେବେନି । ଟଙ୍କା କ'ଣ ଖସିବ ଆକାଶରୁ ?


ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ: ୯୨୩୮୯୨୦୪୦୫

# ସ୍କୁଲ ଖୋଲିବା ପୂର୍ବରୁ ପ୍ରସ୍ତୁତି ଆରମ୍ଭ: କ୍ୟାମ୍ପସ୍ ପରିଷ୍କାର ପରିଚ୍ଛନ୍ନତା ପାଇଁ ଡିଇଓଙ୍କୁ ବିଦ୍ୟାଳୟ-ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ



ଭୁବନେଶ୍ୱର, ୯/୬ (ନି.ପ୍ର): ଗ୍ରୀଷ୍ମ ଅବକାଶ ଶେଷ ହେବାକୁ ଯାଉଛି। ସ୍କୁଲ ଖୋଲିବା ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି । ଜୁନ୍ ୧୮ରେ ସ୍କୁଲ ଖୋଲିବ । ଏହାର ସପ୍ତାହେ ପୂର୍ବରୁ ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଛି। ଶ୍ରେଣୀଗୃହଠାରୁ ଆରମ୍ଭ କରି ଶୌଚାଳୟ ପର୍ଯ୍ୟନ୍ତ ପରିଷ୍କାର କରିବାକୁ ନିର୍ଦ୍ଦେଶ ରାଜ୍ୟ ଶିକ୍ଷାବିଭାଗ ପକ୍ଷରୁ ଦିଆଯାଇଛି। ସମସ୍ତ ଡିଇଓଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ । ଶ୍ରେଣୀଗୃହ, କ୍ୟାମ୍ପସ ସଫା କରାଯିବା ସହ ଅନାବନା ଗଛ କାଟି ସ୍କୁଲ ପରିସର ପରିଷ୍କାର କରିବାକୁ ନିର୍ଦ୍ଦେଶ ଜାରି ହୋଇଛି । ସ୍କୁଲରେ ମଧ୍ୟାହ୍ନ ଭୋଜନ ସହ ପାନୀୟ ଜଳର ବି ଯାଞ୍ଚ କରିବାକୁ କୁହାଯାଇଛି । ସ୍କୁଲ ଖୋଲିବାର ଗୋଟିଏ ଦିନ ପୂର୍ବରୁ ପାଚିକା ଓ ସହାୟିକାଙ୍କୁ ଆସିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ବିଭାଗର ବାର୍ଷିକ କ୍ୟାଲେଣ୍ଡର ଅନୁଯାୟୀ ଆସନ୍ତା ୧୭ ତାରିଖରେ ରାଜ୍ୟର ସମସ୍ତ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ଓ ପ୍ରାଥମିକ ବିଦ୍ୟାଳୟ ଖୋଲିବାର କାର୍ଯ୍ୟକ୍ରମ ଥିବାବେଳେ ଏହି ଦିନ ବକ୍ରିଇଦ୍ ଥିବାରୁ ଜୁନ୍ ୧୮ରୁ ସ୍କୁଲ୍ ଖୋଲିବ। ବିଦ୍ୟାଳୟ ଖୋଲିବାକୁ ଆଉ ମାତ୍ର ୧୧ଦିନ ଥିବାବେଳେ ଏନେଇ ସମୀକ୍ଷା ସରିଛି। ସ୍କୁଲ ଖୋଲିବାର ସପ୍ତାହେ ପୂର୍ବରୁ ସମସ୍ତ ଶ୍ରେଣୀଗୃହ ଓ କ୍ୟାମ୍ପସକୁ ସଫାସୁତୁରା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ପାଣି ଟାଙ୍କି ସଫା କରିବା, ଶ୍ରେଣୀଗୃହର ଆସବାବପତ୍ର ସଫା କରି ଠିକ୍ ଭାବେ ସଜାଇବା ଓ ଶୌଚାଳୟକୁ ବ୍ୟବହାର ଉପଯୋଗୀ କରିବାକୁ କହିଛନ୍ତି। ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନ ଭୋଜନ ପାଇଁ ରୋଷେଇ ଘର, ଗ୍ୟାସ୍ ଚୁଲା ପରି ଆନୁଷଙ୍ଗିକ ପ୍ରସ୍ତୁତି କରିବା, ସ୍ମାର୍ଟ ଶ୍ରେଣୀଗୃହ, ଇ-ଲାଇବ୍ରେରୀ ସହ ଇଣ୍ଟରନେଟ୍ ସଂଯୋଗ ସୁନିଶ୍ଚିତ କରିବା ପାଇଁ ସମସ୍ତ ଜିଲା ଶିକ୍ଷାଧିକରୀ(ଡିଇଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟ ଖୋଲିବାର ଦିନକ ପୂର୍ବରୁ ଅର୍ଥାତ୍ ୧୭ତାରିଖ ଦିନ ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀଙ୍କ ସମେତ ରୋଷେୟା ଓ ସହାୟକ କାର୍ଯ୍ୟରେ ଯୋଗଦେବେ। ସ୍କୁଲରେ ସ୍ୱଚ୍ଛତା ନେଇ ସମସ୍ତ କାର୍ଯ୍ୟ ହୋଇଛି କି ନାହିଁ ତାହା ଯାଞ୍ଚ କରିବା ପାଇଁ ୧୭ ତାରିଖରେ ଜିଲ୍ଲା ଏବଂ ରାଜ୍ୟ ଯାଞ୍ଚ ଟିମ୍ ସ୍କୁଲ ପରିଦର୍ଶନ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ରାଜ୍ୟରେ ଗ୍ରୀଷ୍ମ ଅବକାଶ ପରେ ବିଦ୍ୟାଳୟ ଗୁଡ଼ିକ ଖୋଲିବାକୁ ଥିବାରୁ ଏହା ପୂର୍ବରୁ ସ୍ୱଚ୍ଛତା ସୁନିଶ୍ଚିତ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି । ଆସନ୍ତା ୧୮ ତାରିଖରେ ସ୍କୁଲ୍ ଖୋଲୁଥିବାରୁ ଏହାର ଏକସପ୍ତାହ ପୂର୍ବରୁ ସମସ୍ତ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚମାଧ୍ୟମିକ, ଉଚ୍ଚପ୍ରାଥମିକ ଓ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକର ଶ୍ରେଣୀଗୃହ ଓ ପରିସରକୁ ସଫା କରିବା ସହ ଆସବାବପତ୍ର ଓ ପାଣିଟାଙ୍କି ସଫା କରିବା ଉପରେ ବିଭାଗ ଗୁରୁତ୍ୱ ପ୍ରଦାନ କରିଛି ।

ସେହିଭଳି ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ନିମନ୍ତେ ରୋଷେଇଘର ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା କରିବା ଲାଗି ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଏହି କାର୍ଯ୍ୟ ସୁନିଶ୍ଚିତ କରିବା ଲାଗି ବିଦ୍ୟାଳୟ ଖୋଲିବାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍? ୧୭ତାରିଖରେ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ବିଦ୍ୟାଳୟ ଆସିବା ନେଇ ବାଧ୍ୟତାମୂଳକ କରାଯାଇଛି ।

ତେବେ ଏପ୍ରିଲ ୨୫ ତାରିଖରୁ ଗ୍ରୀଷ୍ମ ଛୁଟି ଘୋଷଣା କରିଥିଲେ ରାଜ୍ୟ ସରକାର। ଗ୍ରୀଷ୍ମ ଛୁଟି ସମୟରେ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ପାଇଁ ଶିକ୍ଷା ତଥା ଶୈକ୍ଷିକ କାର୍ଯ୍ୟକ୍ରମ ନିମନ୍ତେ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିଚାଳନା କରାଯିବ ବୋଲି ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

# ନୂଆ ଅଭିଷେକ ହଲ୍‌ରେ ନିମ୍ନମାନର କାମ: ପୂର୍ତ୍ତ ବିଭାଗ ଉପରେ ଅସନ୍ତୋଷ ଝାଡ଼ିଲା ରାଜ୍ୟପାଳଙ୍କ କାର୍ଯ୍ୟାଳୟ

ଭୁବନେଶ୍ୱର, ୯/୬ (ନି.ପ୍ର): ରାଜ୍ୟ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ହେଉ କି ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଶପଥ ଗ୍ରହଣ ଉତ୍ସବ। ଏହା ମୁଖ୍ୟତଃ ରାଜଭବନ ପରିସରରେ ହୁଏ। ରାଜଭବନ ପରିସରରେ ଥିବା ହଲ୍ ଛୋଟ ପଡ଼ିବାରୁ ପ୍ରାୟ ୨ହଜାର ଅତିଥି ବସିବା ଭଳି ନୂଆ ଅଭିଷେକ ହଲ୍ ନିର୍ମାଣ କରାଯାଇଛି। କିନ୍ତୁ ବିଡ଼ମ୍ବନାର ବିଷୟ ଏଠାରେ ଏବେ ଶପଥ ଗ୍ରହଣ ଉତ୍ସବ ହୋଇପାରୁନି। ପ୍ରାୟ ୨୪କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ନୂଆ ଅଭିଷେକ ହଲ୍‌ର ଟାଇଲ୍ ଉଠି ଯାଉଥିବାବେଳେ ଅଧିକାଂଶ ସମୟରେ ଏସି ଓ ସାଉଣ୍ଡ ସିଷ୍ଟମ କାମ କରୁନି। ଏହି ହଲ୍‌ରେ ନିମ୍ନମାନର କାମ ହୋଇଥିବାରୁ ଏହାର ରକ୍ଷଣାବେକ୍ଷଣ ବାବଦକୁ ବହୁ ଅର୍ଥ ଖର୍ଚ୍ଚ ହେଉଛି। ଏହାର ତଦନ୍ତ କରି ଆବଶ୍ୟକ ମରାମତି କରିବାକୁ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଗତ ମାର୍ଚ୍ଚ ମାସରେ ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ(କୋଠାବାଡ଼ି)ଙ୍କୁ ଚିଠି ଲେଖିଥିଲେ। ତିନି ମାସ ତଳେ ଶ୍ରୀ ମିଶ୍ର ଏହି ଚିଠି ଲେଖିଥିବାବେଳେ ପୂର୍ତ୍ତ ବିଭାଗ ପକ୍ଷରୁ ଏହାର ମରାମତି କରାଯାଇଛି। ସୋମବାର ନୂଆ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ଉତ୍ସବ ହେବାକୁ ଥିବାବେଳେ ଅଧିକ ଜନସମାବେଶକୁ ନଜରରେ ରଖି ଏହାକୁ ଜନତା ମଇଦାନରେ କରାଯାଉଛି। ହେଲେ ଏହି ଚିଠିରେ ରାଜଭବନ ପକ୍ଷରୁ ଯେଉଁ ସବୁ ପ୍ରସଙ୍ଗ ଉଠାଯାଇଛି ତାହା ଉଦ୍‌ବେଗର ବିଷୟ।

ଶ୍ରୀ ମିଶ୍ର କହିଛନ୍ତି ଯେ ଏହି ନୂଆ ଅଭିଷେକ ହଲ୍‌ରେ ରାଜ୍ୟ ସରକାରଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଯଥା ବିଭିନ୍ନ ଶପଥ ଗ୍ରହଣ ଉତ୍ସବ, ଆଟ୍ ହୋମ୍ ପାର୍ଟି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରାୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଏଥିରେ ବହୁ ଭିଭିଆଇପି ଏବଂ ଭିଆଇପି ଯୋଗଦିଅନ୍ତି। କିନ୍ତୁ ଅତ୍ୟନ୍ତ ନିମ୍ନମାନର କାମ ହୋଇଥିବାରୁ ଏହାର ତୁରନ୍ତ ମରାମତି କରିବାରେ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି। ମାତ୍ର ବର୍ଷକ ତଳେ ଏହି ହଲ୍ ନିର୍ମାଣ ହୋଇଥିଲେ ହେଁ ମୁଖ୍ୟ ହଲ୍‌ର ଛାତ ଖରାପ ହୋଇଗଲାଣି। ଏପରିକି ପ୍ୟାନେଲିଂ ନଷ୍ଟ ହୋଇଯାଇଥିବା ବେଳେ ଚଟାଣରେ ପଡ଼ିଥିବା ଟାଇଲ୍ ଉଠିଗଲାଣି। ଡାଡୋରେ ଲାଗିଥିବା ଟାଇଲ୍ ଛାଡ଼ି ଗଲାଣି, ମୁଖ୍ୟ ହଲ୍‌ରେ ନିର୍ମାଣ ହୋଇଥିବା ଷ୍ଟେଜ୍, ରଙ୍ଗ କାମ ଖରାପ ହୋଇଗଲାଣି। ଏହାବାଦ୍ ଏସି ବ୍ୟବସ୍ଥା, ଲାଇଟିଂ, ସାଉଣ୍ଡ ସିଷ୍ଟମ, ଜଳ ଯୋଗାଣ, ପରିମଳ ବ୍ୟବସ୍ଥା, ବାହାରେ ବିଛା ହୋଇଥିବା ପେଭର ବ୍ଲକ କାମ ଆଦୌ ସନ୍ତୋଷଜନକ ନୁହେଁ। ପୂର୍ତ୍ତ ବିଭାଗ ୫-ଟି କାର୍ଯ୍ୟକମ ଅଧୀନରେ ଥିବାବେଳେ ୨୪କୋଟି ଟଙ୍କାରେ ନିର୍ମାଣ ହୋଇଥିବା ଏହି କୋଠାର ଅବସ୍ଥା ନେଇ ରାଜଭବନ କ୍ଷୋଭ ପ୍ରକାଶ କରିବା ବିଭାଗର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇଛି। ପୂର୍ତ୍ତ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଏହି କୋଠା ନିର୍ମାଣ ପାଇଁ ୮କୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଏହାର ପ୍ୟାନେଲିଂ, ଏସି କାମ, ଲାଇଟ୍ ଏବଂ ସାଉଣ୍ଡ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ କାମ ପାଇଁ ବାକି ୧୬କୋଟି ଖର୍ଚ୍ଚ ହୋଇଛି। କେବଳ ଇଲେକ୍ଟ୍ରିକ୍ କାମ ପାଇଁ ପ୍ରାୟ ୧୦କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଯେଉଁ ସମସ୍ୟା ନେଇ ଅଭିଯୋଗ ହୋଇଛି ତାହା ମୁଖ୍ୟତଃ ଇଲେକ୍ଟ୍ରିକ୍ କାମ ଏବଂ ପାନୀୟ ଜଳ ଯୋଗାଣ କାମକୁ ନେଇ ହୋଇଥିଲା। ଏହାର ମରାମତି କରାଯାଇଛି ବୋଲି ଉକ୍ତ ଅଧିକାରୀ ଜଣଙ୍କ କହିଛନ୍ତି।

# ନୂଆପଡ଼ା ଜିଲ୍ଲାରେ ପିଆଜ ଗୋଦାମ ପାଲଟିଛି ଗୁହାଳ: ଚାଷୀ ପାଉନି ଉଚିତ ମୂଲ୍ୟ



ନୂଆପଡ଼ା, ୯/୬ (ନି.ପ୍ର): ନୂଆପଡ଼ା ଜିଲ୍ଲାରେ ପିଆଜର ଅଭାବୀ ବିକ୍ରି ଚାଲିଛି। ଏପଟେ ଚାଷୀ ପିଆଜ ଚାଷ ପାଇଁ ଗୁରୁତ୍ୱ ଦେଇ ଜୋ?ସୋ?ରେ ପିଆଜ ଅମଳ କରିଚି। ହେଲେ ଜିଲ୍ଲା ପ୍ରଶାସନ ପକ୍ଷରୁ ପିଆଜ ପାଇଁ ସଂରକ୍ଷଣ ବ୍ୟବସ୍ଥା ଯେଉଁ ପରିମାଣରେ ହେବା କଥା ହୋଇ ନାହିଁ। ଜିଲ୍ଲାରେ ୨୦୨୩-୨୪ରେ ୧୫ଟି ପିଆଜ ଗୋଦାମ ରହିଥିବା ବେଳେ ପିଆଜ ଚାଷୀ ପାଇଁ ଏହି ଗୋଦାମରେ ପିଆଜ ରଖିବା ପାଇଁ ଅସୁବିଧା ହେଉଥିବାରୁ ଅଧିକାଂଶ ଗୋଦାମ ବର୍ତ୍ତମାନ ଗୁହାଳ ପାଲଟିଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଜିଲ୍ଲା ଉଦ୍ୟାନ ବିଭାଗ ଏହା ଜାଣି ମଧ୍ୟ ଚୁପ୍ ରହିଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ, ଚଳିତ ବର୍ଷ ଜିଲ୍ଲାର ୫ଟି ଯାକ ବ୍ଲକ୍ ନୂଆପଡ଼ା, କୋମନା, ଖଡ଼ିଆଳ, ବୋଡ଼େନ ଓ ସିନାପାଲିରେ ପିଆଜ ଚାଷ କରାଯାଇଛି। ବୋଡ଼େନ ବ୍ଲକ୍‌ରେ ୩୦ ହେକ୍ଟର, ନୂଆପଡ଼ା ବ୍ଲକ୍‌ରେ ୪୦ ହେକ୍ଟର, କୋମନା ବ୍ଲକ୍‌ରେ ୫୦ ହେକ୍ଟର, ଖଡ଼ିଆଳ ବ୍ଲକ୍?ରେ ୫୦ ହେକ୍ଟର ଓ ସିନାପାଲି ବ୍ଲକ୍‌ରେ ୩୦ ହେକ୍ଟରରେ ପିଆଜ ଚାଷ କରାଯାଇଛି। ୨୦୨୩-୨୪ ବର୍ଷରେ ନୂଆପଡ଼ା ବ୍ଲକ୍‌ରେ ୩ଟି, ଖଡ଼ିଆଳ ବ୍ଲକ୍‌ରେ ୩ଟି, ସିନାପାଲି ବ୍ଲକ୍‌ରେ ୩ଟି, ବୋଡ଼େନ ବ୍ଲକ୍‌ରେ ୨ଟି ଓ କୋମନା ବ୍ଲକ୍‌ରେ ୪ଟି ପିଆଜଘର ନିର୍ମାଣ କରାଯାଇଛି।

ଜିଲ୍ଲାରେ ବର୍ତ୍ତମାନ ଚାଷୀମାନେ ପିଆଜ ଅମଳ କରିଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଇଥିବା ଏହି ପିଆଜଘରରେ ରଖିବା ପାଇଁ ସେପ୍ରକାର ସୁବିଧାନ ନଥିବାରୁ ଚାଷୀମାନେ ବାଧ୍ୟ ହୋଇ ପିଆଜକୁ ଅତି ଶସ୍ତା ଦରରେ ଦଲାଲମାନଙ୍କୁ ବିକ୍ରି କରୁଥିବା ଅଭିଯୋଗ କରିଛନ୍ତି। କିଛି ପିଆଜ ଚାଷୀଙ୍କ କହିବା ଅନୁସାରେ, ଜିଲ୍ଲା ଉଦ୍ୟାନ ବିଭାଗ ପକ୍ଷରୁ ନିର୍ମିତ ପିଆଜଘରେ ଚାଷୀ ପିଆଜ ଅଧିକ ଦିନ ରଖିଲେ ନଷ୍ଟ ହୋଇଯାଉଛି।

ବିଗତ ବର୍ଷରେ ଚାଷୀମାନେ ଏହି ଘରେ ପିଆଜ ଗଚ୍ଛିତ ରଖିଥିବାରୁ ଚାଷୀଙ୍କ ବହୁ ପିଆଜ ନଷ୍ଟ ହୋଇଥିବା ଅଭିଯୋଗ କରିଛନ୍ତି। ସେଥିପାଇଁ ଏହି ପିଆଜଘରକୁ କିଛି ଚାଷୀ ଗୁହାଳ କରିଥିବା ଦେଖିବାକୁ ମିଳିଛି। ଏହା ଉପରେ ନୂଆପଡ଼ା ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ହରେକୃଷ୍ଣ ଚନ୍ଦ ହାଁସଦା କହିଛନ୍ତି ଯେ, ଜିଲ୍ଲାର ପିଆଜ ଚାଷୀଙ୍କୁ ପ୍ରତିବର୍ଷ ସେମାନଙ୍କ ଅମଳ ହୋଇଥିବା ପିଆଜକୁ ଏହି ଘରେ ରଖି ଠିକ୍ ସମୟ ବିକ୍ରି କରିବାକୁ କହାଯାଇଛି। ହେଲେ ଚାଷୀମାନେ ଗଚ୍ଛିତ ରଖୁନଥିବା ବେଳେ ସେମାନଙ୍କୁ ଉଚିତ ମୂଲ୍ୟ ମିଳିପାରୁ ନାହିଁ। ଚଳିତ ବର୍ଷ ମଧ୍ୟ ଚାଷୀମାନଙ୍କୁ ଏହି ଘରେ ପିଆଜ ରହିବା ପାଇଁ ସଚେତନ କରାଯାଇଛି ବୋଲି ସେ କହିଥିଲେ।

# ଓଡ଼ିଶାରେ ଛତିଶଗଡ଼ ନିର୍ବାଚନର ପ୍ରଭାବ: ନିର୍ବାଚନ ପ୍ରସଙ୍ଗରେ ପ୍ରଥମ କରି 'ଏମ୍‌ଏସ୍‌ପି'




ସମ୍ବଲପୁର: ଧାନ ବିକ୍ରି ଏବଂ ଏମ୍‌ଏସ୍?ପିର ଲଢ଼େଇ ଓଡ଼ିଶାରେ ୮୦ ଦଶକରୁ ଆରମ୍ଭ ହୋଇ ୨୦୦୨ରୁ ଅତି ଜୋ?ଦା? ହୋଇଛି। କିନ୍ତୁ, ଓଡ଼ିଶା ନିର୍ବାଚନ ଇତିହାସରେ ଚଳିତବର୍ଷ ପ୍ରଥମଥର ପାଇଁ ଏହା ରାଜନୈତିକ ଦଳ ପକ୍ଷରୁ ନିର୍ବାଚନ ପ୍ରସଙ୍ଗ ପାଲଟିଥିଲା। ବିଜେପି ପକ୍ଷରୁ ଧାନ କ୍ୱିଣ୍ଟାଲ ପ୍ରତି ୩,୧୦୦ ଟଙ୍କା ଅର୍ଥାତ୍ ବୋନସ ପ୍ରଦାନ ପ୍ରତିଶ୍ରୁତି ଚାଷୀଙ୍କ ହୃଦୟ ଜିତିଥିଲା। ଗତବର୍ଷ ଛତିଶଗଡ଼ ନିର୍ବାଚନ ପ୍ରଭାବ ଏଠାରେ ପଡ଼ିଥିବା ଚର୍ଚ୍ଚା ହେଉଛି। ସମବାୟ ବିଭାଗର ସୂଚନା ଅନୁସାରେ, ପ୍ରତିବର୍ଷ ରାଜ୍ୟରେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଖରିଫ ଏବଂ ପ୍ରାୟ ୩ ଲକ୍ଷ ଚାଷୀ ରବିରେ ଧାନ ବିକ୍ରି ପାଇଁ ପଞ୍ଜୀକୃତ ହୁଅନ୍ତି। ଯେଉଁମାନେ ସିଧାସଳଖ ଏମ୍‌ଏସ୍‌ପି ବୃଦ୍ଧିର ଲାଭ ପାଇବେ। ଏହାବାଦ୍ ରାଜ୍ୟର ସମୁଦାୟ ଜନସଂଖ୍ୟାର ୬୦% କୃଷି ଗତିବିଧିରେ ଥାଆନ୍ତି। ତେଣୁ ମଣ୍ଡିରେ ବିକ୍ରି କରୁନଥିବା ଚାଷୀ ଏବଂ ଭାଗଚାଷୀ ମଧ୍ୟ ପରୋକ୍ଷ ଭାବରେ ଏମ୍‌ଏସ୍‌ପି ବୃଦ୍ଧିର ସୁବିଧା ନେଇ ପାରିବେ। ଛତିଶଗଡ଼ରେ ଧାନ ଏମ୍‌ଏସ୍‌ପି ବୃଦ୍ଧି ପରେ ଛତିଶଗଡ଼ ସୀମାବର୍ତ୍ତୀ ଅଞ୍ଚଳର ଓଡ଼ିଶା ଚାଷୀ ମଧ୍ୟ ଛତିଶଗଡ଼ମୁହାଁ ହୋଇଛନ୍ତି। ଫଳରେ, ଚଳିତ ଖରିଫରେ ଓଡ଼ିଶାରେ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ଧାନ ସଂଗ୍ରହ ହୋଇନଥିଲା।

ଏ ସମ୍ପର୍କରେ ଚାଷୀ ନେତା ଲିଙ୍ଗରାଜ କହନ୍ତି, ଛତିଶଗଡ଼ ନିର୍ବାଚନକୁ ଏମ୍‌ଏସ୍‌ପି ପ୍ରଭାବିତ କରିଥାଏ। ୨୦୧୪ ମସିହା ପୂର୍ବରୁ ଛତିଶଗଡ଼ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭାବରେ ଚାଷୀଙ୍କୁ ୩୦୦ ଟଙ୍କା ବୋନସ୍ ଦିଆଯାଉଥିଲା। ନରେନ୍ଦ୍ର ମୋଦୀ ସରକାର କେନ୍ଦ୍ରକୁ ଆସିବା ପରେ ବୋନସ୍‌କୁ ବନ୍ଦ କରିଦେଲେ। ଏହାକୁ ନେଇ ଛତିଶଗଡ଼ ଲୋକଙ୍କ ମଧ୍ୟରେ ବିଜେପି ବିରୋଧରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଏହା ଜାଣିପାରି ଛତିଶଗଡ଼ ନିର୍ବାଚନର ଠିକ୍‌ପୂର୍ବରୁ ବୋନସ୍ ଆରମ୍ଭ ହୋଇଥିଲା। କିନ୍ତୁ, ଏକର ପ୍ରତି ଧାନ ସଂଗ୍ରହକୁ ୨୫ କ୍ୱିଣ୍ଟାଲରୁ ୧୫ କ୍ୱିଣ୍ଟାଲକୁ ହ୍ରାସ କରିଦେଲେ। ରବି ଧାନ ସଂଗ୍ରହକୁ ବନ୍ଦ କରିଦେଲେ। ତେଣୁ ଚାଷୀ ୨୦୧୮ ମସିହାରେ ବିଜେପିକୁ ହରାଇ କଂଗ୍ରେସକୁ ଭୋଟ ଦେଇଥିଲେ। ୨୦୨୩ ମସିହାରେ ଛତିଶଗଡ଼ ନିର୍ବାଚନରେ ବିଜେପି ନିଜ ଭୁଲ ବୁଝିପାରି କ୍ୱିଣ୍ଟାଲ ପ୍ରତି ୩୧୦୦ ଟଙ୍କା ପାଇଁ ପ୍ରତିଶ୍ରୁତି ଦେଲା। ଫଳରେ, ସେଠାରେ ପୁନର୍ବାର ସେମାନେ ସରକାର ଗଠନ କରିବାରେ ସଫଳ ହୋଇଥିଲେ। କମ୍ ଦିନରେ ଲୋକସଭା ନିର୍ବାଚନ ଥିବାରୁ ୩୧୦୦ ଟଙ୍କାର ପ୍ରତିଶ୍ରୁତିକୁ ଛତିଶଗଡ଼ର ନୂତନ ବିଜେପି ସରକାର ତତ୍‌କ୍ଷଣାତ କାର୍ଯ୍ୟକାରୀ କରିଥିଲା।

ଓଡ଼ିଶାର ଚାଷୀମାନେ ଏହି ବିଷୟ ଜାଣିଛନ୍ତି। ତେଣୁ ସେମାନେ ବିଜେପିର ଏହି ପ୍ରତିଶ୍ରୁତିକୁ ବିଶ୍ୱାସ କରି ଭୋଟ ଦେଇଛନ୍ତି। ଛତିଶଗଡ଼ରେ ମଧ୍ୟ ପ୍ରତିବର୍ଷ ଚାଷୀ ବୋନସ୍ ପାଆନ୍ତି ନାହିଁ। ଠିକ୍ ନିର୍ବାଚନର ବର୍ଷେ କିମ୍ବା ଦୁଇ ବର୍ଷ ମିଳେ। କେରଳ ମଧ୍ୟ ବିଭିନ୍ନ ସମୟରେ ଧାନ ଚାଷୀଙ୍କୁ ମୋଟା ଅଙ୍କର ବୋନସ୍ ଦେଉଥିବା ନଜିର ରହିଛି। ଏହା ନିର୍ବାଚନକୁ କେତେ ପ୍ରଭାବିତ କରେ ଏହା ସ୍ପଷ୍ଟ ନୁହେଁ। ବିଜେପିର ଏହି ବୋନସ୍ ପ୍ରସଙ୍ଗକୁ ପ୍ରତିହତ କରିବା ପାଇଁ ବିଜେଡି ପକ୍ଷରୁ ସ୍ୱତନ୍ତ୍ର ବୋନସ୍ ଘୋଷଣା କରାଯାଇନଥିଲା ସତ, କିନ୍ତୁ ୨୦୦ ୟୁନିଟ ମାଗଣା ବିଜୁଳି ପ୍ରତିଶ୍ରୁତି ଏବଂ ୨୦୧୮ ମସିହା ପୂର୍ବରୁ ରହିଥିବା କାଳିଆ ଯୋଜନାକୁ ଭରସା କରିଥିଲା। କାଳିଆ ଯୋଜନାର ଲାଭ କେବଳ ଗରିବ ଶ୍ରେଣୀର ଚାଷୀମାନେ ପାଆନ୍ତି। ହେଲେ, ବୋନସ୍ ଅର୍ଥାତ୍ ୩୧୦୦ ଏମ୍‌ଏସ୍‌ପିର ଲାଭ ସବୁ ବର୍ଗକୁ ମିଳୁଥିବାରୁ ମଧ୍ୟବିତ୍ତ ଚାଷୀ ଏହାକୁ ନେଇ ବେଶି ଉତ୍ସାହିତ ହୋଇ ପଡ଼ିଥିଲେ। ପ୍ରକୃତ ପକ୍ଷରେ ଶାସନକୁ ଆସିବା ପରେ ୩୧୦୦ ଟଙ୍କା ଏମ୍‌ଏସ୍‌ପିକୁ ରାଜ୍ୟ ସରକାର କେତେ କାର୍ଯ୍ୟକାରୀ କରୁଛନ୍ତି ତାକୁ ନେଇ ସମସ୍ତଙ୍କ ଅପେକ୍ଷା ରହିଛି। ତେବେ, ନୂତନ ସରକାରଙ୍କ ପକ୍ଷରୁ ତୁରନ୍ତ ଏହାକୁ କାର୍ଯ୍ୟକାରୀ କରାନଗଲେ ସରକାର ଚାଷୀ ଅସନ୍ତୋଷର ଶିକାର ହେବେ।

# ବିକାଶ ନା ବିନାଶ ?: ରାସ୍ତା ପ୍ରଶସ୍ତିକରଣ ନାଁରେ କାଟିଦେଲେ ୩ ହଜାର ଗଛ, ନିଗମକୁ ନନେଇ ପୋଡ଼ିଦେଲେ



ପାଟଣାଗଡ଼, ୯/୬ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଅଞ୍ଚଳରେ ବିଭିନ୍ନ ବିକାଶ କାର୍ଯ୍ୟ ଜାରି ରହିଛି। ସେଥିମଧ୍ୟରୁ ପାଟଣାଗଡ଼-ଖପ୍ରାଖୋଲ ଏବଂ ପାଟଣାଗଡ଼-ପଦ୍ମପୁର ରାସ୍ତା ପ୍ରଶସ୍ତୀକରଣ କରାଯାଉଛି। ଏଥିପାଇଁ ପାଟଣାଗଡ଼-ଖପ୍ରାଖୋଲ ରାସ୍ତାର ପାଟଣାଗଡ଼ ରେଞ୍ଜ ଅଧୀନରେ ଥିବା ୧୬୦୮ଟି ବଡ଼ ବଡ଼ ଗଛ କଟାଯାଇଛି। ସେହିପରି ପାଟଣାଗଡ଼-ପଦ୍ମପୁର ରାସ୍ତାରେ ଥିବା ୧୫୦୦ରୁ ଅଧିକ ବଡ଼ବଡ଼ ଗଛକୁ ମଧ୍ୟ କଟାଯାଇଛି।

ଗଛ କାଟିବା ଦାୟିତ୍ୱ ବନ ନିଗମର। ? ନିଗମ ଗଛକାଟି ତାକୁ ନେଇ ଗଚ୍ଛିତ ରଖି ସେଥିରୁ କାଠ, ପଟା ଆଦି ସାମଗ୍ରୀ ତିଆରି କରିବା କଥା। ହେଲେ ସେଥିମଧ୍ୟରୁ କିଛି ନିଆଯାଇଥିବା ବେଳେ ଆଉ କିଛି ରାସ୍ତା କଡ଼ରେ ବିଭିନ୍ନ ସ୍ଥାନମାନଙ୍କରେ ଗଚ୍ଛିତ ରଖାଯାଇଛି। କିଛି କାଠଗଣ୍ଡି ଗୁଡ଼ିକ ବର୍ତ୍ତମାନ ଖତ ଖାଇବାକୁ ବସୁଥିବା ଦେଖିବାକୁ ମିଳୁଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ, କିଛି କାଠଗଣ୍ଡି ଓ ଗଛ ଗୁଡ଼ିକୁ ସମ୍ପୃକ୍ତ ସ୍ଥାନରେ ହିଁ ପୋଡ଼ି ଦିଆଯାଉଥିବା ଦେଖିବାକୁ ମିଳିଛି। ଫଳରେ ଗଛଗୁଡ଼ିକ ନା ଜନସାଧାରଣଙ୍କ କାମରେ ଆସୁଛି ନା ନିଗମ କାମରେ। ତେବେ ଗ୍ରୀଷ୍ମ ପ୍ରବାହ ସମୟରେ ଗଛ ପୋଡ଼ା ଯୋଗୁଁ ଅଞ୍ଚଳରେ ତାପମାତ୍ରା ଆହୁରି ବୃଦ୍ଧି ପାଇବାରେ ଲାଗିଛି। ପୁଣି ସେଥିରୁ ବାହାରୁଥିବା ଧୂଆଁ ଯୋଗୁଁ ଅଞ୍ଚଳ ପ୍ରଦୂଷିତ ମଧ୍ୟ ହେଉଛି। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ବିଭାଗୀୟ ଉଚ୍ଚ ଅଧିକାରୀ ତଥା ଜିଲ୍ଲା ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବା ସହ କଟା ଯାଇଥିବା ସ୍ଥାନରେ ନୂଆ ଗଛ ଲଗାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସୋରରେ ଥମୁନି ସାପ ଆତଙ୍କ: ଦିନକରେ ୧୨ ଜଣଙ୍କୁ ଦଂଶନ କଲେଣି



ସୋର, ୯/୬ (ନି.ପ୍ର): ସୋର ପୌରାଞ୍ଚଳ ଓ ଗ୍ରାମାଞ୍ଚଳରେ ଏବେ ସାପ ଆତଙ୍କ ଲାଗି ରହିଛି। ଗୋଟିଏ ଦିନରେ ୧୨ରୁ ଅଧିକ ଲୋକଙ୍କୁ ସର୍ପ ଦଂଶନ କରିଛି। ସେମାନଙ୍କ ମଧ୍ୟରୁ ସୋର ଥାନା ମାଣିପୁର ପଞ୍ଚାୟତ ମହାରଥିପୁର ଶାସନର କମଳା ପାଢ଼ୀ(୫୨) ଗୁରୁତର ହୋଇଛନ୍ତି। ଗତକାଲି ରାତିରେ ଶୋଇଥିବା ସମୟରେ କମଳାଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ସେହିପରି ସୋର ଗ୍ରାମାଞ୍ଚଳ ଓ ପୌରାଞ୍ଚଳରୁ ତପନ ନାୟକ, ରତ୍ନମଣି ବେହେରା, ଜ୍ୟୋତି ପ୍ରକାଶ ମଳିକ, ଶଶିକାନ୍ତ ନାୟକ, ମନୋରଞ୍ଜନ ଶିଆଳ, ନିରଞ୍ଜନ ଦାସ, ସୁଶାନ୍ତ ବାରିକ, ମିତା ମହାନ୍ତି, ଅବନ୍ତୀ ଖିଲାର, ବାବୁଲି ବେହେରା, ସାରସ୍ୱତ ବାରିକ ପ୍ରମୁଖ ସାପ କାମୁଡ଼ାରେ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଆଉ କେତେ ଜଣ ସୋର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତେବେ ଗତ ଦୁଇଦିନ ମଧ୍ୟରେ ଏହି ଅଞ୍ଚଳର ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ସାପ କାମୁଡ଼ିଲାଣି ବୋଲି ଡାକ୍ତରଖାନା ସୂତ୍ରରୁ ପ୍ରକାଶ। ଏବେ ସାପଙ୍କର ପ୍ରଜନନ ସମୟ। ସାପମାନେ ଗାତରୁ ବାହାରି ଘର ମୁହାଁ ହେଉଥିବାରୁ ଭୟରେ ଲୋକମାନଙ୍କୁ ଦଂଶନ କରୁଛନ୍ତି। ଏଥିନିମନ୍ତେ ସମସ୍ତେ ସତର୍କତା ଅବଲମ୍ବନ କରିବା ପାଇଁ ଡାକ୍ତରମାନେ ପରାମର୍ଶ ଦେଇଛନ୍ତି।

# ମୋଦୀଙ୍କ ନୂଆ ଟିମ୍

ନରେନ୍ଦ୍ର ଦାମୋଦର ଦାସ ମୋଦୀ, ପ୍ରଧାନମନ୍ତ୍ରୀ
ଲଗାତର ହ୍ୟାଟ୍ରିକ ସରକାର ଗଢିବାରେ ଦେଶର ଦ୍ୱିତୀୟ ପ୍ରଧାନମନ୍ତ୍ରୀ
ଜବାହର ଲାଲ ନେହେରୁ ୧୯୫୨, ୧୯୫୭ ଏବଂ ୧୯୬୨ରେ ସରକାର ଗଢିଥିଲେ
ଗୁଜରାଟର ମୁଖ୍ୟମନ୍ତ୍ରୀରୁ ଦେଶର ପ୍ରଧାନମନ୍ତ୍ରୀ ମୋଦୀ
ଆରଏସଏସର ପ୍ରଚାରକରୁ ହୋଇଥିଲେ ଗୁଜରାଟ ମୁଖ୍ୟମନ୍ତ୍ରୀ
ଅପରାଜେୟ ନରେନ୍ଦ୍ର ମୋଦୀ

—

ରାଜନାଥ ସିଂହ, ବିଜେପି
ଅଟଳ ବିହାରୀ ବାଜପେୟୀ ସରକାରରେ ଥିଲେ ମନ୍ତ୍ରୀ
ୟୁପି ସମେତ ସାରା ଦେଶର ଜଣେ ଟାଣୁଆ ନେତା
ପୂର୍ବରୁ ୟୁପିର ମୁଖ୍ୟମନ୍ତ୍ରୀ ଥିଲେ
ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଥିବା ବେଳେ ୨୦୧୪ରେ ଦଳ କ୍ଷମତାକୁ ଫେରିଛି
ବିରୋଧୀ ଶିବିର ସହିତ ଭଲ ସମ୍ପର୍କ ଥିବା ଅନ୍ୟତମ ନେତା
ମୋଦୀ ସରକାରରେ ଗୃହ ତଥା ପ୍ରତିରକ୍ଷା ମନ୍ତ୍ରଣାଳୟର ଦାୟିତ୍ୱ
ଫିଜିକ୍ସ ଅଧ୍ୟାପକରୁ ରାଜନେତା ରାଜନାଥ ସିଂହ

—

ଅମିତ ଶାହ, ବିଜେପି
ପ୍ରଧାନମନ୍ତ୍ରୀଙ୍କ ବିଶ୍ୱସ୍ତ ସହଯୋଗୀ
ଗୁଜରାଟରେ ମୋଦୀଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଶାହ ଥିଲେ ଗୃହମନ୍ତ୍ରୀ
ରାଷ୍ଟ୍ରୀୟ ବିଜେପିର ଅଧ୍ୟକ୍ଷ ରହି ଦଳକୁ ଦେଇଛନ୍ତି ବଡ଼ ସଫଳତା
୨୦୧୪ ଓ ୨୦୧୭ରେ ୟୁପିରେ ବିଜେପିର ଭଲ ପ୍ରଦର୍ଶନ ପଛରେ ଶାହ
ଦେଶର ଗୃହମନ୍ତ୍ରୀ ଭାବରେ ଧାରା ୩୭୦ ଉଚ୍ଛେଦ ଓ ସିଏଏ କାର୍ଯ୍ୟକାରୀ କରିଛନ୍ତି
ବିଜେପିର କଠୋରପନ୍ଥୀ ଭାବେ ଜଣାଶୁଣା

—

ନୀତୀନ ଗଡ଼କରୀ (ବିଜେପି)
ନାଗପୁରରୁ ହ୍ୟାଟ୍ରିକ ବିଜୟ
ଆରଏସଏସ ସହିତ ଭଲ ସମ୍ପର୍କ
ସଡ଼କ ପରିବହନ ମନ୍ତ୍ରୀ ଭାବେ ଦେଶରେ ନିଜସ୍ୱ ପରିଚୟ
ରେକର୍ଡ ସଂଖ୍ୟକ ଜାତୀୟ ରାଜପଥ ନିର୍ମାଣ କରି ଚର୍ଚ୍ଚାର
ମିଷ୍ଟ ଭାଷୀ ଏବଂ କାମରେ ବିଶ୍ୱାସ କରନ୍ତି ଗଡକରୀ
ପୂର୍ବରୁ ବିଜେପିର ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଥିଲେ
ବିରୋଧୀଙ୍କ ଶିବିରରୁ ପ୍ରଶଂସା ପାଉଥିବା ବିଜେପିର ଅନ୍ୟତମ ନେତା
ମହାରାଷ୍ଟ୍ର ସରକାରରେ ଥିଲେ ମନ୍ତ୍ରୀ

—

ନିର୍ମଳା ସୀତାରମଣ (ବିଜେପି)
ରାଜ୍ୟସଭା ସାଂସଦ ଭାବେ ଅର୍ଥ ଓ ପ୍ରତିରକ୍ଷା ମନ୍ତ୍ରଣାଳୟର ଦାୟିତ୍ୱ
ନରେନ୍ଦ୍ର ମୋଦୀଙ୍କ ବିଶ୍ୱସ୍ତ
ବିଜେପିର ମୁଖପାତ୍ର ହିସାବରେ ପରିଚିତ

—

ଧର୍ମେନ୍ଦ୍ର ପ୍ରଧାନ, ବିଜେପି
ସମ୍ବଲପୁର ଲୋକସଭାରୁ ନିର୍ବାଚିତ
ପୂର୍ବରୁ ବିହାର ଏବଂ ମଧ୍ୟପ୍ରଦେଶରୁ ରାଜ୍ୟସଭାକୁ ନିର୍ବାଚିତ
ପେଟ୍ରୋଲିୟମ ଏବଂ ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟର ମନ୍ତ୍ରୀ ଭାବେ ଅଭିଜ୍ଞତା
ମୋଦୀ-ଶାହଙ୍କର ବିଶ୍ୱସ୍ତ
ଓଡିଶା ବିଜେପିର ପୋଷ୍ଟର ବୟ

—

ପ୍ରହଲ୍ଲାଦ ଯୋଶୀ (ବିଜେପି)
କର୍ଣ୍ଣାଟକର ଧରୱାଡରୁ ହ୍ୟାଟ୍ରିକ ବିଜୟ
୧୯ ସରକାରରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଥିଲେ
କର୍ଣ୍ଣାଟକ ରାଜନୀତିରେ ରହିଛି ପ୍ରଭାବ

—

ହରଦୀପ ସିଂ ପୁରୀ (ବିଜେପି)
କୂଟନୀତିଜ୍ଞରୁ ରାଜ୍ୟସଭା ସାଂସଦ
ଋଷ-ୟୁକ୍ରେନ ଯଦ୍ଧ ଭାରତୀୟଙ୍କୁ ସ୍ୱଦେଶ ଫେରାଇବାରେ ମୁଖ୍ୟ ଭୂମିକା
ପୂର୍ବରୁ ସହର ଉନ୍ନୟନ ମନ୍ତ୍ରଣାଳୟର ସ୍ୱାଧୀନ ଦାୟିତ୍ୱରେ ଥିଲେ
ମୋଦୀଙ୍କ ଅନ୍ୟତମ ବିଶ୍ୱସ୍ତ ନେତା
ବିରୋଧୀଙ୍କୁ କଡା ଜବାବ ଦେବାରେ ବିଜେପିର ଆଗଧାଡିର ନେତା

—

ଅଶ୍ୱିନୀ ବୈଷ୍ଣବ (ବିଜେପି)
ଓଡିଶାରୁ ବିଜେଡି ସମର୍ଥନରେ ରାଜ୍ୟସଭାକୁ ଯାଇଛନ୍ତି
୧୯ ସରକାରରେ ରେଲୱେ ଏବଂ ଟେଲିକମ ମନ୍ତ୍ରାଳୟ ଦାୟିତ୍ୱରେ ଥିଲେ
ପୂର୍ବରୁ ପ୍ରଶାସନିକ ଅଧିକାରୀ ଭାବେ ଓଡିଶାରେ ସୁପରିଚିତ
ବାହାନଗା ରେଳ ଦୁର୍ଘଟଣା ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟରେ ସାଉଁଟିଛନ୍ତି ପ୍ରଶଂସା

—

ପୀୟୂଷ ଗୋଏଲ (ବିଜେପି)
ପ୍ରଥମ ଥର ପାଇଁ ଲୋକସଭାକୁ ନିର୍ବାଚିତ
ରାଜ୍ୟସଭାରେ ବିଜେପି ଦଳର ନେତା
ବିଜେପିର କୋଷାଧ୍ୟକ୍ଷ ଭାବେ ବହୁବର୍ଷ ଧରି କାର୍ଯ୍ୟ
ପୂର୍ବରୁ ପୀୟୁଷଙ୍କ ବାପା ବେଦପ୍ରକାଶ ମଧ ଥିଲେ କୋଷାଧ୍ୟକ୍ଷ
ଚାଟାର୍ଡ ଆକାଉଣ୍ଟ ପରୀକ୍ଷାରେ ଟପ୍ପର ହୋଇଥିଲେ
ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ଭାବେ ପ୍ରଶଂସନୀୟ
ମୋଦୀଙ୍କ ଅନ୍ୟତମ ବିଶ୍ୱସ୍ତ

—

ଶିବରାଜ ସିଂ ଚୌହାନ (ବିଜେପି)
ଚଳିତଥର ବିଜେପିରୁ ସର୍ବାଧିକ ଭୋଟ୍ ବ୍ୟବଧାନରେ ବିଜୟୀ ନେତା
ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ଖ୍ୟାତି
ମଧ୍ୟପ୍ରଦେଶରେ ମାମା ଭାବେ ପରିଚିତ
ଅଟଳ ସରକାରରେ କେନ୍ଦ୍ର କୃଷିମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ
ପ୍ରତିକୂଳ ପରିସ୍ଥିତିରେ ମଧ୍ୟପ୍ରଦେଶରେ ଦଳକୁ କ୍ଷମତାସୀନ କରିବାରେ ମୁଖ୍ୟ ଭୂମିକା

—

ଜ୍ୟୋତିରାଦିତ୍ୟ ସିନ୍ଧିଆ (ବିଜେପି)
କୋଭିଡ ବେଳେ ଦଳ ବଦଳାଇ ବିଜେପିରେ ସାମିଲ ହୋଇଥିଲେ
ଗୁନା ଲୋକସଭାରୁ ନିର୍ବାଚିତ
ପୂର୍ବରୁ ମଧ୍ୟପ୍ରଦେଶରୁ ରାଜ୍ୟସଭାକୁ ନିର୍ବାଚିତ
ଗ୍ୱାଲିୟର ରାଜ ପରିବାରର ମୁଖ୍ୟ
ପୂର୍ବରୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଥିଲେ

—

ଜେପି ନଡ୍ଡା, ବିଜେପି
ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ
ରାଜ୍ୟସଭାକୁ ସଭ୍ୟ
ନରେନ୍ଦ୍ର ମୋଦୀଙ୍କ ପ୍ରଥମ ମନ୍ତ୍ରିମଣ୍ଡଳରେ ଥିଲେ ସ୍ୱାସ୍ଥ୍ୟମନ୍ତ୍ରୀ

—

ମନସୁଖ ମାଣ୍ଡଭ୍ୟ (ବିଜେପି)
କୋଭିଡ ପରବର୍ତ୍ତୀ ସମୟରେ ଦେଶର ସ୍ୱାସ୍ଥ୍ୟ ମନ୍ତ୍ରୀ ହୋଇଥିଲେ
ଗୁଜରାଟ ବିଜେପିର ଅନ୍ୟତମ ଟାଣୁଆ ନେତା
ପ୍ରଥମ ଥର ପାଇଁ ଲୋକସଭାକୁ ନିର୍ବାଚିତ
ପୂର୍ବରୁ ରାଜ୍ୟସଭାକୁ ହୋଇଥିଲେ ନିର୍ବାଚିତ
ମନ୍ତ୍ରଣାଳୟ ପରିଚାଳନା କରିବାରେ ରହିଛି ଦୃଢ ଅଭିଜ୍ଞତା

—

ସି.ଆର ପାଟିଲ (ବିଜେପି)
ଗୁଜରାଟ ବିଜେପିର ସଭାପତି
ନଭସାରିରୁ ୩ ଥର ସାଂସଦ ଭାବେ ନିର୍ବାଚିତ

—

ମନୋହରଲାଲ ଖଟ୍ଟର (ବିଜେପି)
ହରିଆଣାର ଦୁଇ ଥର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇଛନ୍ତି
ସଂଘର କଠୋରପନ୍ଥୀ ହିସାବରେ ମୋଦୀଙ୍କ ବିଶ୍ୱସ୍ତ
ପ୍ରଥମ ଥର ପାଇଁ ଲୋକସଭାକୁ ନିର୍ବାଚିତ

—

ଗିରିରାଜ ସିଂ (ବିଜେପି)
ମୋଦୀ ସରକାରର ଅନ୍ୟତମ ଟାଣୁଆ ନେତା
ବିହାର ବେଗୁସରାଇରୁ ଦ୍ୱିତୀୟ ଥର ଲୋକସଭାକୁ ନିର୍ବାଚିତ
ପଶୁପାଳନ ଓ ମତ୍ସ୍ୟ ସମ୍ପଦର ମନ୍ତ୍ରୀ ଦାୟିତ୍ୱ ସମ୍ଭାଳିଛନ୍ତି
ବିରୋଧୀ ଦଳକୁ ସବୁବେଳେ ତାଚ୍ଛଲ୍ୟ କରୁଥିବା ନେତା
ଜଣେ ହିନ୍ଦୁ କଠୋପନ୍ଥୀ ନେତା ଭାବେ ଜଣାଶୁଣା

—

ଏସ୍. ଜୟଶଙ୍କର (ବିଜେପି)
କୂଟନୀତିରୁ ରାଜନୀତିକୁ ଆସିଛନ୍ତି
ବୈଦେଶିକ ମନ୍ତ୍ରୀ ଭାବେ ରହିଛି ଖ୍ୟାତି
ସୁଷମା ସ୍ୱରାଜଙ୍କ ପରେ ସମ୍ଭାଳିଛନ୍ତି ଦାୟିତ୍ୱ
ମୋଦୀଙ୍କର ଅନ୍ୟତମ ବିଶ୍ୱସ୍ତ ନେତା

—

ଅର୍ଜୁନରାମ ମେଘୱାଲ (ବିଜେପି)
୨୦୦୯ରୁ ବିକାନେରରୁ ନିର୍ବାଚିତ ହୋଇଆସୁଛନ୍ତି
ପ୍ରଶାସକରୁ ରାଜସ୍ଥାନର ପୋଖର ରାଜନେତା
ସଂସଦକୁ ସାଇକେଲରୁ ଆସି ଚର୍ଚ୍ଚାରେ
ମୋଦୀ ସରକାରରେ ନ୍ୟାୟ ମନ୍ତ୍ରୀ ଥିଲେ

—

କିରଣ ରିଜୁ (ବିଜେପି)
ଅରୁଣାଚଳ ପ୍ରଦେଶରୁ ହ୍ୟାଟ୍ରିକ ବିଜୟ
ବିଧାନସଭାରେ ବିଜେପିର ବିଜୟ ପଛରେ ମୁଖ୍ୟ ଭୂମିକା
ପୂର୍ବରୁ ଆଇନ ଓ ଯୁବ କ୍ରୀଡା ବିଭାଗର ମନ୍ତ୍ରୀ ଥିଲେ

—

ଭୂପେନ୍ଦ୍ର ଯାଦବ, ବିଜେପି
ବିଜେପିର ସାଂଗଠନିକ ଚେହେରା
ରାଜସ୍ଥାନ ଅଲୱାରରୁ ଲୋକସଭାକୁ ନିର୍ବାଚିତ
ଓଡିଶାର ବିଜେପିର ସଫଳତା ପଛରେ ରହିଛି ଭୂମିକା
କେନ୍ଦ୍ରରେ ଶ୍ରମମନ୍ତ୍ରାଳୟର ଦାୟିତ୍ୱ ତୁଲାଇଛନ୍ତି

—

ଜିତେନ୍ଦ୍ର ସିଂହ (ବିଜେପି)
ଜମ୍ମୁ କଶ୍ମୀର ଉଦ୍ଧମପୁର ଲୋକସଭାକୁ ହ୍ୟାଟ୍ରିକ ବିଜୟ
ପିଏମଓ, କାର୍ମିକ ଓ ପ୍ରଶାସନିକ ମନ୍ତ୍ରଣାଳୟର ମନ୍ତ୍ରୀ ଭାବେ ଜଣାଶୁଣା
ପ୍ରଥମ ଥର ପାଇଁ ୨୦୧୪ରେ ଗୁଲାମନବୀ ଆଜାଦଙ୍କୁ ହରାଇ ଲୋକସଭାକୁ ନିର୍ବାଚିତ
ନରେନ୍ଦ୍ର ମୋଦୀଙ୍କର ଅନ୍ୟତମ ବିଶ୍ୱସ୍ତ ନେତା

—

ସର୍ବାନନ୍ଦ ସୋନୱାଲ (ବିଜେପି)
ଆସାମର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ
୨୦୧୪ରେ ପ୍ରଥମ ଥର ପାଇଁ ଲ କ୍ଷ୍ମୀପୁରରୁ ଲୋକସଭାକୁ ନିର୍ବାଚିତ
ଏବେ ଦିବ୍ରୁଗଡ ଲୋକସଭାରୁ ନିର୍ବାଚିତ
ଜହାଜ ଚଳାଚଳ ଓ ଆୟୂଷ ମନ୍ତ୍ରଣାଳୟର ଦାୟିତ୍ୱରେ ଥିଲେ

—

କେ. ଆନ୍ନାମଲାଇ (ବିଜେପି)
ତାମିଲନାଡୁ ବିଜେପିର ସଭାପତି
ବିଜେପିର ଭୋଟ୍ ସେୟାର ବଢିବା ପଛରେ ରହିଛି ଅବଦାନ
ନିର୍ବାଚନରେ ହାରି ମଧ ମନ୍ତ୍ରୀ ମଣ୍ଡଳରେ ସାମିଲ
ଆଇପିଏସ ଚାକିରି ଛାଡି ରାଜନୀତିରେ ଯୋଗଦାନ

—

ପଙ୍କଜ ଚୌଧୁରୀ (ବିଜେପି)
ମହାରାଜଗଂଜ ଲୋକସଭାକୁ ଲଗାତର ନିର୍ବାଚିତ
ୟୁପିର ଜଣେ ପ୍ରମୁଖ ବିଜେପି ନେତା
ଗତ ସରକାରରେ ଅର୍ଥରାଷ୍ଟ୍ର ମନ୍ତ୍ରୀ ହୋଇଥିଲେ

—

ଗଜେନ୍ଦ୍ର ସିଂହ ଶେଖାୱତ (ବିଜେପି)
ରାଜସ୍ଥାନ ଯୋଧପୁର ଲୋକସଭାରୁ ହ୍ୟାଟ୍ରିକ ନିର୍ବାଚିତ
ଜଳ ଶକ୍ତି ମନ୍ତ୍ରଣାଳୟର ମନ୍ତ୍ରୀ ଥିଲେ
ରାଜସ୍ଥାନ ବିଜେପିର ପ୍ରମୁଖ ଚେହେରା ଓ ମୋଦୀଙ୍କ ବିଶ୍ୱସ୍ତ

—

ଜୁଏଲ ଓରାମ (ବିଜେପି)
ଆଦିବାସୀ କଲ୍ୟାଣ ମନ୍ତ୍ରଣାଳୟର ପ୍ରଥମ ମନ୍ତ୍ରୀ
ବାଜପେୟୀ ସରକାରରେ କ୍ୟାବିନେଟ୍ ମନ୍ତ୍ରୀର ଅଭିଜ୍ଞତା
ସୁନ୍ଦରଗଡରୁ ବାରମ୍ବାର ଲୋକସଭାକୁ ନିର୍ବାଚିତ
ଓଡିଶା ବିଜେପିର ଅନ୍ୟତମ ପ୍ରମୁଖ ଚେହେରା
ଓଡିଶା ବିଜେପିର ଦୁଇ ଦୁଇ ଥର ସଭାପତି
ବଣେଇ ବିଧାନସଭାରୁ ୨ ଥର ବିଧାନସଭାକୁ ନିର୍ବାଚିତ

—

ଲଲନ ସିଂହ (ଜେଡିୟୁ)
ବିହାର ଜେଡିୟୁର ପ୍ରମୁଖ ନେତା
ନୀତୀଶ କୁମାରଙ୍କର ଅତ୍ୟନ୍ତ ବିଶ୍ୱସ୍ତ
ପ୍ରଥମ ଥର ପାଇଁ ମନ୍ତ୍ରୀ ହୋଇଛନ୍ତି କେନ୍ଦ୍ରରେ
ମୁଙ୍ଗେରରୁ ଲଗାତର ଦ୍ୱିତୀୟ ଥର ପାଇଁ ଲୋକସଭାକୁ ନିର୍ବାଚିତ

—

ରାମନାଥ ଠାକୁର (ଜେଡିୟୁ)
ଭାରତରତ୍ନ କପୂରୀ ଠାକୁରଙ୍କ ପୁଅ ରାମନାଥ ଠାକୁର
ରାଜ୍ୟସଭା ସଦସ୍ୟ ଭାବେ ବିହାରରୁ ନିର୍ବାଚିତ

—

ଜୀତନରାମ ମାଂଝୀ (ଏଚଏଏମ୍)
ବିହାରର ମୁଖ୍ୟମନ୍ତ୍ରୀ ଭାବେ ଅଭିଜ୍ଞତା
ହିନ୍ଦୁସ୍ଥାନୀ ଆୱାମୀ ମୋର୍ଚ୍ଚାରୁ ଏକମାତ୍ର ସଭ୍ୟ
ନୀତୀଶ କୁମାରଙ୍କ ସହ ବୟାନବାଜି ନେଇ ଚର୍ଚ୍ଚାରେ ରୁହନ୍ତି

—

କୁମାର ସ୍ୱାମୀ (ଜେଡିଏସ୍)
କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ'
ପୂର୍ବତନ ପ୍ରଧାନମନ୍ତ୍ରୀ ଦେବଗୌଡାଙ୍କ ପୁଅ
ଜଣେ ଫିଲ୍ମ ପ୍ରଯୋଜକ ଭାବେ ଜଣାଶୁଣା
ମାଣ୍ଡ୍ୟା ଲୋକସଭାକୁ ନିର୍ବାଚିତ

—

ଶ୍ରୀପଦ ନାୟକ, ବିଜେପି
ଗୋଆ ବିଜେପିର ପ୍ରମୁଖ ଚେହେରା
ଉତ୍ତର ଗୋଆରୁ ବହୁବାର ଲୋକସଭାକୁ ନିର୍ବାଚିତ
ପର୍ଯ୍ୟଟନ ମନ୍ତ୍ରାଳୟର ରାଷ୍ଟ୍ରମନ୍ତ୍ରୀ ଥିଲେ

—

ଚିରାଗ ପାସୱାନ (ଏଲଜେପି)
ହାଜିରରୁ ଲୋକସଭାକୁ ନିର୍ବାଚିତ
ମୋଦୀଙ୍କ ହନୁମାନ ବୋଲି ପରିଚୟ ଦିଅନ୍ତି
ଦିବଂଗତ ନେତା ରାମବିଲାଶ ପାଶୱାନଙ୍କ ପୁଅ

—

ନିତ୍ୟାନନ୍ଦ ରୟ, ବିଜେପି
ବିହାର ବିଜେପିର ଅନ୍ୟତମ ପ୍ରମୁଖ ଚେହେରା
କେନ୍ଦ୍ର ଗୃହରାଜ୍ୟ ମନ୍ତ୍ରୀ ଭାବେ କାର୍ଯ୍ୟରତ

—

ଜି. କିଷାନ ରେଡ୍ଡୀ (ବିଜେପି)
ସିକନ୍ଦରାବାଦରୁ ଦ୍ୱିତୀୟ ଥର ପାଇଁ ନିର୍ବାଚିତ
ତେଲେଙ୍ଗାନା ବିଜେପିର ସଭାପତି
ପର୍ଯ୍ୟଟନ ଏବଂ ଗୃହରାଷ୍ଟ୍ର ମନ୍ତ୍ରୀ ଭାବେ କାର୍ଯ୍ୟରତ

—

ବନ୍ଦୀ ସଞ୍ଜୟ (ବିଜେପି)
ତେଲେଙ୍ଗାନା କରିମନଗରରୁ ଲଗାତର ଦ୍ୱିତୀୟ ଥର ନିର୍ବାଚିତ
ପୂର୍ବରୁ ଥିଲେ ତେଲେଙ୍ଗାନା ବିଜେପିର ସଭାପତି
ଭାରତ ରାଷ୍ଟ୍ରୀୟ ସମିତି ସହ ବିଜେପିର ସଂଗ୍ରାମ ନେଇ ପରିଚିତି ହାସଲ
କେସିଆର ସରକାରରେ ଆନ୍ଦୋଳନ କରି ଅନେକ ଥର ଜେଲ୍ ଯାଇଥିଲେ

—

ରାଓ୍ୱ ଇନ୍ଦ୍ରଜିତ ସିଂହ (ବିଜେପି)
ବରିଷ୍ଠ କଂଗ୍ରେସ ନେତା ରାଓ୍ୱ ବିରେନ୍ଦ୍ର ସିଂହଙ୍କ ପୁଅ
ହରିଆଣାର ଗୁରଗାଁଓ ଲୋକସଭାରୁ ନିର୍ବାଚିତ
୧୯୯୮ରୁ ଲଗାତର ଲୋକସଭାକୁ ନିର୍ବାଚିତ
ପରିସଂଖ୍ୟାନ ଏବଂ ଯୋଜନା କାର୍ଯ୍ୟକାରିତା ମନ୍ତ୍ରଣାଳୟର ମନ୍ତ୍ରୀ

—

ଜୟନ୍ତ ଚୌଧୁରୀ (ଆରଏଲଡି)
ପୂର୍ବତ ପ୍ରଧାନମନ୍ତ୍ରୀ ଭାରତରତ୍ନ ଚରଣସିଂହଙ୍କ ପୁଅ
ନିର୍ବାଚନ ପୂର୍ବରୁ ମେଂଟ ବଦଳାଇ ଏନଡିଏରେ ସାମିଲ
ରାଜ୍ୟସଭାକୁ ୨୦୨୩ରେ ନିର୍ବାଚିତ

—

ଅନୁପ୍ରିୟା ପଟେଲ (ଏଡି)
ଉତ୍ତର ପ୍ରଦେଶର ଆପନା ଦଳର ସଭାପତି
ଲଗାତର ତୃତୀୟ ଥର ପାଇଁ ମିର୍ଜାପୁରରୁ ନିର୍ବାଚିତ
ଶିକ୍ଷକରୁ ସମାଜସେବୀ ପରେ ରାଜନେତା ଅନୁପ୍ରିୟା

—

ରାମ ମୋହନ ନାଇଡୁ (ଟିଡିପି)
ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମରୁ ଲୋକସଭାକୁ ନିର୍ବାଚିତ
ଇଞ୍ଜିନିୟରରୁ ରାଜନେତା ରାମ ମୋହନ ନାଇଡୁ

—

ଚନ୍ଦ୍ର ଶେଖର ପେମ୍ମାସାନୀ (ଟିଡିପି)
ଗୁଣ୍ଟୁରରୁ ଲୋକସଭାକୁ ନିର୍ବାଚିତ
ଡାକ୍ତରରୁ ରାଜନେତା ପେମ୍ମାସାନୀ
୫ ହଜାର ୭୮୫ କୋଟି ଟଙ୍କାର ସମ୍ପତ୍ତିର ମାଲିକ

—

ଶୋଭା କରନ ଦଲଜେ (ବିଜେପି)
ଉତ୍ତର ବେଙ୍ଗାଲୁରୁର ଲୋକସଭାକୁ ନିର୍ବାଚିତ
କର୍ଣ୍ଣାଟକ ବିଜେପିର ପ୍ରମୁଖ ଚେହେରା
ବି.ଏସ ୟେଦ୍ୟୁରପ୍ପାଙ୍କ ବିଶ୍ୱସ୍ତ ନେତା
କୃଷି ରାଷ୍ଟ୍ରମନ୍ତ୍ରୀ ଭାବେ କେନ୍ଦ୍ରରେ ଅଭିଜ୍ଞତା

—

ସୁରେଶ ଗୋପ୍ପୀ (ବିଜେପି)
କେରଳର ପ୍ରଥମ ଲୋକସଭା ବିଜେପି ସଭ୍ୟ
ଅଭିନେତାରୁ ରାଜନେତା ଗୋପ୍ପୀ
ଗାଁଠୁ ସହର କେରଳରେ ଜଣେ ପରିଚିତ ଚେହେରା

—

ସାବିତ୍ରୀ ଠାକୁର, ବିଜେପି
ମଧ୍ୟପ୍ରଦେଶ ଧରରୁ ଲୋକସଭାକୁ ନିର୍ବାଚିତ

—

ଜିତେନ ପ୍ରସାଦ, ବିଜେପି
ୟୁପି ନିର୍ବାଚନ ବେଳେ କଂଗ୍ରେସ ଛାଡି ବିଜେପିରେ ସାମିଲ
ଜଣେ ବ୍ରାହ୍ମଣ ଚେହେରା
ବରଣ୍ଣ ଗାନ୍ଧୀଙ୍କ ବଦଳରେ ପିଲଭିଟରୁ ଲୋକସଭାକୁ ନିର୍ବାଚିତ
ରାହୁଲ ଗାନ୍ଧୀଙ୍କର ଅନ୍ୟତମ ଘନିଷ୍ଠ
ବରିଷ୍ଠ କଂଗ୍ରେସ ନେତା ଜିତେନ୍ଦ୍ର ପ୍ରସାଦଙ୍କ ପୁଅ

—

ରକ୍ଷା ଖଡସେ (ବିଜେପି)
ଏକନାଥ ଖଡସେଙ୍କ ଜିଅ ରକ୍ଷା ଖଡସେ
ମହାରାଷ୍ଟ୍ର ବିଜେପିର ଅନ୍ୟତମ ଟାଣୁଆ ନେତା
ରଭେର ଲୋକସଭାରୁ ରକ୍ଷା ଖଡସେ ନିର୍ବାଚିତ

—

ରାମଦାସ ଅଠାୱାଲେ (ଆରପିଆଇ)
ଏନଡିଏର ଦଳିତ ଚେହେରା
ରାଜ୍ୟସଭା ସାଂସଦ ଓ ଗତ ମନ୍ତ୍ରିମଣ୍ଡଳରେ ସାମାଜିକ ନ୍ୟାୟ ମନ୍ତ୍ରୀ ଥିଲେ

—

ଶାନ୍ତନୁ ଠାକୁର, ବିଜେପି
ପଶ୍ଚିମବଙ୍ଗ ବନଗାଁରୁ ଦ୍ୱିତୀୟ ଥର ନିର୍ବାଚିତ
ବନ୍ଦର ଓ ଜାହାଜ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ଥିଲେ

—

ସୁକାନ୍ତ ମଜୁମଦାର, ବିଜେପି
ପଶ୍ଚିମବଙ୍ଗ ବିଜେପିର ସଭାପତି
ବାଲୁରଘାଟରୁ ଲୋକସଭାକୁ ଦ୍ୱିତୀୟ ଥର ନିର୍ବାଚିତ
ସନ୍ଦେଶଖାଲି ଘଟଣାରେ ନିଜେ ଆକ୍ରମଣର ଶିକାର

—

ଭୂପତି ରାଜୁ ଶ୍ରୀନିବାସ ବର୍ମା, ବିଜେପି
ଆନ୍ଧ୍ରପ୍ରଦେଶ ନରସପୁରମ ଲୋକସଭାରୁ ନିର୍ବାଚିତ

—

ଅନ୍ନପୂର୍ଣ୍ଣା ଦେବୀ, ବିଜେପି
ଝାଡଖଣ୍ଡ କୋଡର୍ମାରୁ ଲୋକସଭାକୁ ଦ୍ୱିତୀୟ ଥର ନିର୍ବାଚିତ
ପୂର୍ବ ମନ୍ତ୍ରୀମଣ୍ଡଳରେ ଶିକ୍ଷା ରାଷ୍ଟ୍ରମନ୍ତ୍ରୀର ଦାୟିତ୍ୱ

—

ଏଲ ମୁର୍ଗ୍ଗୁନ, ବିଜେପି
ତାମିଲନାଡୁ ନୀଳଗିରି ଲୋକସଭା ଆସନରୁ ପରାଜିତ
ପୂର୍ବ ମନ୍ତ୍ରିମଣ୍ଡଳରେ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରାଳୟରେ ରାଷ୍ଟ୍ରମନ୍ତ୍ରୀ ଦାୟିତ୍ୱ

—

ଚନ୍ଦ୍ରଶେଖର ଚୌଧୁରୀ, ଏଜେଏସୟୁ
ଝାଡଖଣ୍ଡ ଗିରିଧରୁ ଲୋକସଭାକୁ ନିର୍ବାଚିତ
ଝାଡଖଣ୍ଡ ଛାତ୍ର ସଂଗଠନର ସଦସ୍ୟ
ଏନଡିଏର ସହଯୋଗୀ ଅଲ ଝାଡଖଣ୍ଡ ଷ୍ଟୁଡେଂଟ ୟୁନିଅନ୍

—

ରବନୀଥ ସିଂହ ବିଟ୍ଟୁ, ବିଜେପି
ହାରିଥିଲେ ମଧ ମନ୍ତ୍ରିମଣ୍ଡଳରେ ସାମିଲ
ଲୁଧିଆନାରୁ କଂଗ୍ରେସ ପ୍ରାର୍ଥୀଙ୍କଠାରୁ ପରାସ୍ତ
ନିର୍ବାଚନ ପୂର୍ବରୁ କଂଗ୍ରେସ ଛାଡି ବିଜେପିରେ ସାମିଲ ହୋଇଥିଲେ
ପୂର୍ବତନ ମୁଖ୍ୟମନ୍ତ୍ରୀ ବିୟନ ସିଂହଙ୍କ ନାତି

—

ହର୍ଷ ମାଲହୋତ୍ରା, ବିଜେପି
ପୂର୍ବ ଦିଲ୍ଲୀରୁ ଲୋକସଭାକୁ ନିର୍ବାଚିତ

—

ଏସ.ପି ସିଂ ବାଘେଲ, ବିଜେପି
ଆଗ୍ରା ଲୋକସଭାରୁ ଦ୍ୱିତୀୟ ଥର ନିର୍ବାଚିତ
ପୂର୍ବ ସରକାରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ର ମନ୍ତ୍ରୀ

—

ନିମୁବେନ୍ ବମ୍ଭାନିଆ, ବିଜେପି
ଭାବନଗରରୁ ଲୋକସଭାକୁ ନିର୍ବାଚିତ

—

ପ୍ରତାପ ରାଓ ଯାଦବ (ଶିବସେନା, ସିନ୍ଦେ)
ମହାରାଷ୍ଟ୍ର ବୁଲଧାନାଓରୁ ଲୋକସଭାକୁ ନିର୍ବାଚିତ
ଲଗାତର ଚତୁର୍ଥ ଥର ସଂସଦକୁ ନିର୍ବାଚିତ

—

ଭଗିରଥ ଚୌଧୁରୀ, ବିଜେପି
ଆଜମେରରୁ ଦ୍ୱିତୀୟ ଥର ଲୋକସଭାକୁ ନିର୍ବାଚିତ

—

ସତୀଶ ଚନ୍ଦ୍ର ଦୁବେ, ବିଜେପି
ବିହାରରୁ ରାଜ୍ୟସଭାକୁ ନିର୍ବାଚିତ

—

ରାଜଭୂଷଣ ଚୌଧୁରୀ, ଭିଆଇପି
ବିହାର ମୁଜାଫରପୁରରୁ ପ୍ରଥମ ଥର ପାଇଁ ଲୋକସଭାକୁ ନିର୍ବାଚିତ

—

ଅଜୟ ଟାମଟା, ବିଜେପି
ଉତରାଖଣ୍ଡ ଆଲମୋରରୁ ହ୍ୟାଟ୍ରିକ ବିଜୟୀ

—

ମୁରଲୀଧର ମୋହଲ, ବିଜେପି
ମହାରାଷ୍ଟ୍ର ପୁଣେରୁ ଲୋକସଭାକୁ ନିର୍ବାଚିତ
ପୂର୍ବରୁ ପୁଣେର ମେୟର ଭାବେ ଦାୟିତ୍ୱ

—

ବିରେନ୍ଦ୍ର କୁମାର ଖଟିକ, ବିଜେପି
ମଧ୍ୟପ୍ରଦେଶ ଟିକମଗଡରୁ ଲୋକସଭାକୁ ନିର୍ବାଚିତ
ଗତ ମନ୍ତ୍ରିମଣ୍ଡଳରେ ସାମାଜିକ ନ୍ୟାୟ ରାଷ୍ଟ୍ର ମନ୍ତ୍ରୀର ଦାୟିତ୍ୱ

—

କମଲେଶ ପାଶୱାନ, ବିଜେପି
ଉତ୍ତର ପ୍ରଦେଶ ବଂଶଗାଁଓରୁ ଲୋକସଭାକୁ ନିର୍ବାଚିତ
ଖବୁ କମ୍ ବ୍ୟବଧାନରେ କଂଗ୍ରେସ ପ୍ରାର୍ଥୀଙ୍କଠୁ ବିଜୟୀ

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ୩ୟ ଥର ପାଇଁ ପ୍ରଧାନମନ୍ତ୍ରୀ...

ଆସନ ଜିତିଛନ୍ତି। ଶପଥ ପାଠ ପାଇଁ ନିର୍ଦ୍ଧାରିତ ସମୟ ସନ୍ଧ୍ୟା ଠିକ୍ ୭ଟାରେ ରାଷ୍ଟ୍ରପତି ଭବନ ଅଭିମୁଖେ ବାହାରିଥିଲେ ମୋଦି। ୭.୧୩ରେ ସେ ଶପଥ ପାଠ ସ୍ଥଳରେ ପହଞ୍ଚିଥିଲେ। ୭.୨୨ ମିନିଟରେ ଶପଥ ସମାରୋହ ଆରମ୍ଭ ହୋଇଥିଲା। ମୋଦି ରାଷ୍ଟ୍ରପତି ଭବନରେ ଆୟୋଜିତ ଭବ୍ୟ ସମାରୋହରେ ଶପଥ ଗ୍ରହଣ କରିଛନ୍ତି। ଲାଇଟ ବ୍ଲ୍ୟୁ ରଙ୍ଗର ଜ୍ୟାକେଟ୍ ? ଓ ଧଳା କୁର୍ତ୍ତାରେ ଥିବା ମୋଦି ସମ୍ବିଧାନର ନିୟମ ଅନୁଯାୟୀ କାର୍ଯ୍ୟ କରିବେ ବୋଲି ଈଶ୍ୱରଙ୍କ ନାଁରେ ଶପଥ ଗ୍ରହଣ କରିଛନ୍ତି। ଶପଥ ପାଠ ପୂର୍ବରୁ ପ୍ରଥମେ ମୋଦି ପରେ ଉପ ରାଷ୍ଟ୍ରପତି ଜଗଦୀପ ଧନକର ପହଞ୍ଚିଥିଲେ। ଶେଷରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପହଞ୍ଚି ଶପଥ ପାଠ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ତୃତୀୟ ଥର ସହଯୋଗୀ ଦଳଙ୍କ ଭରସାରେ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିବା ମୋଦିଙ୍କ କାର୍ଯ୍ୟକ୍ରମରେ ପାକିସ୍ତାନକୁ ଛାଡ଼ି ସବୁ ପଡ଼ୋଶୀ ଦେଶର ରାଷ୍ଟ୍ରମୁଖ୍ୟ ଉପସ୍ଥିତ ରହିଥିଲେ। ପ୍ରାୟ ୯ ହଜାରରୁ ଅଧିକ ଅତିଥିଙ୍କ ସାମ୍ନାରେ ମୋଦି ୩.୦ ସରକାର ଆରମ୍ଭ ହୋଇଛି। ପ୍ରଥମଥର ପାଇଁ ୫୦ ଜଣ କିନ୍ନର ମଧ ଶପଥ ପାଠ ଉତ୍ସବର ମୁଖସାକ୍ଷୀ ବନିଛନ୍ତି। ନରେନ୍ଦ୍ର ମୋଦିଙ୍କ ତୃତୀୟ ପାଳିର ଆରମ୍ଭର ସାକ୍ଷୀ ଭାରତର ପଡ଼ୋଶୀ ରାଷ୍ଟ୍ରର ମୁଖ୍ୟମାନେ ବନିଛନ୍ତି। ପଡ଼ୋଶୀ ପ୍ରଥମ ନୀତିରେ ଭାରତ ପକ୍ଷରୁ ଏମାନଙ୍କ ନିମନ୍ତ୍ରଣ କରାଯାଇଥିଲା। ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନା, ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ବିକ୍ରମସିଂଘେ, ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପ କମଳ ପ୍ରଚଣ୍ଡ, ଭୁଟାନ କିଙ୍ଗ ଜିଗମେ ଖେସର ନାମଗିଲ ୱାଙ୍ଗଚୁକ ଓ ମରିସସ ପ୍ରଧାନମନ୍ତ୍ରୀ ପ୍ରବୀନ୍ଦ ଜୁଗନୌଥ, ସିସେଲ୍ସର ଉପ ରାଷ୍ଟ୍ରପତି ଶପଥ ଗ୍ରହଣ ସମାରୋହରେ ଉପସ୍ଥିତ ରହିଥିଲେ। ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜୁଙ୍କ ମଧ ଏହି ସମାରୋହରେ ଯୋଗ ଦେଇଥିଲେ। ମାଳଦ୍ୱୀପର ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଏହା ମୁଇଜୁଙ୍କ ପ୍ରଥମ ଭାରତ ଗସ୍ତ। ଦୁଇ ଦେଶ ମଧ୍ୟରେ ତିକ୍ତତା ଚାଲିଥିଲେ ମଧ ମୁଇଜୁ ଭାରତ ଆସି ମୋଦିଙ୍କ ଶପଥ ଗ୍ରହଣ ସମାରୋହରେ ସାମିଲ ହୋଇଛନ୍ତି। ଅନ୍ୟ ଅତିଥିଙ୍କ ମଧ୍ୟରେ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼, ବିଜେପି ଭେଟରାନ ମୁରଲୀ ମନୋହର ଯୋଶୀ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ଅଭିନେତା ଅକ୍ଷୟ କୁମାର, ରଜନୀକାନ୍ତ, ଶାହରୁଖ ଖାନଙ୍କ ଠାରୁ ଆରମ୍ଭ କରି ଶିଳ୍ପପତି ମୁକେଶ ଆମ୍ବାନୀ, କୁମାର ମଙ୍ଗଲମ ବିର୍ଲା ପ୍ରମୁଖ ମୋଦିଙ୍କ ଶପଥ ପାଠ ବେଳେ ଉପସ୍ଥିତ ରହିଥିଲେ। ଏମାନଙ୍କ ବ୍ୟତୀତ ମନ କୀ ବାତ୍ ଅଂଶଗ୍ରହଣକାରୀ, ପଦ୍ମ ଆୱାର୍ଡି ଓ ଅନେକ ଧର୍ମଗୁରୁ ବି ରାଷ୍ଟ୍ରପତି ଭବନ ଆସିଥିଲେ। ଏହି ଉତ୍ସବରେ ସେଣ୍ଟ୍ରାଲ୍ ଭିଷ୍ଟା ଶ୍ରମିକ, ସଫେଇ କର୍ମଚାରୀ, ବନ୍ଦେ ଭାରତ ଟ୍ରେନ କର୍ମଚାରୀମାନେ ମଧ ଯୋଗ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ତୃତୀୟ ପାଳିରେ ଓଡ଼ିଶାକୁ ଗୁରୁତ୍ୱ ଦେଇଛନ୍ତି। ସେ ନିଜ କ୍ୟାବିନେଟ୍ ? ମନ୍ତ୍ରିମଣ୍ଡଳରେ ଓଡ଼ିଶାରୁ ତିନି ଜଣଙ୍କୁ ସ୍ଥାନ ଦେଇଛନ୍ତି। ଏଥିରେ ଅଛନ୍ତି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ ଓ ରାଜ୍ୟସଭା ସାଂସଦ ଅଶ୍ୱିନୀ ବେ ?ଷ୍ଣବ। ରାଷ୍ଟ୍ରପତି ଦ୍ରେ ?ପଦୀ ମୁର୍ମୁ ଏହି ତିନି ଜଣ ସାଂସଦଙ୍କୁ ଶପଥ ପାଠ କରାଇଛନ୍ତି। ରାଷ୍ଟ୍ରପତି ଭବନରେ ଆୟୋଜିତ ଭବ୍ୟ ସମାରୋହରେ ମୋଦୀଙ୍କ କ୍ୟାବିନେଟରେ ସ୍ଥାନ ପାଇଥିବା ଅନ୍ୟ ମନ୍ତ୍ରୀମାନେ ମଧ ଶପଥ ଗ୍ରହଣ କରିଛନ୍ତି।

## ପରାଜୟ ପରେ ରାଜନୀତି ଛାଡ଼ିଲେ...

ସମ୍ମାନର ବିଷୟ ଥିଲା। ଜୀବନରେ ତାଙ୍କଠାରୁ ବହୁ ଶିଖିଛି। ନେତୃତ୍ୱ, ନୀତି ଓ ଏହାଛଡ଼ା ଓଡ଼ଶା ଲୋକଙ୍କ ପ୍ରତି ତାଙ୍କର ଭଲପାଇବା ମୋତେ ପ୍ରଭାବିତ କରିଥିଲା। ଓଡ଼ିଶା ପାଇଁ ତାଙ୍କର ଥିବା ଦୂରଦୃଷ୍ଟି ଲାଗୁ କରିବା ହିଁ ସେ ମୋ ଠାରୁ ଆଶା ରଖିଥିଲେ। ସେ ସଫଳତାର ବହୁ କୀର୍ତ୍ତିମାନ ଅତିକ୍ରମ କରିଛନ୍ତି। ସ୍ୱାସ୍ଥ୍ୟ, ଶିକ୍ଷା, ଦାରିଦ୍ର୍ୟ ଦୂରୀକରଣ, କ୍ରୀଡ଼ା, ପୁଞ୍ଜିନିବେଶ, ନାରୀ ସଶକ୍ତିକରଣ, ଭିତ୍ତିଭୂମିର ବିକାଶ ଓ ମନ୍ଦିର ଐତିହ୍ୟର ବିକାଶ ହୋଇଛି ବୋଲି ପାଣ୍ଡିଆନ୍ କହିଛନ୍ତି। ସେ ଆହୁରି କହିଛନ୍ତି, କଲେଜ ଓ ସ୍କୁଲ ପିଲାଙ୍କ ପାଇଁ କାମ କରିବ ମୋତେ ଆତ୍ମ ସନ୍ତୋଷ ଦେଇଛି। ସରକାରୀ ସ୍କୁଲ ପଢୁଥିବା ବେଳେ ମୋ ପାଖରେ ପିଲା ଦିନର ଅଭିଜ୍ଞତା ନବୀନ ପଟ୍ଟନାୟକଙ୍କ ସ୍କୁଲ ନବୀକରଣ ଦୂରଦୃଷ୍ଟିକୁ ୫-ଟି ମାଧ୍ୟମରେ ଲାଗୁ କରିବାରେ ମୋତେ ସହାୟକ ହୋଇଥିଲା। କୋଭିଡ୍ ସମୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ସଜାଡ଼ିବା ଲକ୍ଷ୍ୟରେ ଆମେ ପ୍ରାୟ ୩୦ ଜିଲ୍ଲା ଗସ୍ତ କରିଥିଲୁ। ସେହି ସମୟରେ ଆମେ ଦୁଇଟି ବାତ୍ୟା ଫନି ଓ ଫାଇଲିନର ସମ୍ମୁଖୀନ ହୋଇଥିଲୁ। ସେହି ସମୟରେ ପ୍ରତିଟି ଜୀବନ ବଞ୍ଚାଇବା ପାଇଁ ବହୁ କଠିନ ପରିଶ୍ରମ କରିଥିଲୁ ବୋଲି ସେ କହିଛନ୍ତି। ପାଣ୍ଡିଆନ୍ କହିଛନ୍ତି, ମୁଁ ଆଇଏଏସ୍ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ବିଜେଡିରେ ଯୋଗଦେଇଥିଲି। ମୁଁ ମୋ ମେଣ୍ଟୋର ନବୀନ ପଟ୍ଟନାୟକଙ୍କୁ ସାହାଯ୍ୟ କରିବାକୁ ଚାହୁଁଥିଲି। ତାଙ୍କ ସହଯୋଗ କରିବା ହିଁ ମୋର ଏକମାତ୍ର ଉଦ୍ଦେଶ୍ୟ ରହିଥିଲା। ରାଜନୀତିକୁ ମୁଁ କମ ସମୟ ହେଲା ଆସିଥିବାରୁ ସମ୍ଭବତଃ ମୁଁ ରାଜନୀତିକ ଅପପ୍ରଚାର ଓ ଧାରଣାକୁ ଠିକ ସମୟରେ ସଫଳତାର ସହ କାଉଣ୍ଟର କରିବାରେ ବିଫଳ ହୋଇଥିଲି। ମୁଁ ପୁଣି କହିବାକୁ ଚାହୁଁଛି ଯେ ମୁଁ କେବଳ ମୋ ମେଣ୍ଟୋର ନବୀନ ପଟ୍ଟନାୟକଙ୍କୁ ସହଯୋଗ କରିବାକୁ ରାଜନୀତିକୁ ଆସିଥିଲି। ଏହାଛଡ଼ା ଅନ୍ୟ କୌଣସି ଲକ୍ଷ୍ୟ ନେଇ ମୁଁ ବିଜେଡିକୁ ଆସିନଥିଲି। ଏଥିପାଇଁ କୌଣସି ଦଳୀୟ ପଦ ପଦବୀରେ କିମ୍ବା ପ୍ରାର୍ଥୀ ହୋଇ ନଥିଲି। ଦୀର୍ଘ ୧୨ ବର୍ଷ ହେବ ମୁଁ ଭୋର ୪ଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ କାମ କରୁଥିଲି। ଓଡ଼ିଶା ଓ ନବୀନ ପଟ୍ଟନାୟକଙ୍କୁ ଫୋକସରେ ରଖି ମୁଁ କାମ କରି ଚାଲିଥିଲି। ଆଜି ପର୍ଯ୍ୟନ୍ତ ମୋର ସମ୍ପତ୍ତି ହେଉଛି ମୋ ବ୍ୟାଙ୍କ ବାଲାନ୍ସ। ଏହାଛଡ଼ା ମୋ ପାଖରେ କିମ୍ବା ମୋ ପାରିବାର ପାଖରେ ବିଶ୍ୱର କୌଣସି ସ୍ଥାନରେ ସମ୍ପତ୍ତି ନାହିଁ। ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେବା ବେଳେ ମୋ ସମ୍ପତ୍ତି ବିବୃତି ଯାହା ଥିଲା, ଏବେ ୨୪ ବର୍ଷ ପରେ ମଧ ସେୟା ଅଛି। ମୋ ଜୀବନରେ ସବୁଠାରୁ ବଡ଼ ସମ୍ପତ୍ତି ହେଉଛି ଓଡ଼ିଶାର ଲୋକବାସୀଙ୍କ ଭଲ ପାଇବା ଓ ସ୍ନେହ। ନବୀନ ବାବୁଙ୍କୁ ସହଯୋଗ କରିବା ହିଁ ମୋର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏଥିପାଇଁ ମୁଁ ରାଜନୀତିରେ ସାମିଲ ହୋଇଥିଲି। କିନ୍ତୁ ଆଜି ମୁଁ ଏବେ ରାଜନୀତିରୁ ଅବସର ନେବାକୁ ନିଷ୍ପତ୍ତି ନେଇଛି। ରାଜନୀତି ଯାତ୍ରାରେ ଯଦି ମୁଁ କାହାକୁ କଷ୍ଟ ଦେଇଛି, ତା'ହେଲେ ମୁଁ ଦୁଃଖିତ। ମୋ ବିରୋଧରେ ହେଉଥିବା ପ୍ରଚାର ଯୋଗୁ ଯଦି ବିଜୁ ଜନତା ଦଳ କ୍ଷତି ସହିଛି, ସେଥିପାଇଁ ମଧ ଆଇ ଆମ ସରି। ମୁଁ ହାତ ଯୋଡ଼ି ପୂରା ବିଜୁ ପରିବାରକୁ କ୍ଷମା ମାଗୁଛି। ମୋ ସହ ଜଡ଼ିତ ହୋଇ କାମ କରିଥିବା ଲକ୍ଷାଧିକ ବିଜୁ ପରିବାର କର୍ମୀମାନଙ୍କୁ କୃତଜ୍ଞତା ଜଣାଉଛି। ସବୁବେଳେ ଓଡ଼ିଶା ମୋ ହୃଦୟରେ ରହିବ। ଜୟ ଜଗନ୍ନାଥ।"

## ୧୦ ନୁହେଁ, ୧୨ରେ ଶପଥ...

ପ୍ରମୁଖ ରହିଛନ୍ତି। କିନ୍ତୁ ଆଜି ଆସିଥିବା ସୂଚନା ଅନୁଯାୟୀ, ସମ୍ବଲପୁରରୁ ସାଂସଦ ଭାବେ ନିର୍ବାଚିତ ହୋଇଥିବା ଧର୍ମେନ୍ଦ୍ର ପ୍ରଧାନ ପୁଣି ଥରେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବେ। ଆଜି ମନ୍ତ୍ରୀ ଭାବେ ଶପଥ ନେବା ପାଇଁ ଯେଉଁମାନଙ୍କ ପାଖକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଫୋନ୍ ଯାଇଛି, ସେମାନଙ୍କ ମଧ୍ୟରେ ଧର୍ମେନ୍ଦ୍ର ପ୍ରଧାନ ମଧ ଅଛନ୍ତି ବୋଲି କୁହାଯାଉଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନେଇ ବିଜେପି କେନ୍ଦ୍ରୀୟ ନେତୃତ୍ୱ କିଛି ସରପ୍ରାଇଜ୍ ବି ଦେଇପାରନ୍ତି ବୋଲି କୁହାଯାଉଛି। ସୁରେଶ ପୂଜାରୀ, କନକ ବର୍ଦ୍ଧନ ସିଂହଦେଓ, ଜୟ ନାରାୟଣ ମିଶ୍ର, ମୋହନ ମାଝୀ, ରବି ନାଏକ ଓ ସୁରମା ପାଢ଼ୀଙ୍କ ସହିତ ପୃଥ୍ୱୀରାଜ ହରିଚନ୍ଦନ, ସୂର୍ଯ୍ୟବଂଶୀ ସୂରଜ, ଲକ୍ଷ୍ମଣ ବାଗ, ସମ୍ପଦ ସ୍ୱାଇଁ, ସନାତନ ବିଜୁଳି, ଅମର ନାୟକ, ବିଭୂତି ଜେନା, ସିଦ୍ଧାନ୍ତ ମହାପାତ୍ର, ଡାକ୍ତର ମୁକେଶ ମହାଲିଙ୍ଗ, ଅଶ୍ୱିନୀ ଷଡ଼ଙ୍ଗୀ, ଆଶ୍ରିତ ପଟ୍ଟନାୟକ, ବାବୁ ସିଂହ, କୃଷ୍ଣ ଚନ୍ଦ୍ର ମହାପାତ୍ର, ଭବାନୀ ଶଙ୍କର ଭୋଇ, ନିତ୍ୟାନନ୍ଦ ଗଣ୍ଡ, ଡାକ୍ତର ଫକୀର ମୋହନ ନାୟକ ଓ ପ୍ରଭାତୀ ପରିଡ଼ା ପ୍ରମୁଖ ମନ୍ତ୍ରୀ ରେସ୍‌ରେ ଅଛନ୍ତି ବୋଲି କୁହାଯାଉଛି।

## ଉନ୍ମୋଚିତ ହେଲା 'ପଦାରବିନ୍ଦେ...

ଦଣ୍ଡପାଟଙ୍କ ପରିବାରର ମହନୀୟତା, ଆଦର୍ଶ ଓ ପରୋପକାର ମନୋଭାବର ସ୍ମୃତିଚାରଣ କରିଥିଲେ । ପଦାରବିନ୍ଦ ଥିଲେ ସବୁରି ପ୍ରିୟ, ଜଣେ ସଫଳ ଆଇନଜୀବୀ ଏବଂ ପରୋପକାରୀ ବ୍ୟକ୍ତି । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ଇଂ ବନମାଳୀ ନାୟକ, ନିରଂଜନ ପରିଡ଼ା, ପର୍ଶୁରାମ ପ୍ରଧାନ, ପ୍ରଭାକର ମିଶ୍ର, ବଂଶୀଧର ଜେନା, ସୁଧାଂଶୁ ଶେଖର ଦାସ, ମମତା ମହାପାତ୍ରଙ୍କ ସମେତ ପ୍ରଦୀପ କିଶୋର ଦଣ୍ଡପାଟ, ସୂର୍ଯ୍ୟକାନ୍ତ ଦଣ୍ଡପାଟ, ସସ୍ମିତା ଦଣ୍ଡପାଟ, ଶିବନ୍ତିକା, ଦେବଦତ୍ତ, ଡା. ସ୍ୱାତୀଦଣ୍ଡପାଟ, ଇଂ ସୌମ୍ୟା ଦଣ୍ଡପାଟ, ଦୀପ୍ତି ରାଣୀ ଦଣ୍ଡପାଟଙ୍କ ସମେତ ଅନେକ ଆତ୍ମୀୟସ୍ୱଜନ ଯୋଗଦେଇ ସ୍ମୃତିଚାରଣ କରିଥିଲେ । ପ୍ରାରମ୍ଭରେ ସାନଭାଇ ଦେବବ୍ରତ ଦଣ୍ଡପାଟ ମଞ୍ଚଆହ୍ୱାନ କରିଥିଲେ, ଝିଆରୀ ଡାକ୍ତର ସାଇସ୍ମିତା ଦଣ୍ଡପାଟ ଏକ ଶୋକ ସଂଗୀତ ଗାନ କରିଥିଲେ । ପୁତ୍ର ଇଂ ସୂର୍ଯ୍ୟକାନ୍ତ ଦଣ୍ଡପାଟ ସମସ୍ତଙ୍କୁ କୃତଜ୍ଞତା ଅର୍ପଣ କରିଥିଲେ ।

## ମୋଦୀଙ୍କ ରୋଡ୍ ସୋ' ...

ଗାଡ଼ିରେ ଚଢ଼ିବା ପୂର୍ବରୁ ହଜାର ହଜାର ମହିଳାଙ୍କ ହୁଳହୁଳି ଶବ୍ଦରେ ପ୍ରକମ୍ପିତ ହୋଇଥିଲା ଜନପଥ। ମୋ...ଦୀ ମୋଦୀ, ମୋଦୀଜୀ ସ୍ୱାଗତମ୍, ଜୟ ଶ୍ରୀରାମ, ଭାରତ ମାତା କି ଜୟ, ଅବ୍‌କି ବାର ୪୦୦ ପାର। ଏଭଳି ଧ୍ୱନିରେ କମ୍ପୁଥିଲା ଜନପଥ। ଘଣ୍ଟ, ଘଣ୍ଟା, ହୁଳହୁଳି, ପାଇକ ଆଖଡ଼ା, ଓଡ଼ିଶୀ, ଗୋଟିପୁଅ ଓ ସମ୍ବଲପୁରୀ ନୃତ୍ୟ ସୃଷ୍ଟି କରିଥିଲା ଏକ ପାରମ୍ପରିକ ପରିବେଶ। ବାରିକେଡ୍ ପଛରେ ଲକ୍ଷ ଲକ୍ଷ ଲୋକ ଚାହି ବସିଥିଲେ। ସେଦିନ ଏକ ସୁସଜ୍ଜିତ ଗାଡ଼ିରେ ମୋଦୀ ଚଢ଼ିଥିଲେ। ତାଙ୍କ ହାତରେ ଥିଲା ପଦ୍ମଫୁଲର ଏକ ଆଲୋକିତ ପ୍ରତିକୃତି ଥିଲା। ସମବେତ ଜନତାଙ୍କୁ ହାତ ହଲାଇ ଅଭିନନ୍ଦନ ଜଣାଇଥିଲେ। ସେହି ଗାଡ଼ିରେ ମୋଦୀଙ୍କ ସହ ଥିଲେ ବିଜେପିର ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ବାଣୀବିହାର ଛକ ପର୍ଯ୍ୟନ୍ତ ପ୍ରାୟ ଅଢ଼େଇ କିଲୋମିଟର ରୋଡ୍ ସୋ' ହୋଇଥଲା। ଜନପଥ କଡ଼ରେ ଲକ୍ଷାଧିକ ଲୋକ ଏକାଠି ହୋଇଥିଲେ। ୧୨ଟି ସ୍ଥାନରେ କରାଯାଇଥିବା ମଞ୍ଚରେ ପାରମ୍ପରିକ ନୃତ୍ୟର ଆୟୋଜନ କରାଯାଇଥିଲା। ପ୍ରତ୍ୟେକ ଜାଗାରେ କୋଣାର୍କ, ଖଣ୍ଡଗିରି, ଉଦୟଗିରି ପ୍ରଭୃତି ଓଡ଼ିଶାର ଐତିହ୍ୟର ଝଲକ୍ ଦେଖିବାକୁ ମିଳିଥିଲା। ଜନପଥ ସାରା ମୋଦୀଙ୍କର ବିଶାଳ କଟ୍ ଆଉଟ୍ ଲଗାଯାଇଥିଲା। କେନ୍ଦ୍ର ସରକାରଙ୍କ ସଫଳତା ବଖାଣୁଥିବା ବ୍ୟାନର ବିଭିନ୍ନ ମଞ୍ଚରେ ପ୍ରଦର୍ଶନ କରାଯାଇଥିଲା। ପ୍ରାୟ ୯ଟା ୪୫ରେ ରୋଡ୍ ସୋ' ଶେଷ ହୋଇଥିଲା।

## କଟକ ଏସ୍‌ସିବିରୁ ...

ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ତାଙ୍କ ବ୍ଲଡ୍ ପ୍ରେସର ଓ ସୁଗାର ସ୍ତର ବଢ଼ି ଯାଇଥିଲା। ଗତ ମେ' ୩୧ ତାରିଖରେ ପ୍ରଶାନ୍ତ ଜଗଦେବଙ୍କ ଜାମିନ୍ ଆବେଦନ ଖାରଜ ହୋଇଯାଇଥିଲା। ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲା ଦୌରାଜଜ-୨ ତାଙ୍କ ଜାମିନ ଆବେଦନକୁ ଖାରଜ କରି ଦେଇଥିଲେ। ତେବେ ଜାମିନ ପାଇଁ ସେ ପୁଣି ଆବେଦନ କରିଥିଲେ। ଜୁନ୍ ୭ ତାରିଖରେ କୋର୍ଟ ତାଙ୍କୁ ୩ ଦିନ ପାଇଁ ଜାମିନ ପ୍ରଦାନ କରିଥିଲେ। ତାଙ୍କୁ ଜୁନ୍ ୯, ୧୦ ଓ ୧୧ ତାରିଖ ପାଇଁ ଜାମିନ ମିଳିଛି।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳନ

ରୂପସା , ୯/୬ (ନି.ପ୍ର): ରବିବାର ଅପରାହ୍ନ ୪ ଘଟିକା ସମୟରେ, ହାତିଆଡିହା ଶିବମୁନି ଯୋଗାଶ୍ରମରେ,ଯୋଗୀ ପରମାନନ୍ଦ ମୁନି ଜୀ ଙ୍କ ସୁ ପୁତ୍ରୀ ଆୟୁଷ୍ମତୀ ମୁନିମତୀ ସ୍ୱଉଦାମିନୀ ବାରିକ- ଡାକ୍ତର ମୁନି ସୁଚିତ୍ର ନାୟକଙ୍କ ସୁ ପୁତ୍ର ଆୟୁଷ୍ମାନ୍ ମୁନିକୁମାର ଶ୍ରୀୟୁଷ ନାୟକ ଙ୍କ ୧୨ ତମ ଶୁଭ ଜନ୍ମଦିନ,ଅଜା, ଆଶ୍ରମର ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀ ଙ୍କ ଅଧକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି ।ଅତିଥି ହିସାବରେ ଯୋଗଦାନ କରିଥିଲେ, ଆଶ୍ରମର ଯୋଗ ଶିକ୍ଷୟତ୍ରୀ ଆତ୍ମଜ୍ଞାନୀ କଳ୍ପନା ମିସ୍ତ୍ରୀ ମହୋଦୟା ।ପ୍ରଥମେ ସମୂହ ପ୍ରଣବ ଶୁଭ ଭାବନା ବେଦ ପାଠ ଶାନ୍ତି ପାଠ କରାଯାଇ ଆୟୁଷ୍ମାନ୍ ମୁନିକୁମାର ଶ୍ରୀୟୁଷ ନାୟକ ଙ୍କୁ ,ତାଙ୍କର ନୀରୋଗ ନିରାମୟ ଆନନ୍ଦମୟ ଜୀବନ ସହିତ ଉଜ୍ଜ୍ୱଳ ଭବିଷ୍ୟତ ର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା ।ଉପସ୍ଥିତ ଥିଲେ, ଆଶ୍ରମର ମୁନିରାଜ୍ଞୀ ସୁମତୀ ଦଳାଇ, ମୁନିରାଜ୍ଞୀ ବିମଳା ଲେଙ୍କା, ମୁନିମତୀ ବାସନ୍ତୀ ମହାଳିକ,ମୁନିମତୀ ଶକୁନ୍ତଳା ପରିଡ଼ା, ମୁନିମତୀ ଯମୁନା ପାତ୍ର, ମୁନିମତୀ ଯମୁନା ବର, ମୁନିମତୀ ଜାହ୍ନବୀ ଗିରି, ମୁନିମତୀ ପ୍ରଭାସିନୀ ବର, ମୁନିକୁମାରୀ ନୀହାରିକା ବର, ମୁନିକୁମାରୀ ନିବେଦିତା ବର,ମୁନିକୁମାରୀ ଜ୍ୟୋତି ଶ୍ରୀ ପାତ୍ର,ମୁନି ନାରାୟଣ ମହାପାତ୍ର,ମୁନି ଶଶଧର ସେନାପତି, ମୁନି ମାର୍କଣ୍ଡ ବର,ମୁନି ଗଣେଶ୍ୱର ବର ପ୍ରମୁଖ ।ଜଣେ ମୁନି ସମାଜର ସଦସ୍ୟତା ଗ୍ରହଣ କରି,ମୁନି ସମାଜର ଯମ ନିୟମ ପାଳନ ପୂର୍ବକ,ପ୍ରତିଦିନ ଯୋଗ ସାଧନ ଜାରି ରଖି ଚାଲିଲେ,ସେ ନିଶ୍ଚୟ ଆତ୍ମ ଦର୍ଶନ ସହିତ ଶାରୀରିକ,ମାନସିକ,ଆର୍ଥିକ,ପାରିବାରିକ ତଥା ସାମାଜିକ ସୁଖ-ଶାନ୍ତୀ-ଆନନ୍ଦ ପାଇବ ହିଁ ପାଇବ ବୋଲି ବକ୍ତା ମାନେ ପ୍ରକାଶ କରିଥିଲେ ।ଶେଷରେ ଅଜା ଯୋଗୀ ପରମାନନ୍ଦ ମୁନି,ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି, ଏକାମ୍ର ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

# ଚାନ୍ଦିପୁର ସମୁଦ୍ରତଟରୁ ୧.୨୦ ଟନ୍ ବର୍ଜ୍ୟବସ୍ତୁ ସଂଗ୍ରହ: ଫକୀରମୋହନ ବିଶ୍ୱବିଦ୍ୟାଳୟ ଦ୍ୱାରା ସଫେଇ




ନୀଳଗିରି, ୯/୬ (ନି.ପ୍ର): ଭାରତର ୨୩ଟି ସମୁଦ୍ର ଉପକୂଳରେ, ବିଶ୍ୱ ମହାସାଗର ଦିବସ ଅବସରରେ ସମୁଦ୍ରକୂଳ ପରିଷ୍କାର ଅଭିଯାନ କାର୍ଯ୍ୟକ୍ରମ କରାଯାଇଥାଏ। ଫକୀର ମୋହନ ବିଶ୍ୱବିଦ୍ୟାଳୟର ଭୂବିଜ୍ଞାନ ବିଭାଗ, ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବା ଏନ.ଏସ.ଏସ ୟୁନିଟ୍ ଓ ସେଣ୍ଟର ଫର ମେରାଇନ୍ ବାୟୋରସୋର୍ସ ଏବଂ ବାୟୋମ୍ୟାନେଜମେଣ୍ଟ ଦ୍ୱାରା ଚାନ୍ଦିପୁର ସ୍ଥିତ ସମୁଦ୍ରକୂଳରେ ଏହି ଅଭିଯାନଟି ଅନୁଷ୍ଠିତ ହୋଇଯାଇଛି । ଓସନ୍ ସୋସାଇଟି ଅଫ୍ ଇଣ୍ଡିଆ, ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଏକ ପ୍ୟାନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି କାର୍ଯ୍ୟକ୍ରମଟି ସଂଯୋଜିତ ହୋଇଛି। ଏହି ଅଭିଯାନର ଜାତୀୟ ସଂଯୋଜକ ଭାବେ ପ୍ରଫେସର କେ ଭି ଜୟଚନ୍ଦ୍ରନ୍ ଓ ଚାନ୍ଦିପୁର ଅଞ୍ଚଳର ସ୍ଥାନୀୟ ସଂଯୋଜକ ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ଼କ୍ଟର ସ୍ମୃତିରେଖା ସାହୁ ଦାୟିତ୍ୱ ନିର୍ବାହ କରୁଛନ୍ତି। ବିଶ୍ୱବିଦ୍ୟାଳୟର କୁଳପତି। ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଆଜି ପ୍ରାତଃ ସମୟରେ ବିଶ୍ୱବିଦ୍ୟାଳୟର ନୂଆପାଢୀ କ୍ୟାମ୍ପସରୁ ଏହି ଅଭିଯାନ ଆରମ୍ଭ ହୋଇ, ବିଶ୍ୱ ମହାସାଗର ଦିବସ ଅବସରରେ ଚାନ୍ଦିପୁର ବେଳାଭୂମିକୁ ପ୍ଲାଷ୍ଟିକ ମୁକ୍ତ କରିବାର ପ୍ରୟାସ ନେଇ ଓ ସଫେଇ ଅଭିଯାନ କାର୍ଯ୍ୟକ୍ରମକୁ ସଫଳ କରିବାର ଲକ୍ଷ୍ୟ ନେଇ, ମୋଟ ୬୦ ଜଣ ଛାତ୍ରଛାତ୍ରୀ ସ୍ୱେଚ୍ଛାସେବୀ, ୨୦ରୁ ଊର୍ଦ୍ଧ୍ୱ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅନେକ ଅଣଶିକ୍ଷକ କର୍ମଚାରୀ ଏକତ୍ରିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସ୍ନାତକ ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା, ବିତ୍ତ ନିୟନ୍ତ୍ରକ କରନ ସୋରେନ୍, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ ଡ଼କ୍ଟର ଅମୂଲ୍ୟ କୁମାର ଆଚାର୍ଯ୍ୟ, ଭୂବିଜ୍ଞାନ ବିଭାଗ ମୂଖ୍ୟ ଡ଼କ୍ଟର ରୋଜାଲିନ୍ ଦାସ, ଡ଼କ୍ଟର ଅସୀମ ଅମିତାଭ ପ୍ରଧାନ, ଅରୁଣ କୁମାର ନାୟକ, ସବିତା ସୋରେନ୍, ଡ଼କ୍ଟର ପ୍ରତିମା ପ୍ରଧାନ, ଡ଼କ୍ଟର ଦେବଦତ୍ତ ଦାସ, ଡ଼କ୍ଟର ମିନତି ମିଶ୍ର ଆଦି ଅଧାପକ ଓ ଅଧାପିକାମାନେ ଯୋଗଦେଇ ବେଳାଭୂମିକୁ ଓ ସାମୁଦ୍ରିକ ଜୀବଙ୍କୁ ପ୍ଲାଷ୍ଟିକ ପ୍ରଦୂଷଣ ଠାରୁ ରକ୍ଷାକରିବା ପାଇଁ, ସଚେତନତାର ବାର୍ତ୍ତା ଦେବା ସହ ଏହି ଅଭିଯାନରେ ସମସ୍ତଙ୍କୁ ସାମିଲ କରିବାକୁ ଉତ୍ସାହିତ କରିଥିଲେ। ଏଥିସହିତ ଏହିପରି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସଂସଦର ପ୍ରେସିଡେଣ୍ଟ ଡକ୍ଟର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ଉପସ୍ଥିତି ଓ ଯୋଗଦାନକୁ କୁଳପତିଙ୍କ ସହ ଅନ୍ୟାନ୍ୟ ସଦସ୍ୟମାନେ ପ୍ରଶଂସା କରିଛନ୍ତି। ସମସ୍ତଙ୍କ ପ୍ରୟାସରେ ସମୁଦ୍ର କୂଳରୁ ସମୁଦାୟ ୧.୨୦ ଟନ୍ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇ ଡମ୍ପିଂ କରାଯାଇଛି । ସମୁଦ୍ରକୁ ସଫା ରଖିବା ଏକ ସାମୂହିକ କାର୍ଯ୍ୟ ତଥା ବେଳାଭୂମିକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ବିଭିନ୍ନ ପ୍ରକାରର ସ୍ଲୋଗାନ ଦିଆଯିବା ସହ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏଥିନେଇ ଦାୟିତ୍ୱବୋଧ ସୃଷ୍ଟିର ପ୍ରଯତ୍ନ କରାଯାଇଛି। ଏହି ପ୍ରକାରର କାର୍ଯ୍ୟକ୍ରମ ଦ୍ୱାରା ଜନସଚେତନତା ବୃଦ୍ଧି ପାଇବ ଓ ପ୍ଲାଷ୍ଟିକ ପ୍ରଦୂଷଣରୁ ସମୁଦ୍ର ତଥା ସାମୂହିକ ଜୀବଜଗତ ସୁରକ୍ଷିତ ହୋଇପାରିବେ ନେଇ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଆଶାବ୍ୟକ୍ତ କରିଛନ୍ତି।

# ବିକାଶ ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ



ବସ୍ତା , ୯/୬ (ନି.ପ୍ର): ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ ଚଳିତ ମେଟ୍ରିକ ପରିକ୍ଷାରେ ଉତ୍ତିର୍ଣ୍ଣ ହୋଇଥିବା ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଆଚାର୍ଯ୍ୟ ବିଜୟ ଜୀଙ୍କ ସଭାପତିତ୍ୱରେ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭା ଆୟୋଜନ ହୋଇଥିଲା । ମୁଖ୍ୟ ଅତିଥି ଭାବେ ପୂର୍ବତନ ଅର୍ଥ ପରାମର୍ଶ ଦାତା ତଥା ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀଯୁକ୍ତ ଛୋଟରାୟ ମୁର୍ମୁ, ମୁଖ୍ୟ ବକ୍ତା ଭାବେ ଜୟଶୋଳ ସରକାରୀ ଉଚ୍ଚବିଦ୍ୟାଳୟ, ଜଗତସିଂହପୁର ର ଶିକ୍ଷୟିତ୍ରୀ ସରୋଜିନୀ ରଥ, ବରେଣ୍ୟ ଅତିଥି ସମାଜସେବୀ ତଥା ଭଗବାନପୁର ଗ୍ରାମ ପ୍ରତିଷ୍ଠାତା ଭଗବାନ ମହାପାତ୍ର, ସମ୍ମାନିତ ବକ୍ତା ସହୀଦ ମୋମୋରୀଆଲ ଉଚ୍ଚତମ ବିଦ୍ୟାଳୟ ର ଓଡିଆ ବିଭାଗର ପ୍ରାଧ୍ୟାପକ ଡ. ଦିଲ୍ଲୀପ କୁମାର ଭୋଇ ଓ ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀ ବାସନ୍ତୀ ମୂକ ବଧିର ଆବାସିକ ବିଦ୍ୟାଳୟ ର ପ୍ରତିଷ୍ଠାତା ସଂପାଦକ ଶ୍ରୀଯୁକ୍ତ ଅମର କୁମାର ପାଳ , ସମାଜସେବୀ ଅକ୍ଷୟ କୁମାର ମିଶ୍ର, ବରିଷ୍ଠ ପ୍ରଶାସନିକ ଅଧିକାରୀ ଶ୍ରୀଯୁକ୍ତ ଭୀମଚରଣ ମାଝୀ ଙ୍କ ସହ ପଞ୍ଚୁପାଲି ଉଚ୍ଚ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଜୟନ୍ତ କୁମାର ପଣ୍ଡା ପ୍ରମୁଖ ଅତିଥିଗଣ ଯୋଗଦାନ କରିଥିଲେ ।ବିକାଶ ପରିଷଦ ର ସମ୍ପାଦକ କୁଳ ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପଦେଷ୍ଟା ଚକ୍ରଧର ଆଚାର୍ଯ୍ୟ ବେଦପାଠ କରିଥିଲେ।ପରେ କୁନି ନୃତ୍ୟଶିଳ୍ପୀ ଅର୍ଚ୍ଚିତା ଓ ସ୍ୱସ୍ତିକା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ସୁଶ୍ରୀ ନିବେଦିତା ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ଚଳିତ ମାଟ୍ରିକ ଓ +୨ପରୀକ୍ଷାରେ କୃତୀତ୍ୱର ସହିତ ପାସ କରିଥିବା ଅନ୍ୟୁନ ୬୦ଜଣ କୃତୀ ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତତ୍ ସହିତ ବିଭିନ୍ନ ସ୍ୱେଚ୍ଛା ସେବୀ ସଂଗଠନ ସମେତ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ପ୍ରତିଭା ଧାରୀଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ୬୦ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ବିକାଶ ପରିଷଦ ସଭାପତି ଅନ୍ତର୍ଯାମୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କୁଳଡିହାରେ ଛଡାଗଲା ଶିକାରୀ କଲରାପତରିଆ ବାଘୁଣୀ

ନୀଳଗିରି, ୯/୬ (ନି.ପ୍ର): ଶନିବାର ମଧାହ୍ନରେ ବାଲେଶ୍ୱର ଜିଲ୍ଲା ଖଇରା ଅଞ୍ଚଳକୁ ପଶି ଆତଙ୍କ ଖେଳାଇଥିବା କଲରାପତରିଆ ବାଘୁଣୀ ରାତି ପ୍ରାୟ ୧୧ଟା ବେଳେ ଧରାପଡ଼ିବା ପରେ ଆଜି ତାକୁ ସୁରକ୍ଷିତ ଭାବରେ କୁଳଡିହା ଅଭୟାରଣ୍ୟରେ ଛଡାଯାଇଛି । ପ୍ରାୟ ୧୧ ଘଣ୍ଟାର କସରତ ପରେ ବନ କର୍ମଚାରୀମାନେ ଟ୍ରାଙ୍କୁଲାଇଜ୍ କରି ବାଘୁଣୀକୁ କାବୁ କରିଥିଲେ । ତେବେ ବାଘୁଣୀ ଆକ୍ରମଣରେ ଜଣେ ମହିଳା , ୪ ଜଣ ପୁରୁଷଙ୍କ ସମେତ ଜଣେ ବନକର୍ମଚାରୀ ଗୁରୁତର ଆହତ ହୋଇଛନ୍ତି । ସେମାନେ ହେଲେ ଖଇରା ବଜାର ନିକଟସ୍ଥ ନୟାଖଣ୍ଡି ପଞ୍ଚାୟତ ଗଡ଼ ଗ୍ରାମର ସତ୍ୟଭାମା ନାୟକ ( ୫୦ ) ଓ ତାଙ୍କ ପୁଅ ରାଧାକାନ୍ତ ( ୨୦ ) ଉକ୍ତ ଗ୍ରାମର ଟଙ୍କଧର କେସି ( ୫୫ ) କଡ଼ମିୟା ଗ୍ରାମର ନିରଞ୍ଜନ ମୁଖୀ ( ୨୦ ) , ଅର୍ଜୁନପୁର ଗ୍ରାମର ପ୍ରଫୁଲ୍ଲ ଦାସ ଓ ଔପଦା ଫରେଷ୍ଟର କିଶୋର ଚନ୍ଦ୍ର ଭୂୟାଁ। ଦିନ ପ୍ରାୟ ୧୨ଟା ବେଳେ ଗଡ଼ ଗ୍ରାମର ଗଣନାଥ ନାୟକ , ପତ୍ନୀ ସତ୍ୟଭାମା ନାୟକ ଓ ପୁଅ ରାଧାକାନ୍ତ ନିଜ ବାଡ଼ିରେ କାମ କରୁଥିଲେ । ଏହି ସମୟରେ ଅଚାନକ ବାଘୁଣୀଟି ସତ୍ୟଭାମାଙ୍କୁ ମାଡ଼ି ବସିଥିଲା । ସେ ଚିତ୍କାର କରିବାରୁ ପୁଅ ରାଧାକାନ୍ତ ଓ ସ୍ୱାମୀ ଗଣନାଥ ତାଙ୍କୁ ଉଦ୍ଧାର କରିଥିଲେ । ଏପଟେ ବାଘୁଣୀ ଗର୍ଜନ କରି ଗାଁ ଭିତରକୁ ପଶି ଯାଇଥିଲା ।ପରେ ଗାଁ ସାରା ବୁଲି ଆତଙ୍କ ଖେଳାଇଥିଲା ।ଏକ ଗୁହାଳରେ ପଶି ବସିରହିଥିଲା ବନବିଭାଗ ତାକୁ ରାତି ପ୍ରାୟ ୧୧ ଟା ସମୟରେ ଟ୍ରାଙ୍କୁଲାଇଜ କରି କାବୁ କରିଥିଲା ।ପରେ ବାଘୁଣୀଟିଙ୍କୁ ନୀଳଗିରି କୁଳଡିହା ରେଞ୍ଜକୁ ଅଣାଯାଇଥିଲା ।ପ୍ରାୟ ୫ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଅଚେତ ରହିବା ପରେ ଆଜି ସକାଳୁ ତାର ସମସ୍ତ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରାଯାଇ କୁଳଡିହା ଏଫଆରଏଚ ନିକଟସ୍ଥ କୋର ଏରିଆରେ ଛଡାଯାଇଛି ।ବାଘଟିର ଉଚ୍ଚତା ୩ ଫୁଟ ହୋଇଥିବା ବେଳେ ଲମ୍ବ ୪ ଫୁଟ ବୋଲି ଅନୁମାନ କରାଯାଉଛି ।ବାଘଟି ସୁସ୍ଥ ଥିବା ସୂଚନା ଦେଇଛନ୍ତି ବାଲେଶ୍ୱର ଡିଏଫଓ ଖୁସଓ୍ୱନ୍ତ ସିଂ । ତେବେ ବାଘୁଣୀକୁ ଧରିବା ପାଇଁ ବାଲେଶ୍ୱର ଏସ ସି ଏଫ୍ ଓ ଶୋଭନ ଦିଗନ୍ତ ଚାନ୍ଦ, କୁଳଡିହା ରେଞ୍ଜର ପ୍ରବୀର ମୁର୍ମୁ ନୀଳଗିରି ରେଞ୍ଜର ଆଇସା ଏ ନିଶା, ଔପଦା ରେଞ୍ଜର ମନୋରଞ୍ଜନ ନାୟକ, କୁପାରିଫରେଷ୍ଟର ନରେଶ ସିଂ, ଖଇରା ଥାନା ଆଇ ଆଇ ସି ଗୟାଧର ବେହେରା, ଏ ଏସ ଆଇ ଗୁରୁ ଚରଣ ବେହେରା ପ୍ରମୁଖ ସହାୟତା କରିଥିଲେ। ସାରିଶୁଆ ପାହାଡ଼ରେ ବେଆଇନ ପଥର ବ୍ଲାଷ୍ଟିଂ କାରଣରୁ ବନ୍ୟଜନ୍ତୁ ଗାଁ ମୁହାଁ ହେଉଛନ୍ତି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ବାଘ ଆକ୍ରମଣରେ ଶିକାର ହୋଇଥିବା ପରିବାର ବର୍ଗଙ୍କୁ କ୍ଷତି ପୂରଣ ଦେବାପାଇଁ ଦାବୀ ହୋଇଛି।

# ଛୁରି ଦେଖାଇ ଲୁଟ୍ ମାମଲା: ୨ ଗିରଫ

ଜୟପୁର, ୯/୬ (ନି.ପ୍ର): ଛୁରି ଦେଖାଇ ଲୁଟ ମାମଲାରେ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଦୁଇ ଅଭିଯୁକ୍ତ ହେଲେ ନୁଆସାହି ତୃତିୟ ଲାଇନର ଶ୍ରୀକାନ୍ତ ବାଘ (୨୦), ପେପର ମିଲ ଛକ ବମ୍ବେ କୋଲନି ସନ୍ତୋଷ ଦଳେଇ (୨୦) । ପୋଲିସର ସୂଚନା ଅନୁଯାଇ, ଗତ ୭।୬।୨୩ ଗଞ୍ଜାମର ସତ୍ୟ ନାରାୟଣ ମହାରଣା ଅଭିଯୋଗ କରିଥିଲେ ଯେ, ଗତ ୩।୬।୨୪ ରାତ୍ର ୧୦ଟା ୩୦ରେ ଡ୍ରାଇଭର ସଞ୍ଜୟ କୁମାର ମହାନ୍ତି ଓ କାହ୍ନୁ ଚରଣ ମହାରଣା ସାଗରଗୁଡା ଠାରୁ ଗୋବ୍ରା ଗ୍ରାମକୁ ପିକଅପରେ ପୁଜା ସାମଗ୍ରୀ ଧରି ଆସୁଥିଲେ । ସେହି ସମୟରେ ପେପର ମିଲ ଛକ ନିକଟରେ ୪ ଜଣ ଦୁବୃତ ଗାଡିକୁ ଅଟକାଇ ଛୁରି ଦେଖାଇ ମୋବାଇଲ, ୭ ହଜାର ଟଙ୍କା ଲୁଟ କରିଥିଲେ । ଏକ ପଲସର୍ ବାଇକ୍ ରେ ଆସି ଲୁଟ୍ କରିଥିଲେ । ଏନେଇ ଅଭିଯୋଗ ହେବାରୁ ପୋଲିସ ମାମଲା୧୯୧/୨୪ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ମୋବାଇଲ ଓ ପଲସର କୁ ଜବତ କରିଛି । ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ବିଷୟ ସଦର ଥାନା ଅଧିକାରି ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

# ନାକ୍ ଏ ଗ୍ରେଡ଼ ସତ୍ତ୍ୱେ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟରେ ଖୋଲା ହୋଇପାରିଲା ନାହିଁ ଡିଷ୍ଟାନ୍ସ କୋର୍ସ

ବାରିପଦା , ୯/୬ (ନି.ପ୍ର): ଦୂର ନିରନ୍ତର ଶିକ୍ଷା ବ୍ୟବସ୍ଥା ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ରେ ୨୦୦୩ ମସିହାରୁ ୨୦୧୯ ମସିହା ପର୍ଯ୍ୟନ୍ତ କାର୍ଯ୍ୟକାରି ହେଉଥିଲା। ବିଶ୍ୱବିଦ୍ୟାଳୟ ରେ ଦୂର ନିରନ୍ତର ଶିକ୍ଷା ବ୍ୟବସ୍ଥା ଥିବାରୁ ଚାକିରି କରିଥିବା କର୍ମଚାରୀ ଏବଂ ରେଗୁଲାର କୋର୍ସ କରିପାରୁନଥିବା ଛାତ୍ର ଛାତ୍ରୀ ମାନେ ବହୁଳ ଭାବେ ଉପକୃତ ହେଉଥିଲେ। ଏପରିକି ବିଶ୍ୱବିଦ୍ୟାଳୟ ଆର୍ଥିକ ଦୃଷ୍ଟିରୁ ମଧ ସମୃଦ୍ଧ ହେଉଥିଲା। ଏବଂ ବିଶ୍ୱବିଦ୍ୟାଳୟର ବହୁ ଉନ୍ନତି ମୂଳକ କାର୍ଯ୍ୟ ଦୂର ନିରନ୍ତର ଶିକ୍ଷା ବ୍ୟବସ୍ଥା ରୁ ପ୍ରାପ୍ତ ହୋଇଥିବା ଅର୍ଥ ରେ କରାଯାଇଅଛି। କିନ୍ତୁ ବିଶ୍ୱବିଦ୍ୟାଳୟ ଆୟୋଗ କେବଳ ନାକ୍ ଏ ଗ୍ରେଡ୍ ପ୍ରାପ୍ତ ବିଶ୍ୱବିଦ୍ୟାଳୟ କୁ ଦୂର ନିରନ୍ତର ଶିକ୍ଷା ବ୍ୟବସ୍ଥା ପ୍ରଦାନ କରିବା ଫଳରେ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ଦୂର ନିରନ୍ତର ଶିକ୍ଷା ବ୍ୟବସ୍ଥା ପ୍ରଦାନ କରିପାରିନଥିଲା। ଏହାର ମୁଖ୍ୟ କାରଣ ଅତୀତ ରେ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ନାକ୍ ବି ଗ୍ରେଡ୍ ପାଇଥିଲା। ମୟୂରଭଞ୍ଜ ର ସୁପୁତ୍ର ପ୍ରଫେସର କିଶୋର ବସା ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ର କୂଳପତି ହୋଇଆସିବା ପରେ ବିଶ୍ୱବିଦ୍ୟାଳୟ ବିଭିନ୍ନ ପ୍ରକାର କାର୍ଯ୍ୟ ହାତକୁ ନେବା ସହିତ ନାକ ରେ ଭଲ ଗ୍ରେଡ଼ ପାଇବା ପାଇଁ ଦୃଢ଼ ପଦକ୍ଷେପ ନେଇଥିଲେ। ଯାହା ଫଳରେ ବିଶ୍ୱବିଦ୍ୟାଳୟ ନାକ ଏ ଗ୍ରେଡ଼ ପାଇଲା। ସମସ୍ତେ ବିଶ୍ୱାସ କରୁଥିଲେ ଯେ ବିଶ୍ୱବିଦ୍ୟାଳୟ ଏ ଗ୍ରେଡ଼ ପାଇବା ପରେ ପୁଣି ଦୂର ନିରନ୍ତର ଶିକ୍ଷା ବ୍ୟବସ୍ଥା ଖୋଲିବ ତେଣୁ ବିଶ୍ୱବିଦ୍ୟାଳୟ ତରଫରୁ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ କୁ ଆବେଦନ କରାଯାଇଥିଲା। ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ , ବିଶ୍ୱବିଦ୍ୟାଳୟ ଆୟୋଗ ର ସମସ୍ତ ସର୍ତ୍ତ ପୂରଣ କରୁନଥିବାରୁ ଦୂର ନିରନ୍ତର ଶିକ୍ଷା ବ୍ୟବସ୍ଥା ନିମନ୍ତେ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ଅନୁମତି ଦେଇନଥିଲେ ଏବଂ ସମସ୍ତ ଆବଶ୍ୟକତା ପୂରଣ କରିବାକୁ ଏପ୍ରିଲ ୨୦୨୪ ରେ ବିଶ୍ୱବିଦ୍ୟାଳୟ କୁଳପତି କୁ ଜଣାଇଥିଲେ। ଇତି ମଧ୍ୟରେ ବିଶ୍ୱବିଦ୍ୟାଳୟ କୁଳପତି କୌଣସି ପଦକ୍ଷେପ ନ ନେବାରୁ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ରାଜ୍ୟ ସଭା ସଦସ୍ୟା ଶ୍ରୀମତୀ ସରୋଜିନୀ ହେମ୍ବ୍ରମ୍ ଲିଖିତ ଭାବେ ବିଶ୍ୱବିଦ୍ୟାଳୟ କୁଳପତି, କୁଳସଚିବ, ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବ ଏବଂ କୁଳାଧିପତି ଙ୍କ ସଚିବକୁ ୨/୫/୨୪ ତାରିଖ ରେ ଜଣାଇଥିଲେ ମଧ କୌଣସି ସୁଫଳ ମିଳିପାରି ନାହିଁ। ବିଶ୍ୱବିଦ୍ୟାଳୟ ଆୟୋଗ ଦୂର ନିରନ୍ତର ଶିକ୍ଷା ବ୍ୟବସ୍ଥା ବିଶ୍ୱବିଦ୍ୟାଳୟ ରେ ଖୋଲିବା ପାଇଁ ଆବେଦନ ର ଶେଷ ତାରିଖ ୧୫/୬/୨୦୨୪ ପର୍ଯ୍ୟନ୍ତ ବଢାଇଛନ୍ତି। ତେଣୁ ରାଜ୍ୟ ସରକାର ଓ କୁଳପତି ବିହିତ କାର୍ଯ୍ୟାନୁଷ୍ଠାନ ନବାକୁ ସାଧାରଣ ରେ ଦାବି ହୋଇଛି।

# ୧୮ତମ ଆଖଣ୍ଡଳେଶ୍ୱର ବିବାହ ପାଇଁ ପ୍ରସ୍ତୁତି



ଖଇରା, ୯/୬ (ନି.ପ୍ର): ବାଲେଶ୍ୱର ଜିଲା ଖଇରାସ୍ଥିତ ବାବା ଆଖଣ୍ଡଳେଶ୍ୱରଙ୍କ ବିବାହ ପାଇଁ କମିଟି ତରଫରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ୧୧ତାରିଖରେ ଅନୁଷ୍ଠିତ ବିବାହ କାର୍ଯ୍ୟକ୍ରମ ପାଇଁ ଗୁଆ ମଙ୍ଗଳନ ପରେ ଏବେ ଗୁଆବଣ୍ଟା ଓ ନିମନ୍ତ୍ରଣ ପତ୍ର ପ୍ରଦାନ କାର୍ଯ୍ୟକ୍ରମ ଜୋରସୋରରେ କରାଯାଉଛି । ଏଥିନିମନ୍ତେ ଆୟୋଜିତ ପ୍ରସ୍ତୁତି ବୈଠକରେ ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ପୌରହିତ୍ୟ କରିଥିଲେ । ଏଥିରେ ଆଣ୍ଡଳେଶ୍ୱରଙ୍କ ବିବାହ କାର୍ଯ୍ୟ କିଭଳି ସୁରୁଖୁରୁରେ ହୋଇ ପାରିବ ସେଥିପାଇଁ କମିଟି ସଭ୍ୟଙ୍କ ମଧ୍ୟରେ ବ୍ୟାପକ ଆଲୋଚନା କରାଯାଇଥିଲା । ଆଲୋଚନା ଅନୁଯାୟୀ ସକାଳେ ଅଭିଷେକ ପରେ ସଂଧ୍ୟାରେ ଆଳଦାସ୍ଥିତ ନନ୍ଦ କୁମାର ପାଣିଙ୍କ ଘରୁ ବରକନ୍ୟାଙ୍କୁ ବାଜାରୋଷଣି ସହ ଶୋଭାଯାତ୍ରାରେ ମନ୍ଦିର ସମ୍ମୁଖ ବିବାହ ମଣ୍ଡପକୁ ଅଣାଯିବାକୁ ସ୍ଥିର କରାଯାଇଥିଲା । ଉକ୍ତ ପ୍ରସ୍ତୁତି ବୈଠକରେ ପ୍ରଶାନ୍ତ କୁମାର ବେହେରା, ମଳୟ କୁମାର ମହାନ୍ତି, ଯୋଗେଶ ଶତପଥି, ମିହିର କୁମାର ନାୟକ, ତ୍ରୟଲୋକ୍ୟ ଲେଙ୍କା, ପିତାମ୍ବର ନାୟକ,ବିକ୍ରମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ରଜ ପାଇଁ ସଜ, ବନସ୍ତେ ଡାକିଲା ଗଜ କବିତା ଆସର



ବେତନଟୀ , ୯/୬ (ନି.ପ୍ର): ଅଗ୍ରଣୀ କଳା, ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ବାଣୀପୀଠ ତରଫରୁ ଓଡ଼ିଆ ଲେଖକ ପରିଷଦ, ଆମ ସୁନାଚାନ୍ଦ ଜାତୀୟ ଶିଶୁ ସାହିତ୍ୟ ସଂସ୍ଥାନ ଓ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଆନୁକୂଲ୍ୟରେ ବଡ଼ସାହି ବିବେକାନନ୍ଦ ବିହାର ସ୍ଥିତ ବାଣୀଭବନ ଠାରେ ଏକ ମନୋଜ୍ଞ କବିତା ଆସର 'ରଜ ପାଇଁ ସଜ, ବନସ୍ତେ ଡାକିଲା ଗଜ ' ଅନୁଷ୍ଠିତ ହୋଇଥିଲା । କାଯ୍ୟକ୍ରମକୁ ପ୍ରତ୍ୟକ୍ଷ ଭାବେ ବାଣୀପୀଠର ଅଧକ୍ଷ ଡ଼କ୍ଟର କୁମାର ବାବୁଲି ପରିଚାଳନା କରିଥିବାବେଳେ ସଭାପତି ଭାବେ ଆଡ଼ଭୋକେଟ ସତ୍ୟବ୍ରତ ମିଶ୍ର ଓ ମୁଖ୍ୟ ଅତିଥି ଭାବେ ସୁସାହିତ୍ୟିକା ଓ ଉଦଳା ନଗରପାଳ ପ୍ରମିଳା ପଣ୍ଡା ଯୋଗଦାନ ଥିଲେ ଓ ମୁଖ୍ୟବକ୍ତା ଭାବେ ସୁସାହିତ୍ୟିକ ତଥା ଅବସରପ୍ରାପ୍ତ ଅଧକ୍ଷ ଡ଼କ୍ଟର ଜଗତ୍ ବନ୍ଧୁ ଆଚାର୍ଯ୍ୟ ଯୋଗଦାନ କରି ମାନବୀୟ ଉତ୍କଳୀୟ ସଭ୍ୟତା ତଥା ଜଗନ୍ନାଥ ସଂସ୍କୃତିକୁ ଏକତା ସୂତ୍ରରେ ବାନ୍ଧିଥାଏ ରଜପର୍ବ ତାଙ୍କୁ ଉଜ୍ଜିବିତ କରି ରଖିବାର ଦାୟିତ୍ୱ ଆମ୍ଭ ସମସ୍ତଙ୍କର ବୋଲି ମତବ୍ୟକ୍ତ କରିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ମୟୂରଭଞ୍ଜ ସମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା, ବାଣୀପୀଠର ମାଆ ନିଶାମଣି ରାଉତ ଏବଂ ସମ୍ମାନୀତ ଅତିଥି ଭାବେ ଅଧକ୍ଷା ଡକ୍ଟର ମନ୍ଦାକିନୀ ସାହୁ, ଅବସରପ୍ରାପ୍ତ ଶିକ୍ଷା ଜିଲ୍ଲା ଅଧିକାରୀ ହିମାଂଶୁ ଶେଖର ଦାସ ଓ ବଣମଲ୍ଲୀର ସଭାପତି ବାଣୀଶ୍ରୀ ପ୍ରଭାତ କୁମାର ଆଚାର୍ଯ୍ୟ ଯୋଗଦାନ କରି ଅପସଂସ୍କୃତି ଭିତରେ କିଭଳି ଓଡ଼ିଆ ସଂସ୍କୃତି ରଜ ମଉଜ ହଜି ହଜି ଯାଉଛି ସେ ସଂପର୍କରେ ଆଲୋଚ଼ନା କରିଥିଲେ। କବିତା ଗୁଡ଼ିକର ସଂଯୋଜନା କବୟିତ୍ରୀ ମାଳତୀମଣି ଧଳ, ସୁଶ୍ରୀ ରଶ୍ମିତା ପ୍ରମାଣିକ ଓ କବିକଲ୍ଲୋଳ ଶିବଶଙ୍କର ଭୂୟାଁ କରିଥିବା ବେଳେ ମଂଚ ପରିଚାଳନା ସଚୀନ୍ଦ୍ର କୁମାର ବିଶ୍ୱାଳ କରିଥିଲେ। ପ୍ରାରମ୍ଭରେ ପଲ୍ଲୀପ୍ରଭାର ସଂପାଦିକା ରାଉତ ସୂର୍ଯ୍ୟକାନ୍ତି ପୁହାଣ ଅତିଥି ପରିଚୟ କରିଥିଲେ। କବି ସୁବ୍ରତ କୁମାର ମହାନ୍ତି, ନିମାଇପ୍ରସାଦ ଦାଶ, ବେଣୁଧର ଜେନା, ମୀନକେତନ ମହାନ୍ତି, ପ୍ରଦ୍ୟୁମ୍ନ ଦାସ, ବେଣୁଧର ବେହେରା, ଗୀତାଞ୍ଜଳୀ ଗୋସ୍ୱାମୀ, ସୁମତୀ ମହାନ୍ତ, ରଙ୍ଗଲତା ବେହେରା, ବାସୁଦେବ ନାପିତ, ରତିକାନ୍ତ ବେହେରା, ବୃନ୍ଦାବତୀ ନାଏକ, କାର୍ତ୍ତିକ ସେଠୀ, ପର୍ଶୁରାମ ସାହୁ, ଅକ୍ଷୟ କୁମାର ବେହେରା ଆଦି ୫୫ ଜଣ କବିତା ପାଠ କରି ଥିଲେ। ଶିଶୁ କିଶୋର ପତ୍ରିକା 'ଆମ ସୁନାଚାନ୍ଦ'ର ରଜ ସଂଖ୍ୟା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସସ୍ମିତ କୁମାର ରାଉତ ସର୍ବଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ନିବେଦନ



ଆମ ସମୟର ଜଣେ ପରିଚିତ ସମାଜସେବୀ, କବି ତଥା 'ଦା ଟେଲିଗ୍ରାଫ'ର ପୂର୍ବତନ ବାଲେଶ୍ୱର ପ୍ରତିନିଧି ବିରଜା ନାୟକଙ୍କର ୨ଟି ଯାକ କିଡନି ଅଚଳ ହୋଇଯିବା ଯୋଗୁଁ ସେ ବିଶେଷ ଭାବରେ ଅସୁସ୍ଥ ହୋଇପଡ଼ିଛନ୍ତି । ସପ୍ତାହରେ ତାଙ୍କର ୨ଥର ଡାଏଲିସିସ୍ ହେଉଛି । କିଡନି ଟ୍ରାନ୍ସପ୍ଲାଣ୍ଟ ପାଇଁ ଡାକ୍ତର ପରାମର୍ଶ ଦେଉଛନ୍ତି । ଏ ସମସ୍ତ କାର୍ଯ୍ୟ ପାଇଁ ସେ ଆର୍ଥିକ ଦୃଷ୍ଟିରୁ ସଂପୂର୍ଣ୍ଣ ଅକ୍ଷମ ହୋଇପଡ଼ିଛନ୍ତି । ତାଙ୍କର ଏହି ଦୁର୍ଦ୍ଦିନରେ ତାଙ୍କୁ ସାହାଯ୍ୟ କରିବାକୁ ଚାହୁଁଥିଲେ ତାଙ୍କର ଯୋଗାଯୋଗ / ଫୋନପେ ନମ୍ବର - ୬୩୭୦୪୨୬୦୭୫

# ମୋରମ ଚୋରା ଚାଲାଣ ବେଳେ ମାଡ଼ି ବସିଲା ରାଜସ୍ୱ ବିଭାଗ

ନୀଳଗିରି , ୯/୬ (ନି.ପ୍ର): ରବିବାର ଭୋର ୫ ଟା ସମୟରେ ନୀଳଗିରି ଏନଏସି କଦମସାହି ଛକ ନିକଟର ଏକ ମୋରମ ବୋଝେଇ ଟିପର(ଓଡି୦୧-ଏକ୍ସ୧୧୧୭)କୁ ନୀଳଗିରି ରାଜସ୍ୱ ବିଭାଗ ପକ୍ଷରୁ ଜବତ କରାଯାଇଛି।ସୂଚନା ମୁତାବକ ଜାମୁଡିହାରୁ ବେଆଇନ ଭାବରେ ମୋରମ ଖୋଳାଯାଇ ବରୁଣସିଂକୁ ଚାଲଣ କରାଯାଉଥିବା ବେଳେ ଗୁପ୍ତ ସୂଚନା ପାଇ ନୀଳଗିରି ଅତିରିକ୍ତତହସିଲଦାର ବଳରାମ ପୂର୍ତ୍ତି କଦମସାହି ଛକ ନିକଟରେ ଗାଡିଟିକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ ।ହେଲେ ସଠିକ କାଗଜ ପତ୍ର ନଦେଖାଇ ପାରିବାରୁ ଗାଡିଟିକୁ ଜବତ କରାଯାଇ ନୀଳଗିରି ଥାନାର ଜିମା ଦିଆଯାଇଥିବା ବେଳେ ଗାଡି ଚାଳକକୁ ଅଟକ ରଖାଯାଇ ପଚରା ଉଚୁରା ଜାରି ରହିଛି।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo